

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୬ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 16 SEPTEMBER 2020

Vol.No. 30 ■ No. 235 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,





Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


## ପ୍ରଦୀପ ମହାରଥୀ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୫।୯ (ନି.ପ୍ର): ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀ କରୋନା ଆକ୍ରାନ୍ତ ହୋଇଛନ୍ତି । ସେ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସେ କରୋନା ଆକ୍ରାନ୍ତ ହୋଇଛନ୍ତି । ତାଙ୍କ ସହ ସଂସ୍ପର୍ଶରେ ଆସିଥିବା ଲୋକ ମାନଙ୍କୁ ସେ ପରୀକ୍ଷା କରାଇ ନେବାକୁ ନିବେଦନ କରିଛନ୍ତି ।

## ତେଲେଙ୍ଗାନାରେ ୨୦୫୮ ପଜିଟିଭ୍

ହାଇଦ୍ରାବାଦ (ତେଲେଙ୍ଗାନା), ,୧୫।୯ (ନି.ପ୍ର): ରାଜ୍ୟରେ ସୋମବାର ରାତି ୮ଟା ସୁଦ୍ଧା ୫୧,୨୪୭ କରୋନା ପରୀକ୍ଷା କରାଯାଇଛି, ଯେଉଁଥିରେ ୨,୦୫୮ କେସ୍ ଆସିଛି । ଏବେ ସୁଦ୍ଧା ମୋଟ ମାମଲା ସଂଖ୍ୟା ୧,୬୦,୫୭୧ ରେ ପହଂଚିଛି । ଚିକିତ୍ସା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ମଙ୍ଗଳବାର ସକାଳେ ଜାରି ବୁଲେଟିନ ଅନୁସାରେ ଗତ ୨୪ ଘଂଟାରେ କରୋନା ଯୋଗୁ ୧୦ ଜଣଙ୍କର ମୃତ୍ୟୁ ଦୃଷ୍ଟିଗୋଚର ହୋଇଛି । ଏହିପରି କରୋନାରେ ମୃତ୍ୟୁବରଣ

▶▶ପୃଷ୍ଠା ୭

# ଜାନୁଆରୀ ପହିଲାରୁ ଶ୍ରମିକଙ୍କ ପାଇଁ ଲାଗୁ ହେବ ଇ-ମଷ୍ଟର ରୋଲ୍

ଭୁବନେଶ୍ୱର,୧୫।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ ଭିଡ଼ିଓ କନ୍‌ଫରେନ୍ସିଂ ଯୋଗେ ୫'ଟି' ସୂତ୍ର ଆଧାରରେ ବିଭିନ୍ନ ବିଭାଗରେ ଇ-ମଷ୍ଟର ରୋଲ୍ ପ୍ରସ୍ତୁତି ଓ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟାଙ୍କ ଜରିଆରେ ମଜୁରୀ ପ୍ରଦାନ ବ୍ୟବସ୍ଥା ଉପରେ ସମୀକ୍ଷା କରିଛନ୍ତି । ଏହି ଅଭିଯାନରେ ଅନିୟମିତତା ରୋକିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ମଷ୍ଟର ରୋଲ୍ ଗୁଡ଼ିକ ଇଲେକ୍‌ଟ୍ରୋନିକ୍ ପଦ୍ଧତିରେ ପ୍ରସ୍ତୁତ ହେବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ରୂପାୟନ ସଂପୃକ୍ତ ବିଭାଗଗୁଡ଼ିକ ଦ୍ୱାରା ନିୟୋଜିତ ଶ୍ରମିକମାନଙ୍କ ବ୍ୟାଙ୍କ ଜମାଖାତାକୁ ସେମାନଙ୍କ ମଜୁରୀ ହସ୍ତାନ୍ତରିତ ହେବ । ଏହା ଫଳରେ ସର୍ବନିମ୍ନ ମଜୁରୀ



ପ୍ରଦାନର ତଦାରଖ ବ୍ୟବସ୍ଥା ଏବଂ ନିର୍ଦ୍ଧାରିତ ସମୟରେ କର୍ମଚାରୀ ରାଜ୍ୟ ବୀମା ଏବଂ ଭବିଷ୍ୟନିଧି ପାଣ୍ଠିର ଦାଖଲ ସୁନିଶ୍ଚିତ ହୋଇପାରିବ । ଆରମ୍ଭରୁ ଏହା ୫ଟି ବିଭାଗରେ ଲାଗୁ ହେବ ବୋଲି ଜଣାଯାଇଛି । ଜଳ ସଂପଦ, ପୂର୍ତ୍ତ, ପଂଚାୟତିରାଜ, ଗ୍ରାମ୍ୟ ଓ ନଗର ଉନ୍ନୟନ ବିଭାଗରେ ଲାଗୁ ହେବ । ୧୦ କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ ଥିବା ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକଙ୍କ କ୍ଷେତ୍ରରେ ଏହା ଲାଗୁ ହେବ । ମୁଖ୍ୟମନ୍ତ୍ରୀ ଇ-ମଷ୍ଟର ରୋଲ୍ ର ସାର୍ବଜନିକ କାର୍ଯ୍ୟାନ୍ୱୟନ ୨୦୨୧ ମସିହା ଜାନୁଆରୀ ୧ ତାରିଖ ସୁଦ୍ଧା ସଂପନ୍ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେ ମଧ ଉପଯୁକ୍ତ ଆଇନଗତ ବ୍ୟବସ୍ଥା ସହିତ ଉନ୍ନତ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଛନ୍ତି । ଏଥି ପାଇଁ ରାଜ୍ୟସ୍ତରୀୟ ତାଲିମ ଓ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ ସହିତ ସବୁବର୍ଗର କର୍ମଚାରୀମାନଙ୍କୁ ସଚେତନ କରିବା ପାଇଁ ବ୍ୟାପକ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଓ ବିଭିନ୍ନ ବିଭାଗର ସଚିବବୃନ୍ଦ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

## ୩ ଦିନ ଯାଏଁ ପାଗ ଶୁଖିଲା

ଭୁବନେଶ୍ୱର,୧୫।୯ (ନି.ପ୍ର): ମଙ୍ଗଳବାର ଠାରୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ । ଉପକୂଳ, ଉତ୍ତର ଆଭ୍ୟନ୍ତରୀଣ ଓ ଦକ୍ଷିଣ ସୀମାନ୍ତବର୍ତ୍ତୀ ଜିଲ୍ଲାର କିଛି ସ୍ଥାନକୁ ଛାଡ଼ି ଦେଲେ ରାଜ୍ୟରେ ବର୍ଷା ସମ୍ଭାବନା କ୍ଷୀଣ । ତେବେ ୧୯ ଓ ୨୦ ତାରିଖରେ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଗତକାଲି ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ୱେଲମାର୍କଡ୍ ଲୋ ପ୍ରେସର ଏରିଆସମାନ ସ୍ଥିତିରେ ରହିଛି । ଓଡିଶା ଉପରେ ଏହାର ବିଶେଷ ପ୍ରଭାବ ନଥିଲେ ହେଁ ଦକ୍ଷିଣ ସୀମାନ୍ତବର୍ତ୍ତୀ କିଛି ଜିଲ୍ଲାରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଏହି କ୍ରମରେ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ରାଜ୍ୟର ବାକି ସ୍ଥାନରେ ବିଶେଷ ବର୍ଷାର ସମ୍ଭାବନା ନାହିଁ । ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରରେ ସ୍ୱଳ୍ପ ବର୍ଷା ହୋଇପାରେ । ରାଜ୍ୟରେ ମୌସୁମୀ ଦୁର୍ବଳ ରହିଛି । ତେଣୁ ପାଗ ପ୍ରାୟତଃ ଶୁଖିଲା ଓ ଖରାଟିଆ ରହିବ । ଆସନ୍ତା ୨୪ ଘଂଟା ମଧ୍ୟରେ କଟକ-ଭୁବନେଶ୍ୱର ଦ୍ୱୈତନଗରୀର ପାଗ ଆଂଶିକ ମେଘାଛନ୍ନ ରହିବ । କାଁ ଭାଁ ସ୍ଥାନରେ

▶▶ପୃଷ୍ଠା ୭

## କରୋନାରୁ ସୁସ୍ଥ ହେଲେଣି ୧ ଲକ୍ଷ ୨୫ ହଜାର

ଭୁବନେଶ୍ୱର,୧୫।୯ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ଦିନ ଆଉ ୩୭୧୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହା ସହିତ ରାଜ୍ୟରେ ସୁସ୍ଥଙ୍କ ସଂଖ୍ୟା ୧ ଲକ୍ଷ ୨୫ ହଜାର୭୩୮ କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଜାରି ତଥ୍ୟ ଅନୁସାରେ ସୁସ୍ଥ ହୋଇଥିବା ୩୭୧୪ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୪୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବରଗଡ଼ରୁ ୩୯୭, କଟକରୁ ୩୭୫ ଜଣଓ ଯାଜପୁରରୁ ୨୪୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ପୁରୀରୁ ୨୦୧, ମୟୂରଭଞ୍ଜରେ ୧୫୨ ଜଣ,ଝାରସୁଗୁଡ଼ାରୁ ୧୧୭,ବାଲେଶ୍ୱର ୧୧୫, କୋରାପୁଟରୁ ୧୧୫ , କନ୍ଧମାଳରୁ ୧୦୦, ଜଗତସିଂହପୁରର ୯୩, ଗଞ୍ଜାମ ୯୨, କେନ୍ଦ୍ରାପଡ଼ା ୮୮, ସୋନପୁରରୁ ୮୪, ସୁନ୍ଦରଗଡ଼ରୁ ୮୪, ବଲାଙ୍ଗୀରରୁ ୭୫,ଅନୁଗୁଳରୁ ୭୨, ସମ୍ବଲପୁରରୁ ୭୧ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ନୟାଗଡରୁ ୭୦, କେନ୍ଦୁଝରରୁ ୬୦, ନବରଙ୍ଗପୁର ୫୯, ନୂଆପଡ଼ାରୁ ୫୩, କଳାହାଣ୍ଡିରୁ ୪୮ ,ଦେବଗଡ଼ରୁ ୪୩, ଗଜପତିରୁ ୩୮, ଢେଙ୍କାନାଳ ୩୪ , ଭଦ୍ରକରୁ ୩୪, ମାଲକାନଗିରିରୁ ୨୨, ବୌଦ୍ଧରୁ ୧୯,ରାୟଗଡ଼ାରୁ ୧୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ରାଜ୍ୟ କ୍ୟାବିନେଟରେ ତିନୋଟି ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୧୫।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟର ବୈଠକର ୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁସାରେ ଏହି କ୍ୟାବିନେଟ ବୈଠକରେ ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି । ସୁବର୍ଣ୍ଣରେଖା ନଦୀରେ ଏକ ଉଚ୍ଚ ସ୍ତରୀୟ ସେତୁ ନିର୍ମାଣ ପ୍ରସ୍ତାବକୁ ବି ଅନୁମୋଦନ ମିଳିଛି । ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଓ ଭୋଗରାଇ ବ୍ଲକକୁ ଏହି ସେତୁ ସଂଯୋଗ କରିବ । ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଅଧିନିୟମରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ପ୍ରସ୍ତାବିତ ବିଧେୟକ ମାଧ୍ୟମରେ ପଞ୍ଜିକୃତ ଟିକସଦାତା ଉପକୃତ ହେବେ । କର ପ୍ରଶାସକମାନେ ଜିଏସଟି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ପାରିବେ ।

## ପ୍ରଶ୍ନକାଳ ବନ୍ଦ ହେଲେ ବିରୋଧ କରିବ କଂଗ୍ରେସ : ତାରା



,୧୫।୯ (ନି.ପ୍ର):,୧୫ ସେପ୍ଟେମ୍ବର - କରୋନା ମୁକାବିଲାକୁ ଆଳ କରି ବହୁ ଦୁର୍ନୀତି ହେଉଛି । ଦୁର୍ନୀତି ଧରା ପଡିଯିବା ଭୟରେ କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ନବୀନ ସରକାର ପ୍ରଶ୍ନକାଳକୁ ବନ୍ଦ କରିବାକୁ ମସୁଧା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି କଂଗ୍ରେସ ଦଳର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି । ଆସନ୍ତା ସେପ୍ଟେମ୍ବର ୨୯ ତାରିଖରୁ ବିଧାନସଭାର ମୌସୁମୀକାଳୀନ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ ଏହା ପୂର୍ବରୁ ସର୍ବ ଦଳୀୟ ବୈଠକ ଡାକିବାକୁ ଦାବି କରିଛନ୍ତି ଶ୍ରୀ ବାହିନୀପତି । ସେ କହିଛନ୍ତି ଯେ ବିଧାନସଭା ଅଧିବେଶନ ନେଇ ସଚିବ ଯେଉଁ ଚିଠି ପଠାଇଛନ୍ତି ସେଥିରେ ପ୍ରଶ୍ନକାଳ, ଶୂନ୍ୟକାଳ କିମ୍ବା ମୁଲତବୀ ପ୍ରସ୍ତାବ ଆଲୋଚନା ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ କରାଯାଇନାହିଁ । ଯଦି ପ୍ରଶ୍ନକାଳ ବନ୍ଦ କରାଯାଏ ତେବେ କଂଗ୍ରେସ ଏହାକୁ ବିରୋଧ କରିବ ବୋଲି ସେ କହିଛନ୍ତି ।

▶▶ପୃଷ୍ଠା ୭

## ଗୋଟିଏ ଦିନରେ ୩୬୪୫ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୮୬୫୦ କୁ ବୃଦ୍ଧି

ଭୁବନେଶ୍ୱର,୧୫।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୬୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୮୬୫୦ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୨୨୦୨୪ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୫୯୨୮ ରହିଛି । ଆଜି ଚିହ୍ନଟ ହୋଇଥିବା ୩୬୪୫ ଜଣଙ୍କ ମଧ୍ୟରୁ ୨୧୫୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୯୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ




ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୫୧୭ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୩୯ , ବାଲେଶ୍ୱର ଜିଲ୍ଲାରେ ୧୫୬ ଜଣ, ବରଗଡ ଜିଲ୍ଲାରେ ୧୫୭ , ଭଦ୍ରକ ଜିଲ୍ଲାରେ ୧୪୩, ବୌଦ୍ଧ ଜିଲ୍ଲାରେ ୩୦ ବଲାଙ୍ଗିର ଜିଲ୍ଲାରେ ୩୯, କଟକ ଜିଲ୍ଲାରେ ୩୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୫. ଢେଙ୍କାନାଳ ଜିଲ୍ଲାରେ ୬୮, ଗଜପତି ଜିଲ୍ଲାରେ ୯, ଗଂଜାମ ଜିଲ୍ଲାରେ ୪୬, ଜଗତସିଂହପୁର ଜିଲ୍ଲାରେ ୯୫, ଯାଜପୁର ଜିଲ୍ଲାରେ ୧୧୬ . ଝାରସୁଗୁଡା ଜିଲ୍ଲାରେ ୯୧, କଳାହାଣ୍ଡି ଜିଲ୍ଲାରେ ୭୯ . କନ୍ଧମାଳ ଜିଲ୍ଲାରେ ୯୫, କେନ୍ଦ୍ରାପଡା ଜିଲ୍ଲାରେ ୭୫ ,କେନ୍ଦୁଝର ଜିଲ୍ଲାରେ ୫୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୯୫ ଜଣ,

▶▶ପୃଷ୍ଠା ୭

## ଓଡିଶାରେ ବନ୍ୟା କ୍ଷୟକ୍ଷତି ଆକଳନ ଆଜି ଆସିବେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର ,୧୫।୯ (ନି.ପ୍ର): ଓଡିଶାରେ ଗତ ଅଗଷ୍ଟ ମାସରେ ହୋଇଥିବା ବନ୍ୟାର କ୍ଷୟକ୍ଷତି ଆକଳନ ପାଇଁ ଏକ କେନ୍ଦଅୀୟ ଟିମ୍ ଆସନ୍ତାକାଲି (ବୁଧବାର) ଓଡିଶା ଗସ୍ତରେ ଆସିବେ । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରବୀଣ ବଶିଷ୍ଟଙ୍କ ନେତୃତ୍ୱରେ ୨ଦିନିଆ ଓଡିଶା ଆସୁଥିବା ଏହି ଆନ୍ତଃ ମନ୍ତ୍ରୀସ୍ତରୀୟ କେନ୍ଦ୍ରୀୟ ଦଳ ବନ୍ୟା ସ୍ଥିତି ଆକଳନ କରିବେ । ଏହି ଟିମ୍ ରେ କୃଷି ଏବଂ କୃଷକ କଲ୍ୟାଣ ବିଭାଗ, ଜଳ ସମ୍ପଦ, ସଡକ ପରିବହନ ଏବଂ ରାଜପଥ, ଗ୍ରାମୀଣ ବିକାଶ ଏବଂ ଅର୍ଥ ବିଭାଗର ସଦସ୍ୟମାନେସାମିଲ ଅଛନ୍ତି । ଏହି ଦଳ ଆସନ୍ତାକାଲି ଭୁବନେଶ୍ୱରରେ ପହଂଚିବାର କାର୍ଯ୍ୟକ୍ରମ ରହିଛି । ୨ ଦିନିଆ କାର୍ଯ୍ୟକ୍ରମରେ ଏହି ଦଳ ବନ୍ୟା ପ୍ରଭାବିତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଏବଂ ପୁରୀ ଭଳି ୪ ଟି ଜିଲ୍ଲା ପରିଦର୍ଶନ କରି ୧୭ ତାରିଖ ଅପରାହ୍ନରେ ଭୁବନେଶ୍ୱରକୁ ଫେରିବେ । ଏହାପରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ୧୭ ତାରିଖ ଅପରାହ୍ନ ୫ଟାରେ ଲୋକ ସେବା ଭବନରେ ଏହି ଟିମ୍ ସହିତ ଏକ ବୈଠକ ଅନୁଷ୍ଠିତ ହେବ । ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିପର୍ଯ୍ୟୟ ପରିଚାଳନା ଏବଂ ବିଭିନ୍ନ ବିଭାଗର ସଚିବମାନେ ଏହି ବୈଠକରେ ଯୋଗଦେବେ । ପରେ ଏହି ଦଳ ୧୭ ତାରିଖ ସନ୍ଧ୍ୟାରେ ବିମାନ ଯୋଗେ ଫେରିବାର କାର୍ଯ୍ୟକ୍ରମ ରହିଛି ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି

## ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ଶିକ୍ଷାବିତ୍, ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କର ଅସନ୍ତୋଷ ଥିବା ଜଣାଇଲେ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୫।୯ (ନି.ପ୍ର): ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯କୁ ରାଜ୍ୟ ବିଧାନସଭାରେ ବିନା ଆଲୋଚନାରେ ରାଜ୍ୟ ସରକାର ଏଥିରେ ବ୍ୟାପକ ପରିବର୍ତ୍ତନ ଆଣିବା ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପଖୋରୀୟାଲ ନିଶଙ୍କଙ୍କ ପାଖକୁ ଚିଠି ଲେଖି ଏ ସମ୍ବନ୍ଧରେ ତାଙ୍କୁ ଅବଗତ କରାଇଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହାସହ ଓଡିଶା ବିଶ୍ୱବିଦ୍ୟାଳୟ ଅଧ୍ୟାଦେଶକୁ ନେଇ ଶିକ୍ଷାବିତ୍, ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କର ଅସନ୍ତୋଷ ଥିବା ନେଇ ଶ୍ରୀ ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରିବା ସହ ଏହି ମାମଲାରେ ହସ୍ତକ୍ଷେପ



କରିବାକୁ ଅନୁରୋଧ କରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟର ଉଚ୍ଚ ଶିକ୍ଷା ବ୍ୟବସ୍ଥାର ସ୍ୱାୟତତାକୁ ବ୍ୟାପକ ଭାବରେ ସଙ୍କୁଚିତ କରାଯିବା ନେଇ ରାଜ୍ୟର ବୁଦ୍ଧିଜୀବୀ ମହଲରେ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହାସହ ଶ୍ରୀ ପ୍ରଧାନ ପ୍ରଫେସର ଏମ.ସି ଦାସ ଏବଂ ପ୍ରଫେସର ଜି.ବି.ଏନ୍ ଚଇନିଙ୍କ ଦ୍ୱାରା ତାଙ୍କୁ ପ୍ରଦାନ କରିଥିବା ଅଭିଯୋଗ ପତ୍ରକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପଠାଇବା ସହ ସେମାନେ ଉଲ୍ଲେଖ କରିଥିବା ପ୍ରସଙ୍ଗ ସମ୍ପର୍କରେ ମଧ୍ୟ ଅବଗତ କରାଇଛନ୍ତି । ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ବିଶ୍ୱବିଦ୍ୟାଳୟ ମାନଙ୍କର ସ୍ୱାୟତତାକୁ ସଙ୍କୁଚିତ କରିବା ପାଇଁ ଓଡିଶାବିଶ୍ୱବିଦ୍ୟାଳୟ ଅଧିନିୟମ -୧୯୮୯କୁ ପରିବର୍ତ୍ତନ କରିବା ସହ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୦୫କୁ ଉଚ୍ଛେଦ କରି ବିଶ୍ୱବିଦ୍ୟାଳୟ ଗୁଡିକୁ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଅଣାଯାଇଛି । ସିଣ୍ଡିକେଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କ୍ଷୁର୍ଣ୍ଣ କରି ଏହାକୁ ଅମଲା କେନ୍ଦ୍ରିକ କରିବା

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୮ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୬୪୫ ହେଲା

ଭୁବନେଶ୍ୱର,୧୫।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୪୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କଟକ ଜିଲ୍ଲାର ୩ ଜଣ, ବୌଦ୍ଧ. କନ୍ଧମାଳ, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର ଜିଲ୍ଲାର ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବୌଦ୍ଧ ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ



ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୫୨ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୪୫ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପାଡିତ ଥିଲେ । ରାୟଗଡା ଜିଲ୍ଲାର ଜଣେ ୫୦

▶▶ପୃଷ୍ଠା ୭

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ହସ୍ତକ୍ଷେପ ଯୋଗୁଁ ଲୋକ ଅଦାଲତରେ ପାରିବାରିକ କଳହର ସମାଧାନ

ମାଲକାନଗିର,୧୫।୯ (ନି.ପ୍ର): ମାଲକାନଗିରି ସ୍ଥିତ ଟେକ୍ ବାଡ଼ି ସାହିର ନର୍ମଦା ବେହେରାଙ୍କୁ ତାଙ୍କ ସ୍ୱାମୀ ସପନ କୁମାର ଦାସ ନିର୍ଯାତନା ଦେଇ ବିଭିନ୍ନ ପ୍ରକାର ହଇରାଣ କରୁଥିଲେ। ଫଳରେ ନର୍ମଦା ବେହେରା ଅନ୍ୟ ଉପାୟ ନପାଇ ସେ ନିଜେ ଓ ତାହାର ଝିଅମାନେ କିପରି ଏକାଠି ଶାନ୍ତିରେ ରହିପାରିବେ ଓ ତା' ସ୍ୱାମୀଙ୍କୁ ଡକାଇ ସମାଧାନ ନିମନ୍ତେ ଗୋଟିଏ ଅଭିଯୋଗ ପତ୍ର ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଦେଇଥିଲେ। ସଚିବ ଶ୍ରୀ ଅମରେଶ କୁମାର ନାୟକ ଗତ ୧୨ ତାରିଖରେ ଉଭୟ ପକ୍ଷଙ୍କୁ ବୁଝାମଣା ଦ୍ୱାରା ଏହି ପାରିବାରିକ ସମସ୍ୟାର ସମାଧାନ ପାଇଁ କହିଥିଲେ ଓ ଉଭୟ ପକ୍ଷ ନିଜ ନିଜ ଭୁଲ୍ ବୁଝି ଆପୋଷ ବୁଝାମଣାରେ ତାଙ୍କ ପାରିବାରିକ ମାମଲାର ସମାଧାନ ସକାଶେ ରାଜି ହୋଇ ରାଜିନାମା ପତ୍ର ଦାଖଲ କରିଥିଲେ। ଓ ଏଥରକ ସେମାନେ ତାଙ୍କ ପରିବାରକୁ ନେଇ ହସଖୁସିରେ ରହିବେ ବୋଲି ବିଚାରପତିଙ୍କ ପାଖରେ ସମ୍ମତି ଦେଇଥିଲେ। ଯାହାଦ୍ୱାରା ଏକ ପରିବାରର ବହୁତ ଦିନ ହୋଇ ଚାଲି ଆସୁଥିବା କଳହର ଆପୋଷ ବୁଝାମଣାରେ ଫଇସଲା କରାଯାଇ ପାରିଥିଲା।

# ପୋଲାଭରମ ପ୍ରକଳ୍ପ ଜନ ବିରୋଧୀ ମଂଚର ପ୍ରକଳ୍ପ ବିରୋଧ ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି,୧୫।୯ (ନି.ପ୍ର): ମୋଟୁ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପୋଲାଭରମ ପ୍ରକଳ୍ପ ଜନ ବିରୋଧୀ ମଂଚର ଜାତୀୟ କମିଟି ଅଧକ୍ଷ ପ୍ରଭାକର ହନ୍ତାଳଙ୍କ ଅଧକ୍ଷତାରେ ଆଗାମୀ ଦିନରେ ପୁନର୍ବାର ପୋଲାଭରମ ପ୍ରକଳ୍ପକୁ ବିରୋଧ କରିବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗତବର୍ଷ କେନ୍ଦ୍ର ସରକାର ଏକ ସତ୍ୟପାଠ ଜରିଆରେ ମାନ୍ୟବର ସୁପ୍ରିମକୋର୍ଟଙ୍କୁ ଓଡ଼ିଶା ଓ ଛତିଶଗଡ଼ର ପୋଲାଭରମ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ କିମ୍ବା ଥଇଥାନର ଆବଶ୍ୟକତା ନ ଥିବା ଉଲ୍ଲେଖ କରିଛନ୍ତି। କାରଣ, ସିଲେରୁ ଏବଂ ସାବେରୀ ନଦୀର ଉଭୟ କୂଳରେ ସେମାନେ ଆଡିବନ୍ଧ ନିର୍ମାଣ କରିବେ ପୋଲାଭରମର ପଛୁଆ ଜଳ ଏ ଦୁଇଟି ରାଜ୍ୟର ସୀମାରେ ନ ପଶିବାକୁ। ଏ ସତ୍ୟପାଠ ମାନ୍ୟବର କୋର୍ଟରେ ଦାଖଲ କରିବା ପୂର୍ବରୁ ବୈଷୟିକ ଏକ୍ସପୋର୍ଟଙ୍କ ପରାମର୍ଶ ନେଇ ନ ଥିବା ପରିଲକ୍ଷିତ ହେଉଛି। କାରଣ, ଆଡିବନ୍ଧ ତିଆରିକଲେ ବର୍ଷାଦିନେ ମାଲକାନଗିରି ଜିଲ୍ଲାର ବିଭିନ୍ନ ନଦୀନାଳ ର ବନ୍ୟାପାଣି ନିଷ୍କାସନ ହେବ କିପରି ? ଆଉ ଅଧିକରୁ ଅଧିକ ଗ୍ରାମ ଏ ବନ୍ୟାପାଣିରେ ବୁଡିଯିବ। ତେଣୁକରି ଆନ୍ଧ୍ର ଓ କେନ୍ଦ୍ର ସରକାରଙ୍କ ଆଦିବାସି ଦଳିତ ମାରଣନୀତି ବିରୁଦ୍ଧରେ ଆଗାମୀ ତା - ୧୬/୦୯/୨୦୨୦ ରିଖରୁ ପୋଲାଭରମ ପ୍ରକଳ୍ପ ଜନ ବିରୋଧୀ ସଂଗଠନର ଏକ ପ୍ରତିନିଧି ଦଳ ପୋଲାଭରମ ଡ୍ୟାମ କ୍ଷତିଗ୍ରସ୍ତ ଅଂଚଳ ଗସ୍ତକରି ଲୋକଙ୍କୁ ସଚେତନ କରି ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରିବାକୁ ପ୍ରସ୍ତୁତି ବୈଠକରେ ନିଷ୍ପତି ହୋଇଅଛି। ଏ ବୈଠକରେ କୋଭିଡ ନିୟମ ଅନୁଯାୟୀ ସାମାଜିକ ଦୂରତା ରକ୍ଷାକରି ସମସ୍ତେ ମାସ୍କ ପରିଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସହ ସମ୍ପାଦକ ଏ.ଡି. ଦ୍ୱେଦାନାମ, ମୋଟୁ ଗ୍ରାମ ପଂଚାୟତ ସରପଂଚ ମୁନା ସୋଢ଼ୀ , ସଂଗଠନର ମେମ୍ବର କାଟାମ ଜଗା, ଦାରି ରାଜା, ମାଡକାମୀ ସୁବା ଓ ମାଡକାମୀ ଭିମା ପ୍ରମୁଖ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ।

# ବନୁର ଗ୍ରାମ ରେ ଟ୍ରାନ୍ସଫର୍ମର ପୋଡି ଦୁଇ ମାସ ବିତିଲା, ହେଲେ ଏବେବି ହୋଇନି ମରାମତି

ମାଲକାନଗିରି,୧୫।୯ (ନି.ପ୍ର): ଗାଁ କୁ ଗାଁ ବିଜୁଳି ସଂଯୋଗ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ! ଗାଁ ଗୁଡିକରେ ବିଦ୍ୟୁତ ସେବା ପହଂଚୁଛି ସତ କିନ୍ତୁ ନିମ୍ନମାନର କାମ ହୋଇଥିବା ଯୋଗୁଁ ତାହା ଅଳ୍ପ କେଇଟା ଦିନ ଚାଲିବା ପରେ ଠପ ହୋଇଯାଉଛି। ଟ୍ରାନ୍ସଫର୍ମର ପୋଡି ଆଜିକୁ ୨ ମାସ ବିତିଗଲାଣି କିନ୍ତୁ ଏନେଇ ବିଭାଗୀୟ କର୍ମଚାରୀ ଙ୍କ ନିଦ ଭାଙ୍ଗିନି । ଏଭଳି ଅଭାବନୀୟ ପରିସ୍ଥିତି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାରଲାକୋଟା ପଞ୍ଚାୟତ ର ବନୁର ଗ୍ରାମରେ ଦେଖାଦେଇଛି। ଆଜିକୁ ପ୍ରାୟ ୨ ମାସ ରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଗ୍ରାମର ଟ୍ରାନ୍ସଫର୍ମର ପୋଡି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ସେଠାରେ ସାଉଥକୋ ବିଭାଗ ର କର୍ମଚାରୀ ଙ୍କ ପାଦ ପଡି ନଥିବା କହିଛନ୍ତି ଗ୍ରାମବାସୀ। ବିଦ୍ୟୁତ ସେବା ଠପ ହୋଇଯାଇଥିବା ଯୋଗୁଁ ଗତ ଲଗାଣ ବର୍ଷା ରେ ବହୁ ଅସୁବିଧା ର ସମ୍ମୁଖୀନ ହୋଇଛନ୍ତି। ଗ୍ରାମବାସୀ ବାରମ୍ବାର ସାଉଥକୋ ନିକଟରେ ଅଭିଯୋଗ କରିଥିଲେ ମଧ କାର୍ଯ୍ୟାନୁଷ୍ଠାନ ଶୂନ। ଚାଷ କାର୍ଯ୍ୟ ରେ ବହୁ ଅସୁବିଧା ହେବା ସହ ପିଲାଙ୍କ ପାଠ ପଢା ରେ ବାଧା ଉପୁଜୁଥିବା କହିଛନ୍ତି ଗ୍ରାମବାସୀ। ବିଦ୍ୟୁତ ନଥିବା ଫଳରେ ବେଳେ ବେଳେ ଜଙ୍ଗଲ ଜୀବଜନ୍ତୁ ଙ୍କ ଆକ୍ରମଣର ଶିକାର ହେଉଛନ୍ତି ଏହି ନିରୀହ ଆଦିବାସୀ। ତେଣୁ ତୁରନ୍ତ ସେମାନଙ୍କ ଗ୍ରାମ କୁ ବିଦ୍ୟୁତ ସେବା ଯୋଗାଇବାକୁ ଦାବି କରିଛନ୍ତି ଗ୍ରାମବାସୀ !

## ହରିବଂଶ ହେଉଛନ୍ତି ଉତ୍ତମ ସ୍ତରର ଅମ୍ପାୟାର - ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୫।୯ (ନି.ପ୍ର): ହରିବଂଶ ନାରାୟଣ ସିଂହ ରାଜ୍ୟସଭାର ଉପ ସଭାପତି ଭାବେ ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ରାଜ୍ୟ ସଭାରେ କହିଛନ୍ତି ଯେ ହରିବଂଶ ଜଣେ ସାମ୍ବାଦିକ ଓ ସମାଜସେବୀ ଭାବେ ଜନସେବା କରି ଆସିଛନ୍ତି । ସେ ଜଣେ ଉତମ ସ୍ତରର ଅମ୍ପାୟାର । ସେ ରାଜ୍ୟସଭାକୁ ଅତ୍ୟନ୍ତ କୁଶଳତାର ସହ ପରିଚାଳନା କରିଥିବା ଆମେ ଦେଖିଛୁ । ତାଙ୍କର ପରିଚାଳନା ଅତ୍ୟନ୍ତ ନିରପେ କ୍ଷ ଓ ଗଣତନ୍ତ୍ରକୁ ମଜବୁତ କଲା ଭଳି । ସେ ଆଗାମୀ ଦିନରେ ମଧ୍ୟ ତାଙ୍କର ଏହି ଭୂମିକା ଜାରୀ ରଖିବେ ବୋଲି ସେ କହିଛନ୍ତି ।

## ନକଲି ଘିଅ ଓ ସସ୍ କାରଖାନା ଉପରେ ପୋଲିସର ଚଢ଼ଉ

କଟକ,୧୫।୯ (ନି.ପ୍ର): କଟକ ଚୌଦ୍ୱାର ଅଂଚଳରେ ଏକ ନକଲି ଘିଅ ଓ ସସ୍ କାରଖାନା ଉପରେ କମିଶନରେଟ ପୋଲିସ ପକ୍ଷରୁ ଚଢ଼ଉ କରାଯାଇଛି । ଏହି ଚଢ଼ଉ ବେଳେ ସେଠାରୁ ବିପୁଳ ପରିମାଣର ନାମିଦାମୀ ବ୍ରାଣ୍ଡର ଘିଅ ଓ ସସ୍ ଜବତ ହୋଇଛି । ଏଥିସହିତ ଘିଅ ଓ ସସ୍ ତିଆରି ମେସିନକୁ ମଧ ଜବତ କରିଛି ପୋଲିସ । ଘଟଣାରେ କାରଖାନାର ମାଲିକଙ୍କୁ ଥାନାରେ ଅଟକ ରଖି କମିଶନରେଟ ପୋଲିସ ପକ୍ଷରୁ ପଚରା ଉଚୁରା ଜାରୀ ରହିଛି । ୯ ନଂ ୱାର୍ଡ଼ର ଗାର୍ଲସ ହାଇସ୍କୁଲ ନିକଟ କାରଖାନା ଉପରେ ଏହି ଚଢ଼ଉ ହୋଇଛି । ଦୀର୍ଘ ଦିନ ହେବ ସେଠାରେ ଏହି ନକଲି କାରଖାନା ଚାଲୁଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି ।

# ଅକ୍ଟୋବର ୧୫ରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକମାନଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବ ଭଞ୍ଜସେନା

ବାରିପଦା,୧୫।୯ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ ଘୋଷଣା ଅନୁସାରେ ଆସନ୍ତା ଅକ୍ଟୋବର ୧୫ରୁ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକମାନଙ୍କ ବାସଭବନ ସମ୍ମୁଖରେ ଭଞ୍ଜସେନା ପକ୍ଷରୁ ଧାରଣା ପ୍ରଦାନ କରାଯିବ ବୋଲି ସେନାର ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଆଜି ଏକ ପ୍ରେସ ଇସ୍ତାହାରରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଥିବା ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲ ବହୁ ଆନ୍ଦୋଳନ ଓ ସଂଘର୍ଷ ପରେ ପ୍ରତିଷ୍ଠା ହୋଇଥିଲେ ମଧ ମେଡ଼ିକାଲ କଲେଜ ଓ ହସପିଟାଲ ମାଧମରେ ଜିଲ୍ଲାବାସୀ ଅଦ୍ୟାବଧି ଅତ୍ୟାଧୁନିକ ବା ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହୋଇ ଆସୁଛନ୍ତି । ସେହିପରି ଜିଲ୍ଲାର ୨୬ଟି ବ୍ଲକଗୁଡ଼ିକରେ ରହିଥିବା ଛୋଟବଡ଼ ଡ଼ାକ୍ତରଖାନା ହେଉ ଅଥବା ହସପିଟାଲ ସବୁଥିଲେ ଆବଶ୍ୟକ ସଂଖ୍ୟକ ଡ଼ାକ୍ତର, ଫାର୍ମାସିଷ୍ଟ, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀ ସହ ଆଧୁନିକ ଯନ୍ତ୍ରପାତି ଓ ଉପକରଣ ନ ଥିବାରୁ ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ ଅବସ୍ଥାକୁ ଚାଲିଆସିଛି । ସରକାର ମଧ ଜନସାଧାରଣଙ୍କୁ ଉନ୍ନତ ତଥା ଆଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ କରାଇବା କ୍ଷେତ୍ରରେ ବିଫଳ ହୋଇଛି । ଏଣୁ ବାରିପଦା ପିଆରଏମ ମେଡ଼ିକାଲ ସହ ଜିଲ୍ଲାରେ ଥିବା ସମସ୍ତ ହସପିଟାଲ, ଡ଼ାକ୍ତରଖାନାଗୁଡ଼ିକରେ ଖାଲିପଡ଼ିଥିବା ସମସ୍ତ ପଦବୀଗୁଡ଼ିକୁ ଅବିଳମ୍ବେ ପୂରଣ କରାଯିବା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆବଶ୍ୟକୀୟ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ଆଦି ଯୋଗାଇ ଦେବା ଆଦି ବିଭିନ୍ନ ଦାବିକୁ ନେଇ ଭଞ୍ଜସେନା ଗତ ଜୁଲାଇ ୨୯ରେ ବାରିପଦାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ରାଇରଙ୍ଗପୁରସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଏଥିସହିତ ସେନାର ଦାବିଗୁଡ଼ିକୁ ଅବିଳମ୍ବେ ପୂରଣ କରିବା କ୍ଷେତ୍ରରେ ଯଦି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିଫଳ ହୁଅନ୍ତି ତେବେ ସେନା ପକ୍ଷରୁ ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକମାନଙ୍କ ଘର ସମ୍ମୁଖରେ ଧାରଣାରେ ବସିବ ବୋଲି ଚେତାବନୀ ଦେଇଥିଲେ । ମାତ୍ର ଏହା ମଧରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସେନାର ଦାବିକୁ ଅଣଦେଖା ପ୍ରଦର୍ଶନ କରି କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ଭଞ୍ଜସେନା ତାର ପୂର୍ବ ନିର୍ଦ୍ଧାରିତ ତଥା ଘୋଷଣାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଆସନ୍ତା ଅକ୍ଟୋବର ୧୫ରୁ ଧାରଣାରେ ବସିବ ବୋଲି ପ୍ରେସ ଇସ୍ତାହାରରେ ଉଲ୍ଲେଖ କରିଛି ।

# ମହାନ କଳାକାର ଅଜିତ ଦାସଙ୍କ ଅକାଳ ବିୟୋଗରେ ଜନ୍ମମାଟି ସ୍ତବ୍ଧ

ବାରିପଦା,୧୫।୯ (ନି.ପ୍ର): ଗତ ୧୩ ତାରିଖ ଭୁବନେଶ୍ୱରରେ ସିନେ ଜଗତର ମହାନ କଳାକାର ଅଜିତ ଦାସଙ୍କ ୭୧ ବର୍ଷ ବୟସରେ ଅକାଳ ବିୟୋଗ ଘଟିଥିବାର ଖବର ପାଇ ତାଙ୍କ ଜନ୍ମ ମାଟି ମୟୂରଭ ଜିଲ୍ଲା କରିଆ ଅଂଚଳ ସ୍ତବ୍ଧ ହୋଇଯାଇଛି । ଏ ଅଂଚଳ ଆଜି ଅଜିତ ଦାସଙ୍କ ଭଳି ଜଣେ ମହାନ କଳାକାରଙ୍କୁ ହରାଇଛି । ମହାମାରୀ କରୋନା ତାଙ୍କ ଜୀବନ ନେଇଛି । ସେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କର ପରଲୋକ ଘଟିଥିବା ଖବର ପ୍ରସାରିତ ହେବାପରେ ସାରା ରାଜ୍ୟର କଳା ଜଗତରେ ଶୋକର ଛାୟା ଖେଳିଯାଇଛି । ୧୯୪୯ ମସିହା ଜାନୁଆରୀମାସ ୨୦ ତାରିଖ ଦିନ କରିଆ ଠାରେ ତାଙ୍କର ଜନ୍ମ ହୋଇଥିବା ବେଳେ ସେ ଓକିଲ ଶୈଳେଶ ଦାସଙ୍କ ଚାରି ପୁଅ ମଧ୍ୟରୁ ବଡପୁଅ ଥିଲେ । ସେ ବାଲ୍ୟକାଳରୁ ନାଟକ କରୁଥିବା ବେଳେ ହିନ୍ଦୀ କଳାକାର ମାନଙ୍କର ଫୋଟୋ ଆଲବମ୍‌ରେ ସାଇତି ରଖି ବାପାଙ୍କ ଠାରୁ ଅନେକ ସମୟରେ ଗାଳି ଶୁଣୁଥିଲେ । ସେ କରିଆ ଖଜୁରିସାଗର ହାଇସ୍କୁଲରୁ ନେଇ କରିଆ କଲେଜରେ ପାଠ ପଢୁଥିବା ବେଳେ ବହୁ ନାଟକରେ ଅଭିନୟ କରିଥିଲେ । ପରେ ସେ ଏନ.ଏସ.ଡି.ରେ ଅଧ୍ୟୟନ କରି ଜଣେ ପୋଖତ କଳାକାର ହୋଇ ବାହାରିବା ସହିତ ବହୁ କଳାକାର ମଧ୍ୟ ତିଆରି କରିଯାଇଛନ୍ତି । ତାଙ୍କ ବିୟୋଗରେ କରିଆର ବରିଷ୍ଠ କଳାକାର ଉମାକାନ୍ତ ସାହା,କରିଆ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ କରୁଣାକର ଦାଶ ଓ ଅନ୍ୟ କଳାକାର ମାନେ ଶୋକ ବ୍ୟକ୍ତ କରିଥିବା ବେଳେ ତାଙ୍କ ସାନଭାଇ ଶ୍ରୀ ମୋହିତ ଦାସ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ।

## ଯୁବ ବ୍ୟବସାୟୀଙ୍କ ହୃଦଘାତରେ ଅକାଳ ବିୟୋଗ

କେନ୍ଦ୍ରାପଡା,୧୫।୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ଜଣାଶୁଣା ଯୁବ ବ୍ୟବସାୟୀ ଶିବ ପ୍ରସାଦ କର (୫୪)ଙ୍କ ହୃଦଘାତରେ ଅକାଳ ପରଲୋକ ହୋଇଯାଇଛି । ସେ କେନ୍ଦ୍ରାପଡା ପୌରାଂଚଳ ଅଧିନ ଗୋପ ଗ୍ରାମର ବାସିନ୍ଦା ତଥା କେଶପୁର ବଜାରରେ ସିରିଡି ସାଇ ଲଜିଙ୍ଗ କରି ବ୍ୟବସାୟ କରୁଥିଲେ । ସେ ଗତ କିଛିଦିନ ହେବ ଅସୁସ୍ଥ ରହି ଘରେ ଚିକିତ୍ସାଧିନ ଥିଲେ । ତେବେ ରବିବାର ସକାଳ ୭ଟା ସମୟରେ ତାଙ୍କର ପରଲୋକ ହୋଇଯାଇଛି ।

# କଂଟିଘାଇ ବନ୍ୟା ବିପତି ବିରୋଧରେ ନବନିର୍ମାଣ କୃଷକ ସଙ୍ଗଠନର ସମାବେଶ ଓ ଶପଥପାଠ

ଭଦ୍ରକ, ୧୫/୯ (ହି.ସ.) - ଭଣ୍ଡାରିପୋଖରୀ ବ୍ଲକ ବୈତରଣୀ ନଦୀର କଂଟିଘାଇକୁ ବନ୍ଦ କରିବାକୁ ବ୍ୟାପକ ଜନଆନ୍ଦୋଳନ ଆରମ୍ଭ କରାଯିବ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ସୋମବାର କଂଘାଇ ଠାରେ ଆୟୋଜିତ ସମାବେଶରେ ସରକାରଙ୍କୁ ସତର୍କ କରାଇ ଦେଇଛନ୍ତି। ଅଧାପକ ଅନାଦି ଚରଣ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏହି ସମାବେଶରେ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଦାସ, ଷୋଳମପୁର ସମିତି ସଭ୍ୟ ଖଗେଶ୍ୱର ଯେନା, ସ୍ଥାନୀୟ ଉତ୍ସାହୀ ମହିଳା ଶାନ୍ତିଲତା ଯେନା, ରାଣିଆ ଯେନା, ସଙ୍ଗଠନର ଚାନ୍ଦବାଲି ସଂଯୋଜକ କୃଷ୍ଣଚନ୍ଦ୍ର ବିଶ୍ୱାଳ, କୃଷକ ନେତା ଲମ୍ବୋଦର ପାତ୍ର, ତିହିଡି ସଂଯୋଜକ ଗଗନ ବିହାରୀ ମହାନ୍ତି, କୃଷକ ନେତା ପ୍ରଫୁଲ୍ଲ କୁମାର ପାଢ଼ୀ, ଭଦ୍ରକ ବ୍ଲକ ସଂଯୋଜକ ଆର୍ତତ୍ରାଣ ତିୱାରୀ, ଯୁବଛାତ୍ର ସଂଗଠନ ସଂଯୋଜକ ମନଓ୍ୱର ଅଲ୍ଲୀ, ଯାଜପୁର ଜିଲ୍ଲା ସହ ସଂଯୋଜକ ଅଶୋକ ଶ୍ୟାନ୍ତି, ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, କଂଟିଘାଇ ପ୍ରତିରୋଧ ସଂଗ୍ରାମ ସମିତି ଆବାହକ ସନ୍ତୋଷ ଦାସ ପ୍ରମୁଖ ବକ୍ତବ୍ୟ ରଖି କଂଟିଘାଇ ବନ୍ୟାରେ ତିହିଡି, ଚାନ୍ଦବାଲି, ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକର ୭୦ରୁ ଅଧିକ ପଂଚାୟତର ହଜାର ହଜାର ହେକ୍ଟର ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏଥିପାଇଁ ସରକାର ଏକର ପିଛା ପନ୍ଦର ହଜାର ଟଙ୍କା ଓ ଭାଗଚାଷୀଙ୍କ ପାଇଁ ସାଢ଼େ ସାତ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଜନସାଧାରଣଙ୍କ ଧୈର୍ଯ୍ୟହରା ହୋଇଥିବାରୁ ସରକାର କଂଟିଘାଇ ସମସ୍ୟାର ସମାଧାନରେ କାଳକ୍ଷେପଣ ନୀତି ଛାଡିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। କଂଟିଘାଇର ଉଚ୍ଚତା ୫ମିଟର ବୃଦ୍ଧି କରି ଦୈର୍ଘ୍ୟ ମାତ୍ର ୧୭୦ ମିଟରରେ ସୀମିତ ରଖିବାକୁ ଦାବି କରିଥିଲେ। ଏହି ଦାବି ହାସଲ ପାଇଁ ଉପସ୍ଥିତ ଚାନ୍ଦବାଲି, ତିହିଡି, ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକର ଶହ ଶହ ଲୋକଙ୍କୁ ଶପଥପାଠ କରାଯାଇଥିଲା। ଅଗାମୀ ୨୨ ତାରିଖରେ ଚଣ୍ଡିଖୋଲ ଠାରେ କୋଡିଏ ହଜାର କୃଷକ ଉପଯୁକ୍ତ ବନ୍ୟା କ୍ଷତିପୂରଣ ପାଇଁ ରାଜପଥ ଅବରୋଧ କରିବେ ବୋଲି ସୂଚନା ଦିଆଯାଇଥିଲା। ଜାତିର ପିତା ମହତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା ଆରମ୍ଭ କରାଯାଇଥିଲା। ଅତିଥି ପରିଚୟ ଜିଲ୍ଲା ସଂଯୋଜକ ସତ୍ୟରଞ୍ଜନ ନାୟକ, ସଂଗଠକ ତ୍ରିଲୋଚନ ନାୟକ ସ୍ୱାଗତ ଭାଷଣ ଓ ଭଣ୍ଡାରିପୋଖରୀ ସଂଯୋଜକ ବିବେକାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାନ୍ତ ନାୟକ, ଗଗନ ଭୋଇ, ଗୋକୁଳାନନ୍ଦ ସାମଲ, ପ୍ରଶାନ୍ତ ନାୟକ, ଅଜୟ ଜେନା, ପ୍ରଦୀପ ସେନାପତି, ବିଜୟ ନାୟକ, ଦେବେନ୍ଦ୍ର ବାରିକ, ସନ୍ତୋଷ ଭାରତୀ, ରବିନ୍ଦ୍ର ସାହୁ, ଉପେନ୍ଦ୍ର ଶଙ୍ଖୁଆ ପ୍ରମୁଖ ସଂଗଠକମାନେ ପରିଚଳନା କରିଥିଲେ।

# ଚାଷ ପାଇଁ ଦାଉ ସାଜିଛି ରୋଗ ପୋକ : ଫସଲ ଅମଳକୁ ନେଇ ଚିନ୍ତାରେ ଚାଷୀ

ଭଦ୍ରକ, ୧୫/୯ (ହି.ସ.) - ଚାଷୀଙ୍କ ପାଇଁ ସମସ୍ତେ ବଇରୀ ସାଜିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ କୃଷି ବିଭାଗର ଖାମଖିଆଲି ନୀତି ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଗତମାସ ଲଗାତର ଚାରିଟି ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟା ଫଳରେ ତିହିଡି ବ୍ଲକ୍‌ର ୮ଟି ପଂଚାୟତରେ ପାଖାପାଖି ୧୦ ହଜାର ହେକ୍ଟର ଚାଷ ଜମିରେ ଧାନ ନଷ୍ଟ ହୋଇଯାଇଛି। ଯେଉଁ ଚାଷଜମି ଗୁଡିକ ବନ୍ୟା ଦ୍ୱାରା କ୍ଷତି ହୋଇନାହିଁ, ସେଗୁଡିକ ପାଇଁ ଏବେ ରୋଗ ପୋକ ସମସ୍ୟା ଉଗ୍ରରୂପ ଧାରଣ କରିଛି। ଖାଲି ସେତିକି ନୁହେଁ, କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ନିମ୍ନମାନର ବିହନ ଯୋଗୁଁ ଅନେକ ଚାଷୀ ଆରମ୍ଭରୁ ଝୁଂଟିଥିଲେ। ତଳି ପକାଇଥିବା ଧାନଗଜା ନହେବା କାରଣରୁ ପୁଣି ଥରେ ଧାନ କିଣି ତଳି ପକାଇଥିଲେ। ହେଲେ ଏହି ତଳି ଧାନ ମଧ୍ୟରୁ କିଛି ଏବେ ଥୋଡ ବାହାରିବାକୁ ବସିଲାଣି। ତଳି ରୁଆ ନସରୁଣୁ କେତେକ ସ୍ଥାନରେ ଧାନରେ ଥୋଡ ଆସିଥିବା ଦେଖିବାକୁ ମିଳିଛି। ତଳି ରୋଇବାର ମାତ୍ର ୨ ମାସ ମଧ୍ୟରେ ଏହି ରୁଆ ଧାନରେ ଥୋଡ ଓ ଚିଞ୍ଚା ବାହାରିବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଯେଉଁ ଧାନ ସର୍ବନିମ୍ନ ସାଢେ ଚାରିମାସରେ ଥୋଡ ବାହାରିବା କଥା, ତାହା ୨ ମାସ ମଧ୍ୟରେ ଥୋଡ ଆସିଛି। ବାହାରିଥିବା ଥୋଡ ଅତ୍ୟନ୍ତ ଦୁର୍ବଳ ଓ ନିମ୍ନମାନର ହୋଇଥିବାରୁ ତାହା ମଧ୍ୟ ଅମଳକ୍ଷମ ନହେବା ସନ୍ଦେହ ପ୍ରକାଶ ପାଇଛି। ସରକାରୀ ଷ୍ଟାମ୍ପରେ କିଣାଯାଉଥିବା ସରକାରୀ ବିହନ ଅତ୍ୟନ୍ତ ନିମ୍ନମାନର ଓ ନକଲି ହୋଇଥିବାରୁ ଏପରି ଅଭାବନୀୟ ସ୍ଥିତି ଦେଖିବାକୁ ମିଳୁଛି ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ଗତ ୨୦୧୯-୨୦ ଖରିଫ ଚାଷରେ ଚାଷୀଙ୍କୁ ଦିଆଯାଇଥିବା ବିହନରେ ଅଧିକାଂଶ ବାଲୁଙ୍ଗା ମିଶା ହୋଇଥିବା ଚାଷୀ ଅଭିଯୋଗ କରିଥିଲେ। ଏଥିପାଇଁ ସରକାରୀ ବିହନ ଉପରେ ଚାଷୀଙ୍କ ଆଉ ଭରସା ପାଉନି। ସମବାୟ ସମିତି ଓ ବିଭିନ୍ନ କୃଷି କାର୍ଯ୍ୟାଳୟରୁ ବିହନ ନେଇ ତଳି ପକାଇଥିବା ଚାଷୀ ବାରମ୍ବାର ଏପରି ହଇରାଣ ହରକତ ହେଉଛନ୍ତି। ତିହିଡି ଓ ଚାନ୍ଦବାଲି ବ୍ଲକ୍‌ରେ ଚଳିତ ଖରିଫ ଚାଷ ଏକ ପ୍ରକାର ବିପର୍ଯ୍ୟୟ ମୁହଁକୁ ଠେଲି ହୋଇଯାଇଥିବା ଜଣାଯାଇଛି। ଏବେ ରୁଆ ହୋଇଥିବା ଧାନ ଗୁଡିକ ରୋଗ ପୋକ ଦ୍ୱାରା ଆକ୍ରାନ୍ତ ହେଲାଣି। ନୂଆ ନୂଆ ରୋଗ ଧାନ ଗଛ ଗୁଡିକୁ ଜାଳି ପକାଉଛି। ଧାନପତ୍ର ଅଗ ପୋଡି ଯାଉଥିବା ବେଳେ ଗଛର କାଣ୍ଡ ଓ ମୂଳ ମଧ ଏହି ପୋକ ମାନଙ୍କ ଦ୍ୱାରା ସଂକ୍ରମିତ ହେଉଥିବା ଦେଖିବାକୁ ମିଳୁଛି। ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ ଚାଷୀ ବିଭିନ୍ନ କିସମର କୀଟନାଶକ ପ୍ରୟୋଗ କରୁଥିଲେ ମଧ ତାହା କାମ କରୁନଥିବା ଅଭିଯୋଗ କରିଛନ୍ତି। ବିଶେଷକରି ତିହିଡି ବ୍ଲକ୍ ଜାମଯୋଡି ପଂଚାୟତ ଅମୃତପୁର ମୌଜାରେ ରୁଆ ଯାଇଥିବା ୧୦୦୧ ଧାନରେ ଏବେ ଥୋଡ ବାହାରି ଗଲାଣି। ଏହି ମୌଜାର ଅନେକ ଚାଷୀ ପାଖାପାଖି ୪୫ ଏକର ଜମିରେ କରିଥିବା ୧୦୦୧ ଧାନ ଏବେ ଗଛରୁ ଛିଂଚା ବାହାରି ପଡିଛି। ଅତ୍ୟନ୍ତ ଦୁର୍ବଳ ଓ ନିମ୍ନମାନର ହୋଇଥିବା ଏହି ଧାନ ଛି। ଆଦୌ ପରପକ୍ୱ ହୋଇନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅସମୟରେ ଧାନରୁ ଥୋଡ ବାହାରିବା ଚାଷୀଙ୍କୁ ବିବ୍ରତ କରିଛି। ସାଧାରଣତଃ ଗର୍ଭଣା ସଂକ୍ରାନ୍ତିରେ ଧାନରେ ଥୋଡ ଆସିଥାଏ। ଏବେ ଭାଦ୍ରବ ମାସ ଚାଲୁଥିବା ବେଳେ ଗର୍ଭଣା ସଂକ୍ରାନ୍ତିକୁ ଆହୁରି ଏକମାସ ବାକି ଅଛି। ଏ ସଂକ୍ରାନ୍ତରେ ଚାଷୀ ବ୍ଲକ୍ ଓ ଜିଲା କୃଷି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏଯାଏଁ ତଦନ୍ତ କରାଗଲା ନାହିଁ। ମୋଟାମୋଟି କହିବାକୁ ଗଲେ ଚଳିତ ଖରିଫ ଚାଷୀ ପ୍ରାକୃତିକ ବିପର୍ଯ୍ୟୟ ଓ ରୋଗ ପୋକ ମୁହଁରେ ପଡିଥିବାବେଳେ ଚାଷୀ ଅମଳକୁ ନେଇ ସନ୍ଦେହୀନ ହୋଇ ରହିଛି।

## ସାପ କାମୁଡା ରେ ମହିଳାଙ୍କ ମୃତ୍ୟୁ

ମାଲକାନଗିରି,୧୫।୯ (ନି.ପ୍ର): ମାଲକାନାଗିରି ଜିଲ୍ଲା ପଡିଆ ବ୍ଲକ ଶିମିଳିବାଞ୍ଚା ପଂଚାୟତ ଅନ୍ତର୍ଗତ ଟାଙ୍ଗରକୋଣ୍ଡା ଗ୍ରାମରେ ଆଜି ପୁଣି ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି ! ଗତକାଲି ରାତ୍ର ରେ ଚୀନା ମାଢି ଓ ତାଙ୍କ ସ୍ତ୍ରୀ ବୁଲି ମାଢି ଖାଇସାରି ଚଟାଣ ରେ ଶୋଇଥିଲେ। ବିଳମ୍ବିତ ରାତିରେ ବୁଲି କୁ ଏକ ବିଷଧର ସାପ କାମୁଡିବାରୁ ସେ ଚିତ୍କାର କରିବାରୁ ସ୍ୱାମୀ ଚୀନା ଉଠିପଡି ସ୍ତ୍ରୀ ବୁଲି କୁ ପଡିଆ ଡାକ୍ତରଖାନା ଆଣିଥିଲେ, ତେବେ ସେଠାରେ ଡ଼ାକ୍ତର ବୁଲି କୁ ମୃତ ଘୋଷଣା କରିବାରୁ ପରିବାର ଲୋକ ପଡିଆ ଥାନାରେ ଜଣାଇଥିଲେ । ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏ ନେଇ ପଡିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ସୀମାନ୍ତ ମୋଟୁ ତହସିଲ୍ ର ସମସ୍ତ ଅଂଚଳ ଅତ୍ୟନ୍ତ ଘଞ୍ଚ ଜଙ୍ଗଲ ଓ ବଣପାହାଡ଼ ଘେରା ହୋଇଥିବାରୁ ସାପକାମୁଡ଼ାରେ ର ଅନେକ ଙ୍କ ଜୀବନହାନୀ ହେଉଥିବା ଦେଖିବାକୁ ମିଳିଛି ।

## ବ୍ଲକ କର୍ମଚାରୀ କରୋନା ଆକ୍ରାନ୍ତ; ତୃତୀୟ ଥର ପାଇଁ ୪୮ ଘଂଟା ସଟଡାଉନ

ଭଦ୍ରକ, ୧୫/୯ ସେପ୍ଟେମ୍ବର (ହି.ସ.) - ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟରେ ଜନୈକ କର୍ମଚାରୀ କରୋନା ଆକ୍ରାନ୍ତ ହେବା ଫଳରେ ବ୍ଲକ କାର୍ଯ୍ୟାଳୟକୁ ୪୮ ଘଂଟା ପାଇଁ ସଡଡାଉନ ଘୋଷଣା କରାଯାଇଛି। ସଟଡାଉନ ହେବା ବ୍ଲକ ପାଇଁ ତୃତୀୟ ଅଟେ। ସୋମବାର ଦିନ ବ୍ଲକ କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଥିବା ବେଳେ ଆସନ୍ତା ବୁଧବାର ବ୍ଲକ କାର୍ଯ୍ୟାଳୟ ଖୋଲାଯିବା ନେଇ ଘୋଷଣା କରାଯାଇଛି। ଭଣ୍ଡାରିପୋଖରୀ ବଜାର, ଡାକ୍ତରଖାନା, କେନ୍ଦ୍ର ସମବାୟ ବ୍ୟାଙ୍କ ଓ ବ୍ଲକ କାର୍ଯ୍ୟାଳୟରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ବିଭିନ୍ନ ସମୟରେ ସଟଡାଉନ ହୋଇଛି। ତେବେ ଅନଲକ-୪ ପରେ ଅଧିକାଂଶ ବେଫିକର ଭାବେ ଅଯଥାରେ ବଜାରରେ ଗହଳି କରୁଥା ବେଳେ ସାମାଜିକ ଦୂରତା ଓ ମାସ୍କ ବ୍ୟବହାରକୁ ଗୁରୁତ୍ୱ ଦେଉନାହାନ୍ତି।

# ନଳକୂପ ପାଣିରେ ଜିଆ, ଲୋକେ ଆତଙ୍କିତ

ନୂଆପଡ଼ା,୧୫।୯ (ନି.ପ୍ର): ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଂଚାୟତର ବଡମହେଶ୍ୱର ଗ୍ରାମରେ ଥିବା ନଳକୂପରୁ ଜିଆ ବାହାରୁଥିବା ଦେଖିବାକୁ ମିଳିଛି। ଏହି ଜିଆ ସାପ ଭଳି ଦେଖାଯାଉଥିବାରୁ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ବଡ଼ମହେଶ୍ୱର ଗ୍ରାମରେ ଥିବା ଅନେକ ନଳକୂପରେ ଫ୍ଲୋରାଇଡ ବାହାରୁଥିବା ବେଳେ ଗୋଟିଏ ମାତ୍ର ନଳକୂପରେ ଭଲ ପାଣି ବାହାରୁଅଛି। ହେଲେ ଲୋକେ ପାନୀୟଜଳର ଅନ୍ୟ ଉପାୟ ନପାଇ ଏହି ନଳକୂପ ଉପରେର ନିର୍ଭର କରୁଛନ୍ତି। ଗ୍ରାମର ୭୫ ପ୍ରତିଶତ ଲୋକେ ଏହି ନଳକୂପ ଉପରେ ନିର୍ଭର କରୁଥିବା ବେଳେ ନଳକୂପରୁ ସାପ ଭଳି ଦେଖାଯାଉଥିବା ଜିଆ ବାହାରୁ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଗ୍ରାମରେ ପାନୀୟ ଜଳର ବିକଳ୍ପ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି।

# ଚିତ୍ରକୋଣ୍ଡା ବ୍ଲକର ୧୮ ଟି ପଂଚାୟତ ବସ ସେବାରୁ ବଂଚିତ

ମାଲକାନଗିରି,୧୫।୯ (ନି.ପ୍ର): ରାଜ୍ୟ ର ସବୁ ସ୍ଥାନରୁ ଲକଡାଉନ, ସଟଡାଉନ ଓ କଂଟେନମେଂଟ ଜୋନ ଉଠେଇ ଦିଆ ଯାଇ ବସ ଚଳାଚଳ ଓ ଯାତାୟାତ ସେବା ସ୍ୱାଭାବିକ ହୋଇ ଥିବା ବେଳେ, ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ୧୮ ଗୋଟି ପଂଚାୟତ ତଥା ସ୍ୱାଭିମାନ ଅଂଚଳବାସି ସେବାରୁ ବଂଚିତ ହୋଇ ଛନ୍ତି । କରୋନା ମହାମାରୀ ପାଇଁ ସାରା ଦେଶ ଲକଡ଼ାଉନ ଘୋଷଣା ପରେ ମାର୍ଚ୍ଚ ମାସ ୨୩ ତାରିଖ ଠାରୁ ସମ୍ପୂର୍ଣ ବନ୍ଦ ହୋଇ ଯାଇ, ଯାତାୟାତ ସମ୍ପୂର୍ଣ ଠପ ହୋଇ ଯାଇଥିବା ବେଳେ କରୋନା ସମସ୍ୟା କୁ ନେଇ ଚିତ୍ରକୋଣ୍ଡା ବ୍ଲକ ର୧୮ ଗୋଟି ପଂଚାୟତ ର ଜନସାଧାରଣ ଯାତାୟାତ ପାଇଁ ମାତ୍ରାଧିକ ପ୍ରଭାବିତ ହୋଇଛନ୍ତି । ଗତ କିଛି ଦିନ ହେଲା ସରକାର ବସ ଚଳାଚଳ ପାଇଁ ନିର୍ଦ୍ଦେଶ ଦେବା ପରେ ମାଲକାନଗିରି ଜିଲା ପ୍ରାୟ ସ୍ଥାନରେ ଏମିତିକି ଭୁବନେଶ୍ୱର ଠାରୁ ବାଲିମେଳା ପର୍ଯ୍ୟନ୍ତ ବସ ଚଳାଚଳ କରୁଥିଲେ ମଧ ଆଜି ସୁଧା ଚିତ୍ରକୋଣ୍ଡା ୧୮ ଗୋଟି ଗ୍ରାମ ପଂଚାୟତ ବାସି ବସ ସେବାରୁ ବଂଚିତ ହୋଇରହିଛନ୍ତି !, ବାଲିମେଳା, ମାଲକାନଗିରି ଏମିତିକି ଜୟପୁର ପର୍ଯ୍ୟନ୍ତ ଯିବାକୁ ହେଲେ ୧୦୦ଟଙ୍କାରେ ଯାଇ ହେଉଥିବାବେଳେ ଏବେ ବସ ଚଳାଚଳ ନଥିବାରୁ ଅଟୋ ଓ କମାଣ୍ଡର ରେ ଅଯଥା ରେ ୨୦୦ ଟଙ୍କାରୁ ୩୦୦ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଚାଲୁନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ୍ନ ହେଉଛନ୍ତି । କେବଳ ଗୋଟିଏ ଦିନ ପାଇଁ ଚିତ୍ରକୋଣ୍ଡା ରୁ ଜୟପୁର ଗୋଟିଏ ମାତ୍ର ଘରୋଇ ବସ ଯାଇଥିଲା, ସେଇ ଦିନ ଠାରୁ ଚିତ୍ରକୋଣ୍ଡା କୁ ନା ଘରୋଇ ବସ ଚାଲୁଛି ନା ସରକାରୀ ବସ ଚାଲୁଛି ଉଭୟ ବସ ସେବାରୁ ଚିତ୍ରକୋଣ୍ଡା ବଂଚିତା ଯଦି ସରକାର ତଥା ଜିଲା ପ୍ରଶାସନ ବିଚାରକୁ ନେଇ ଅତି କମରେ ତିନୋଟି ସରକାରୀ ବସ ଚିତ୍ରକୋଣ୍ଡା ଠାରୁ ମାଲକାନଗିରି ଜିଲା ସଦର ମହକୁମା, ଚିତ୍ରକୋଣ୍ଡା ଠାରୁ ଜୟପୁର ସଦର ମହକୁମା ପର୍ଯ୍ୟନ୍ତ ଏବଂ ଚିତ୍ରକୋଣ୍ଡା ଭୁବନେଶ୍ୱର ପର୍ଯ୍ୟନ୍ତ ତିନି ଗୋଟି ବସ ଚଳାଇବାର ସୁବିଧାକଲେ ଚିତ୍ରକୋଣ୍ଡା ବ୍ଲକର ୧୮ ଗୋଟି ପଂଚାୟତ ଉପକୃତ ହୋଇ ପାରନ୍ତୋ ତୁରନ୍ତ ଚିତ୍ରକୋଣ୍ଡା କୁ ବସ ଚଳାଚଳ ପାଇଁ ଅଂଚଳ ବାସି ଦାବି କରି ଛନ୍ତି ।

# ବ୍ରାହ୍ମଣୀପାଳ ଠାରେ ବାଇକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା , ଜଣେ ଗୁରୁତର

ହରିଚନ୍ଦନପୁର,୧୫।୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରି ଥାନା ବ୍ରାହ୍ମଣୀପାଳ ନିକଟସ୍ଥ ଟଙ୍କିକିଆ ଗେଟ୍ ନିକଟରେ କୌଣସି କାରଣରୁ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଥିବା ବେଳେ ଅନ୍ୟ ଆରୋହୀ ସାମାନ୍ୟ ଆହତ ହୋଇଛନ୍ତି । ଗୁରୁତର ଥିବା ବାଇକ୍ ଆରୋହୀ ଜଣଙ୍କ ତିନିପୋଲିଆ ଫଂଚମର ନବ ସୋରେନ ବୋଲି ଜଣାପଡିଛି । ନବ ଆଦିବାସୀ ପରମ୍ପରା ଅନୁସାରରେ ବାହାଘରର ପଣ ଆଣିବା ପାଇଁ ଯାଜପୁର ଜିଲ୍ଲା କାଳିଆପାଣି ଅଂଚଳକୁ ଯାଇଥିଲେ । ସେଠାରୁ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ କୌଣସି କାରଣରୁ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି ।

# ରାମଗଡ଼

ଉତ୍ତରାଖଣ୍ଡର ଚୋପତା, ଡେରାଡୁନ୍, ଭିମ୍‌ତାଲ, ମୁକ୍ତେଶ୍ୱର ପରି ଅନେକ ଲୋକପ୍ରିୟ ଶୈଳନିବାସ ରହିଛି । ହେଲେ ଉତ୍ତରାଖଣ୍ଡରେ ଏମିତି ମଧ୍ୟ କିଛି ପର୍ଯ୍ୟଟନସ୍ଥଳୀ ଅଛି ଯାହା ବିଷୟରେ ଖୁବ୍ କମ୍ ଲୋକ ଜାଣିଛନ୍ତି । ସେମିତି ଏକ ସ୍ଥାନ ହେଉଛି ରାମଗଡ଼ । ଏହି ଛୋଟ ଶୈଳନିବାସରେ ଭରି ରହିଛି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ । ଏହାର ଚତୁପାର୍ଶ୍ୱକୁ ପାହାଡ଼, ଝରଣା ଏବଂ ଘଞ୍ଚ ଘେରି ରହିଛି । ନୈନିତାଲରୁ ୨୪ କିଲୋମିଟର ଦୂରରେ ଅବସ୍ଥିତ ଏହି ଶୈଳନିବାସ । ଏହି ସ୍ଥାନରେ ଅଧିକ ଫଳ ଉତ୍ପାଦନ ହେଉଥିବାରୁ । ରାମଗଡ଼କୁ ଉତ୍ତରାଖଣ୍ଡର ଫଳ ଝୁଡ଼ି ମଧ୍ୟ କୁହାଯାଏ । ପୂର୍ବରୁ ଏହି ସ୍ଥାନରେ ଅନେକ ବ୍ରିଟିଶ୍ ଅଫିସର୍‌ମାନେ ଆରାମ କରିବାକୁ ଆସୁଥିଲେ । ବ୍ରିଟିଶ୍ ସମୟର ବଙ୍ଗଳା ଆଜି ବି ଏଠାରେ ଦେଖିବାକୁ ମିଳେ । ଏହି ସ୍ଥାନରେ ବିଭିନ୍ନ ପ୍ରକାର ବରକୋଳି, ଆପଲ, କମଳା ଆଦିର ବଗିଚା ଦେଖିବାକୁ ମିଳେ । ପର୍ଯ୍ୟଟକମାନେ ସ୍ଥାନୀୟ ଲୋକମାନଙ୍କ ସହ ମିଶି ଟ୍ରେକିଙ୍ଗ ମଜା ମଧ୍ୟ ନେଇଥାନ୍ତି ।





**ନଥୁଖାନ:**
ସମୁଦ୍ର ପତନରୁ ୬,୩୬୫ ଫୁଟ୍ ଉଚ୍ଚରେ ଅବସ୍ଥିତ ନଥୁଖାନ । ଏହି ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଛି । ପ୍ରକୃତିର ଭବ୍ୟ ଦୃଶ୍ୟରେ ପରିପୂର୍ଣ୍ଣ । ଏହି ସ୍ଥାନଟି ପର୍ଯ୍ୟଟକଙ୍କୁ ଶାନ୍ତି ଦେଇଥାଏ । କୋଳାହଳମୁକ୍ତ ଏହି ଛୋଟ ସ୍ଥାନଟିରେ ପର୍ଯ୍ୟଟକଙ୍କ ଗହଳି ଜମୁନଥିବାରୁ ନିରୋଳା ସ୍ଥାନ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଭଲ ବିକଳ୍ପ ହୋଇପାରିବ ।

**ମୁକ୍ତେଶ୍ୱର:**
ଏହି ସ୍ଥାନର ଏଠାରେ ଥିବା ପ୍ରାଚୀନ ଶିବ ମନ୍ଦିରର ନାଁରେ ରଖାଯାଇଛି । ମୁକ୍ତେଶ୍ୱରରୁ ନନ୍ଦଦେବୀ, ନନ୍ଦକୋଟ, ତ୍ରିଶୁଳ ଏବଂ ପଞ୍ଚାଚୁଲି ସହଜରେ ପହଞ୍ଚି ହୋଇଥାଏ । ପର୍ଯ୍ୟଟକମାନେ ଏହି ସ୍ଥାନରେ ରକ୍ କ୍ଲାଇମ୍ବିଙ୍ଗ୍, ର୍ୟାପଲିଙ୍ଗ୍ ଭଳି ରୋମାଞ୍ଚକର କ୍ରୀଡ଼ାରେ ଅଂଶଗ୍ରହଣ କରିଥାନ୍ତି ।

***କେଉଁଠି ରହିବେ:***
ରାମଗଡ଼ରେ ରହିବା ପାଇଁ ବିଭିନ୍ନ ପ୍ରକାର ଛୋଟ ବଡ଼ ହୋଟେଲ ଏବଂ ରିର୍ସଟ ଆଦି ରହିଛି । ପର୍ଯ୍ୟଟକମାନଙ୍କ ରହିବା ଖାଇବାରେ କୌଣସି ଅସୁବିଧା ହୋଇନଥାଏ । କିଛି କିଛି ହୋଟେଲ ପର୍ଯ୍ୟଟକଙ୍କ ବୁଲାବୁଲି ପାଇଁ ଟୁରିଷ୍ଟ ବସ୍ ମଧ୍ୟ ଯୋଗାଇ ଦେଇଥାନ୍ତି ।

***କେମିତି ଯିବେ:***
ରାମଗଡ଼ର ନିକଟତମ ବିମାନବନ୍ଦର ପନ୍ତନଗର ବିମାନବନ୍ଦର । ଏହା ରାମଗଡ଼ରୁ ୭୬ କି.ମି ଦୂର । ବିମାନବନ୍ଦରରୁ ଟ୍ୟାକ୍ସି ଯୋଗେ ରାମଗଡ଼ ଆସି ହୋଇଥାଏ । ନଚେତ୍ କାଠଗୋଦାମ ରେଳଷ୍ଟେସନରୁ ମଧ୍ୟ ଆସି ପାରିବେ । ପ୍ରତିଦିନ ଦିଲ୍ଲୀରୁ କାଠଗୋଦାମ ଟ୍ରେନ୍ ଯିବାଆସିବା କରିଥାଏ । ଆଲମୋଡା କିମ୍ବା ହଲଦ୍ୱାନିରୁ ମଧ୍ୟ ବସ୍ ଯୋଗେ ରାମଗଡ଼ ପହଞ୍ଚି ହୋଇଥାଏ ।

***କେବେ ଆସିବେ:***
ରାମଗଡ଼ର ପାଣିପାଗ ସବୁବେଳେ ଥଣ୍ଡା ରହିଥାଏ । ତେଣୁ ଏହି ସ୍ଥାନକୁ ସବୁ ସମୟରେ ଆସି ହୋଇଥାଏ । କିନ୍ତୁ ମାର୍ଚ୍ଚରୁ ସେପ୍ଟେମ୍ବର ଏହି ସ୍ଥାନରେ ଅଧିକ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳେ ।

**ଶ୍ରୀ ଅରବିନ୍ଦ ଆଶ୍ରମ:**
ଶ୍ରୀ ଅରବିନ୍ଦ ଆଶ୍ରମ ରାମଗଡ଼ର ସବୁଠୁ ଲୋକପ୍ରିୟ ସ୍ଥାନ । ଏହି ଆଶ୍ରମ ପର୍ଯ୍ୟଟକଙ୍କୁ ଯୋଗ ଆଦିର ସୁବିଧା ଉପଲବ୍ଧ କରାଇଥାଏ । ଏହା ବ୍ୟତୀତ ଏଠାରେ ଧ୍ୟାନ କକ୍ଷ ମଧ୍ୟ ରହିଛି ।



# କୋହ୍ଲାପୁରର 'ସାପ ଦୁର୍ଗ'



ଭାରତରେ ଏମିତି କିଛି ଦୁର୍ଗ ରହିଛି, ଯାହା ବହୁ ପୁରାତନ । ଏପରିକି ଏହି ଦୁର୍ଗ କେବେ ତିଆରି ହୋଇଛି, କିଏ ତିଆରି କରିଛନ୍ତି, ତାହା କାହାକୁ ସଠିକ୍ ଭାବେ ଜଣା ନଥାଏ । କେବଳ ଯାହା ଅନୁମାନ କରାଯାଏ । ଏପରି ଏକ ଐତିହାସିକ ଦୁର୍ଗ ହେଉଛି 'ସାପ ଦୁର୍ଗ' । କୁହାଯାଏ ଏହା ୮୦୦ ବର୍ଷ ତଳର ପୁରୁଣା ଦୁର୍ଗ । ୧୧୭୮ ରୁ ୧୨୦୯ ଖ୍ରୀଷ୍ଟାବ୍ଦରେ ଶିଳାହାର ଶାସକ ଦ୍ୱିତୀୟ ଭୋଜ ଏହାକୁ ନିର୍ମାଣ କରିଥିଲେ । କେଉଁଠାରେ ରାଜା ଭୋଜ ତ ଆଉ କେଉଁଠି ଗଙ୍ଗୁ ତେଲି ଏହି ଦୁର୍ଗ ନିର୍ମାଣ କରିଥିବା କୁହାଯାଇଛି । ଏହାକୁ 'ପହ୍ନାଲା' ଦୁର୍ଗ ମଧ୍ୟ କୁହାଯାଏ । ଯେଉଁଥିରେ ପହ୍ନାଲାଗଡ଼, ପହ୍ନାଲା ଆଦି ନାମରେ ଜଣାଶୁଣା । ଏହି ଦୁର୍ଗ ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲାର ଦକ୍ଷିଣପୂର୍ବରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ । ପହ୍ନାଲା ଏକ ଛୋଟ ସହର ଏବଂ ହିଲ୍ ଷ୍ଟେସନ । କିନ୍ତୁ ଏହାର ଇତିହାସ ଶିବାଜୀ ମହାରାଜାଙ୍କ ସହ ଜଡ଼ିତ । ଯଦିଓ ଏହି ଦୁର୍ଗ ଯାଦବ, ବାହମାନୀ ଏବଂ ଆଦିଲ ଶାହି ପରି ଅନେକ ରାଜବଂଶ ଅଧୀନରେ ରହିଆସିଛି । କିନ୍ତୁ ୧୬୭୩ ଖ୍ରୀଷ୍ଟାବ୍ଦରେ ଏହା ଶିବାଜୀ ମହାରାଜାଙ୍କ ଅଧୀନକୁ ଯାଇଥିଲା । କୁହାଯାଏ, ଶିବାଜୀ ମହାରାଜ ପହ୍ନାଲା ଦୁର୍ଗରେ ଦୀର୍ଘ ସମୟ ରହିଥିଲେ । ଏଠାରେ ସେ ୫୦୦ ଦିନରୁ ଅଧିକ ରହିଥିଲେ । ପରେ ଏହି ଦୁର୍ଗ ଇଂରେଜମାନଙ୍କ ଅଧୀନକୁ ଚାଲିଯାଇଥିଲା । ଏହି ଦୁର୍ଗକୁ 'ସାପ' ଦୁର୍ଗ କୁହାଯାଏ । କାରଣ ଏହା ଅଙ୍କାବଙ୍କା ଭାବରେ ନିର୍ମାଣ କରାଯାଇଛି । ଏମିତି ଜଣାପଡ଼େ କି, ଏହା ଉପରେ ଯେମିତି ସାପ ଚାଲୁଛନ୍ତି । ଏହି ଦୁର୍ଗ ନିକଟରେ କୁଳଦେବୀ ତୁଳଜା ଭବାନୀଙ୍କ ମନ୍ଦିର ରହିଛି । ଯେଉଁଥିରେ ଏକ ଗୁପ୍ତ ସୁଡ଼ଙ୍ଗଟି ବ୍ୟାପିଛି । ଏହି ସୁଡ଼ଙ୍ଗକୁ ଏବେ ବନ୍ଦ କରିଦିଆଯାଇଛି । କୁହାଯାଏ, ଶତ୍ରୁପକ୍ଷ ଆକ୍ରମଣ ସମୟରେ ଏହି ସୁଡ଼ଙ୍ଗରେ ରହି ଜୀବନ ବଞ୍ଚାଇବାକୁ ପଡୁଥିଲା ।

## ସ୍ୱାସ୍ଥ୍ୟ ମନ୍ତ୍ର



ବରଫ ଦ୍ୱାରା ଘରେ କରାଯାଉଥିବା ବିଭିନ୍ନ ଉପଚାର ବାବଦରେ ଜାଣନ୍ତୁ । ରାତିରେ ଠିକ୍‌ରେ ନିଦ ନହେଲେ, ସକାଳେ ବେଳେ ବେଳେ ଆଖି ଫୁଲିଲା ଦିଶେ । ବ୍ୟବହୃତ ସବୁଜ ଚାହା ବ୍ୟାଗ୍, ବରଫ ଖଣ୍ଡରେ କିଛି ସମୟ ବୁଡ଼ାଇରଖି, ଆଖି ଉପରେ ଥୁଅନ୍ତୁ । ଏହା ଦ୍ୱାରା ଆରାମ ଲାଗେ ଏବଂ ଫୁଲା କମିଯାଏ । ପ୍ରତି ଦିନ ମୁହଁରେ କିଛି ସମୟ ଗରଫ ଘଷିଲେ, ବୟସ ଦାଗ ପଡ଼ିବା ବିଳମ୍ବିତ ହେଉଥିବା ପ୍ରମାଣିତ । ଧୂଳି-ଧୂମ ଯୋଗୁଁ ମୁହଁ କଳା ପଡ଼େ । ମୁହଁର ସ୍ୱାଭାବିକ ରଙ୍ଗ ଫେରିପାଇବା ପାଇଁ ପ୍ରତିଦିନ ବରଫ ଘଷନ୍ତୁ । ଖରାରେ ମୁହଁ ଜଳିଗଲେ, ଏକ ସଫା କନାରେ ବରଫ ବାନ୍ଧି, ପାଲଟିଯିବା ପରେ ମୁହଁରେ ମାଲିସ କରନ୍ତୁ ଏବଂ ଫେସ୍ ୱାସ୍ ଦ୍ୱାରା ସଫାକରନ୍ତୁ । ତେଲିଆ ତ୍ୱଚା ସମସ୍ୟାରୁ ମୁକ୍ତି ପାଇବା ପାଇଁ ବରଫ ଘଷନ୍ତୁ ।

# ଦାମୀ ପିଜ୍ଜା



ପିଜ୍ଜା ପିଲାମାନଙ୍କଠାରୁ ବଡ଼ ସମସ୍ତଙ୍କର ପସନ୍ଦ । ଭେଜ୍ ହେଉ ବା ନନଭେଜ୍ ପିଜ୍ଜା ନାଁ ଶୁଣିଲାମାତ୍ରେ ପାଟିରେର ପାଣି ଆସିଯାଏ । ଏମିତିକି ପିଜ୍ଜା ଅନ୍ୟତମ ଲୋକପ୍ରିୟ ଫାଷ୍ଟଫୁଡ୍ । ଏଥିରେ ବିଭିନ୍ନ ପ୍ରକାର ଚଟ୍‌ନି, ପନିର, ବଟର ଆଦି ଟପିଙ୍ଗସ୍ ଦେଇ ତିଆରି କରାଯାଇଥାଏ । ବିଭିନ୍ନ ସ୍ଥାନରେ ଥିବା ପିଜ୍ଜା ଷ୍ଟଲ୍ ଗୁଡ଼ିକରେ ଏହାର ସ୍ୱାଦ ଏବଂ ଆକାର ଅନୁସାରେ ମୂଲ ସ୍ଥିର କରାଯାଇଥାଏ । କିନ୍ତୁ ଏମିତି ମଧ୍ୟ ପିଜ୍ଜା ଅଛି ଯାହାର ମୂଲ୍ୟ ଆପଣଙ୍କ କଳ୍ପନା ବାହାରେ ।



**ଦ ମ୍ୟାଜିକ୍ ଗୋଲ୍ଡ:**
ଏହି ପିଜ୍ଜା ମ୍ୟାଜିକ୍ ଓଭନ୍ ନାଁରେ ମଧ୍ୟ ଲୋକପ୍ରିୟ । ଟାରୋଣ୍ଟୋର ଏକ ରେଷ୍ଟୋରାଁ ଏହି ସ୍ୱତନ୍ତ୍ର ପିଜ୍ଜା ତିଆରି କରିଥାଏ । ଏହି ପିଜ୍ଜାକୁ ପରିବେଷଣ କରିବା ଷ୍ଟାଇଲ ଏହାକୁ ଅନ୍ୟ ପିଜ୍ଜା ତୁଳନାରେ ସ୍ୱତନ୍ତ୍ର କରିଥାଏ । ଏହାର ଟପିଙ୍ଗ କରାଯାଇଥାଏ ସୁନାର ପତ୍ରରେ । ଏହି ରେଷ୍ଟୋରାଁ ଗ୍ରାହକଙ୍କ ଅନୁସାରେ ବିଭିନ୍ନ ପ୍ରକାର ସ୍ୱାଦର ଟପିଙ୍ଗ୍ ମେନ୍ୟୁ ମଧ୍ୟ ରଖିଛି । ଏହି ପିଜ୍ଜାର ମୂଲ୍ୟ ୭୧୮୫.୨୩ ଟଙ୍କା ।



**ନିନୋ ବେଲିଜିମା:**
ଏହି ପିଜ୍ଜା ହାତକୁ ଖୁବ୍ ପତଳା ଲାଗିଥାଏ । କିନ୍ତୁ ଏହା ତା'ର ସ୍ୱାଦ ପାଇଁ ଅଧିକ ଲୋକପ୍ରିୟ । ଏହି ପିଜ୍ଜାର ଟପିଙ୍ଗ୍ ଖୁବ୍ ସୁନ୍ଦର ଭାବେ ବଡ଼ ବଡ଼ ଚିଙ୍ଗୁଡ଼ିରେ କରାଯାଇଥାଏ । ତା' ସହିତ ଅନ୍ୟାନ୍ୟ ଦାମୀ ସାମଗ୍ରୀକୁ ମଧ୍ୟ ପିଜ୍ଜାରେ ସାମିଲ୍ ଥାଏ । ଏହି ପିଜ୍ଜା ମୂଲ୍ୟ ୭୫ ହଜାର ଟଙ୍କା ।

**ଫ୍ୟାଭିଟା ଫ୍ୟାମିଲି ପିଜ୍ଜା:**
ଏହି ପିଜ୍ଜା ନାଁ ଶୁଣିଲେ ଲୋକେ ଏହାକୁ ଖାଇବା ପାଇଁ ଲାଳାୟିତ ହୋଇଯାଆନ୍ତି । କିନ୍ତୁ ଏହାର ସ୍ୱାଦ ଚାଖିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । କାରଣ ଏହି ପିଜ୍ଜାର ଗୋଟିଏ ଖଣ୍ଡର ମୂଲ୍ୟ ୬ଲକ୍ଷ ଟଙ୍କା । ଏହା ଉପରେ ହୀରା ଡଷ୍ଟ ପକାଯାଇଥାଏ । ଯାହା ପିଜ୍ଜାକୁ ସ୍ୱତନ୍ତ୍ର କରିଥାଏ ।





**ମାରଗୋସ୍ ପିଜ୍ଜା:**
ଏହି ପିଜ୍ଜା ୨୦୧୦ ମସିହାରେ ସବୁଠୁ ଦାମୀ ପିଜ୍ଜା ନାଁରେ ଗିନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ହାସଲ କରିଥିଲା । ଏହି ପିଜ୍ଜାର ଟପିଙ୍ଗ୍ ସେଫ୍ ଖୁବ୍ ସୁନ୍ଦର ଭ । ୈ ବ ସଜାଇଥିଲେ । ଏଥିରେ ସେ ସୁନାର ପତ୍ର ଦେଇ ପିଜ୍ଜାର ଟପିଙ୍ଗ୍ କରିଥିଲେ ।



**ଲୁଇସ୍ ଏକ୍ସଆଇଆଇଆଇ:**
ଏହା କୌଣସି ସାଧାରଣ ପିଜ୍ଜା ନୁହେଁ । କାରଣ ଏଥିରେ ରହିଛି କିଛି ସ୍ୱତନ୍ତ୍ର ଜିନିଷ । ଏହି ପିଜ୍ଜାକୁ ପ୍ରଥମ ଥର ପାଇଁ ଇଟାଲୀର ଜଣେ ସେଫ୍ ରେନାଟୋ ଭାଇଓଲା ତିଆରି କରିଥିଲେ । ଏଥିରେ ବଟର, ଚେରି ଟମାଟୋର, ବେବି କର୍ଣ୍ଣ, କ୍ୟାପସିଗମ୍ ରହିବା ସହିତ ଡାଇମଣ୍ଡ ମଧ୍ୟ ରହିଥାଏ । ପିଜ୍ଜା ପ୍ରସ୍ତୁତ ହେବା ପରେ ଏହା ଉପରେ ଡାଇମଣ୍ଡ ଡଷ୍ଟ ପକାଯାଇଥାଏ । ଏହି ପିଜ୍ଜାର ମୂଲ୍ୟ ୭୭ଲକ୍ଷ ଟଙ୍କା । ଅନୁରୋଧ କ୍ରମେ ଏହି ପିଜ୍ଜା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅଶାୟତ ଖୋର୍ଦ୍ଧା ଜିଲ୍ଲା...

କରୋନା ମହାମାରୀ ସମଗ୍ର ବିଶ୍ୱବାସୀଙ୍କୁ ହନ୍ତସନ୍ତ କରିପକାଇଲାଣି । ଯଦିଓ ଏବେ ସଂକ୍ରମଣ ସଂଖ୍ୟା ଓ ହାରରେ ତମାମ୍ ବିଶ୍ୱରେ ଯୁକ୍ତରାଷ୍ଟ୍ର ଆମେରିକା ଶୀର୍ଷରେ ରହିଛି, କେଉଁଦିନ ଦ୍ୱିତୀୟ ସ୍ଥାନରେ ରହିଥିବା ବ୍ରାଜିଲକୁ ଅତିକ୍ରମ କରିସାରି ଦ୍ୱିତୀୟ ହୋଇସାରିଥିବା ଭାରତ ଶୀର୍ଷକୁ ସ୍ଥାନକୁ ଚାଲିଯିବ, କେହି କହିନପାରନ୍ତି । ସାରା ବିଶ୍ୱ କରୋନା ବାରୁଦ ଗଦା ଉପରେ ବସିଛି । ଚୀନ୍ ଦେଶରୁ ଉତ୍ପତ୍ତି ହୋଇ ବିଶ୍ୱର ୨୧୩ ଦେଶକୁ ବ୍ୟାପିସାରିଥିବା ମହାଭୂତାଣୁ କେତେବେଳେ ପିକ୍‌ରେ ରହୁଛି ତ' ଆଉ କେତେବେଳେ ଫ୍ଲାଟ୍ ହୋଇଯାଉଛି । ଏହାର ବିକୃତ ଆଚରଣ କହୁଛି, ସ୍ଥଳବିଶେଷରେ ସଂକ୍ରମଣ ସାମାନ୍ୟ ହ୍ରାସ ପାଇସାରିବା ପରେ ଲେଉଟୁଛି । କେତେକ ସ୍ଥାନରେ ଏମିତି ହୋଇଛି କି, ପଜିଟିଭରୁ ନେଗେଟିଭ ହୋଇ ଘରକୁ ଫେରିଥିବା କିଛି ବ୍ୟକ୍ତି ପୁନଃ-ସଂକ୍ରମଣର ଶିକାର ହୋଇଛନ୍ତି । ଦିଲ୍ଲୀ, କେରଳ ଭଳି ସ୍ଥାନରେ ଏଭଳି ଲେଉଟାଣି କରୋନାର ବ୍ୟାପ୍ତି ପୂରା ଦମ୍‌ରେ ବିଲୋପ ସକାଶେ ହେଉଥିବା ଉଦ୍ୟମକୁ କ୍ୱଚିତ୍ ସଫଳତା ଦେଇଛି ବୋଲି କୁହାଯିବ । ତେବେ ସାମାଜିକ ଦୂରତା, ମାସ୍କ ପରିଧାନ ଓ ହସ୍ତ ପ୍ରକ୍ଷାଳନ ଭଳି ପ୍ରତିକାର ପଦକ୍ଷେପ ଯଥେଷ୍ଟ ମାତ୍ରାରେ ସଂକ୍ରମଣକୁ ଊଣା କରିଦେଇପାରିଛି ବୋଲି କହିହେବ । ସମସ୍ତେ ପ୍ରତିଷେଧକ ଟିକା ପାଇଁ ଉତ୍କଣ୍ଠା ସହକାରେ ଚାହିଁ ରହିଛନ୍ତି । କି ବୃଦ୍ଧ, କି କମ୍ ବୟସର ବ୍ୟକ୍ତି; ସମସ୍ତଙ୍କ ପାଇଁ କରୋନା ସଂକ୍ରମଣ ପ୍ରାୟ ସମାନ । ଭାରତ ସରକାର କୋଭିଡ୍ ସଂକ୍ରମଣର ବିରୋଧରେ ଯତ୍ପରୋନାସ୍ତି ପଦକ୍ଷେପ ନେଇ ତାହାକୁ ମାତ୍ ଦେବାଭଳି ପଦକ୍ଷେପ ନେଇଛନ୍ତି ସତ, ହେଲେ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଭଳି ପଦକ୍ଷେପ ସହିତ ରେଳ ଓ ବିମାନ ପରିବହନ ଉପରେ ରୋକ୍ ଲଗାଇ ବହୁଭାବରେ କରୋନାକୁ ମାତ୍ ଦେଇଥିବା କୁହାଯାଉଛି । ମହାରାଷ୍ଟ୍ର, ତାମିଲନାଡୁ ଭଳି ରାଜ୍ୟରେ ହୁ ହୁ ହୋଇ ବଢ଼ି ଚାଲିଥିବା ହେତୁ ସଂକ୍ରମଣ, ମୃତ୍ୟୁହାର ସମସ୍ତଙ୍କ ମନରେ ଛନ୍‌କା ପଶିଯାଇଛି । ଏହାରି ଭିତରେ ଓଡ଼ିଶା ସରକାର ଏବଂ ବିଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୀମ ଦୂରଦର୍ଶିତାର ପରିଚୟ ଦେଇ ସଂଖ୍ୟାଧିକ କୋଭିଡ୍ ହସ୍ପିଟାଲ୍ ଖୋଲାଯିବାର ବ୍ୟବସ୍ଥା କରିଦେଲେ । ମାର୍ଚ୍ଚ ମାସ ବେଳୁଁ ରାଜ୍ୟର ଜିଲ୍ଲା ମହକୁମା ସହ ପ୍ରମୁଖ ସହରଗୁଡ଼ିକରେ କୋଭିଡ ଚିକିତ୍ସା କେନ୍ଦ୍ରସବୁ ଖୋଲି ଦିଆଗଲା । ପ୍ରବାସୀ ଶ୍ରମିକମାନଙ୍କ ପାଇଁ ସଙ୍ଗରୋଧ କେନ୍ଦ୍ରସବୁ ଖୋଲାଯାଇ ସରପଞ୍ଚମାନଙ୍କୁ ଦିଆଗଲା ପରିଚାଳନା ଭାର । ଅଭୂତପୂର୍ବ ଆହ୍ୱାନର ମୁକାବିଲା ପାଇଁ ଆବଶ୍ୟକ ପଡ଼ିଲା ଅସାଧାରଣ ଆୟୋଜନ ଆର୍ଥିକ ସାଧନ ସହ ବିପୁଳ ପରିମାଣର ମାନବ ସମ୍ବଳ ଯୋଗାଡ଼ରେ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଲେ, ତାହାର ଉଚ୍ଚପ୍ରଶଂସା ମିଳିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଦ୍ଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରୋନା ବିରୋଧୀ ସଂଗ୍ରାମର ପ୍ରଶଂସାରେ ଶତମୁଖ ହୋଇଉଠିଲେ । ସମ୍ପ୍ରତି ରାଜ୍ୟର ଗୁଡ଼ିଏ ଜିଲ୍ଲା ତଥା ସହର ଓ ଗ୍ରାମାଞ୍ଚଳରେ ସଂକ୍ରମଣ ଅଦ୍ୟାପି ଶିଥିଳ ହେବାର ନାଁ ଧରୁନାହିଁ । ଏପରିକି ରାଜଧାନୀ ଭୁବନେଶ୍ୱର ଆସୁଥିବା ଖୋର୍ଦ୍ଧାରେ ସଂକ୍ରମଣ ଓ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି । ଗଞ୍ଜାମରେ ସଂକ୍ରମଣ ଓ ମୃତ୍ୟୁହାର ଆଖିଦୃଶିଆ ଭାବରେ ହ୍ରାସ ପାଇଛି । ଆରୋଗ୍ୟ ହାରରେ ଦେଖାଦେଇଛି ଉଲ୍ଲେଖଯୋଗ୍ୟ ଉନ୍ନତି । ଗଞ୍ଜାମ ଜିଲ୍ଲା ପ୍ରଶାସନ, ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନ୍, ଉପଖଣ୍ଡରେ ଘରକୁ ଘର ସର୍ବେକ୍ଷଣ ଫଳପ୍ରଦ ହୋଇଛି । ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଚିକିତ୍ସା ଦଳ ଏଥିପାଇଁ ସମର୍ପିତ ଭାବେ କାର୍ଯ୍ୟ ଚଳାଇବାର ପରିଣତି ହେଉଛି ଯେତେ ଅଧିକ ପରୀକ୍ଷଣ, ସେତେ ଅଧିକ ପଜିଟିଭ ନିରୂପଣ । ଏହାଦ୍ୱାରା କିଛି ନହେଲେ ସଂକ୍ରମିତଙ୍କୁ ଚିହ୍ନଟ କରାଯିବାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁଛି । ତାହା ଦ୍ୱାରା ଚିହ୍ନଟଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯିବା ସମ୍ଭବ ହେଉଛି । ଗଞ୍ଜାମର ମଡେଲ ଅନୁସରଣ କରାଗଲେ ଖୋର୍ଦ୍ଧା ଭଳି ଶୀର୍ଷରେ ସଂକ୍ରମିତ ଥିବା ଜିଲ୍ଲା ଅଶେଷ ସୁଫଳ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ସମସ୍ତେ ଜାଣନ୍ତି, ଗଞ୍ଜାମ ସଂକ୍ରମଣ ଓ ମୃତ୍ୟୁହାର ଥିଲା ଶୀର୍ଷରେ । ରେଡ୍ ଜୋନ୍‌ରେ ଥିବା ଜିଲ୍ଲାକୁ ଜିଲ୍ଲା ପ୍ରଶାସନ ହଟ୍ ସ୍ପଟ୍, କଣ୍ଟେନ୍‌ମେଣ୍ଟ ଭଳି କଟକଣା ଲଗାଯିବା ଭଳି ଦୃଢ଼ ପଦକ୍ଷେପ ନେଇଛନ୍ତି । ପରିବହନ ରୋକାଯିବା ସହ ବିଭିନ୍ନ ପ୍ରତିବନ୍ଧକ ପାଇଁ ଯେତିକି

## କବିତା କୋଣାର୍କ

### ହଜିଲା ଅତୀତ..

**ଭ୍ରମରବର ଛୋଟାଇ**

କେତେ ଦୁଃଖ ରହିଥାଏ
ଛାତି ତଳେ ତଳେ,
କେତେ ପୁଣି ବହିଯାଏ
ଲୋତକର ଜଳେ,
କେତେ ଦୁଃଖ ଭାସିଯାଏ
ସଙ୍ଗୀତର ତାଳେ,
ହଜିଗଲା ଅତୀତକୁ
ବସି ବସି ଭାଳେ ।
କେତେ ସ୍ୱପ୍ନ ରହିଥାଏ
ଦେଖିବାକୁ ବାକି,
କେତେ କଥା ରହିଯାଏ
ହୁଏନାହିଁ ଲେଖି,
କେତେ ଗୀତ ହଜିଯାଏ
ଜନ କୋଳାହଳେ;
ହଜିଗଲା ଅତୀତକୁ ବସି ବସି ଭାଳେ ।
କେତେ ସ୍ମୃତି ଛପିଥାଏ
ସାଗର ବେଳାରେ,
କେତେ ସ୍ମୃତି ଲୁଚିଯାଏ
ଆଖିର କଳାରେ,
କେତେ ସ୍ମୃତି ଫୁଲ ହୋଇ
ସପନରେ ଦୋଳେ !
ହଜିଗଲା ଅତୀତକୁ ବସି ବସି ଭାଳେ ।
କେତେ ଦୁଃଖ ଝୁଲୁଥାଏ
ବଉଦର କୋଳେ,
କେତେ ଦୁଃଖ ମାଳା ହୋଇ
ବେଢ଼ିଥାଏ ଗଳେ,
ମାନ ଅଭିମାନ କେତେ
ମନ ତଳେ ଖେଳେ !
ହଜିଗଲା ଅତୀତକୁ ବସି ବସି ଭାଳେ !

+ ସା/ପୋ: ଧୋଡ୍ରା, ଜି: ନବରଙ୍ଗପୁର
ମୋ: ୯୯୩୭୬୫୩୮୭୨

**ଅମରେନ୍ଦ୍ର ବେହେରା**

# ରାମାୟଣରେ ରାଜଧର୍ମ

ଯେଉଁ ଆଦର୍ଶ ଆମ ଚିନ୍ତା ଓ ଚେତନାକୁ ବଳିଷ୍ଠ କରେ, ଭାବନାକୁ ମହନୀୟ କରେ ଗଭୀର ଅନ୍ତଃକରଣ ସହ ବ୍ୟକ୍ତିତ୍ୱକୁ ବିକଶିତ କରେ। ତାହା ହେଉଛି ରାମାୟଣ। ଏହି ରାମାୟଣ ସମଗ୍ର ବିଶ୍ୱରେ ଯେଉଁ ବିଶାଳ ଆଦର୍ଶର ସୌଧ ନିର୍ମାଣ କରିଛି ତାହା ଯୁଗ ଯୁଗ ଧରି ସମଗ୍ର ବିଶ୍ୱକୁ ଆଲୋକ ବର୍ତ୍ତିକା ସଦୃଶ ନିଜର କର୍ତ୍ତବ୍ୟ ପ୍ରତି ଯଥେଷ୍ଟ ସଚେତନ କରାଇବ। କେବଳ ଏତିକି ଆମେ ରାମାୟଣକୁ ଏକ ପବିତ୍ର ଗ୍ରନ୍ଥ ହିସାବରେ ବିବେଚିତ ନକରି, ହେତୁବାଦୀ ଦୃଷ୍ଟିରୁ ହେଉ ବା ତାତ୍ତ୍ୱିକ ଦୃଷ୍ଟି କୋଣରୁ ଯଦି ଆମେ ତାର ପ୍ରତ୍ୟେକଟି ଚରିତ୍ରକୁ ଅନୁଶୀଳନ କରିବା ତାହେଲେ ଆମେ ହୁଏତ ଅଳ୍ପ ଉପଜିବ୍ୟକୁ ପାଇପାରିବାରେ ସମର୍ଥ ହେବା। ମାତ୍ର ବିଶାଳ ସାଗରସମ ଏହାର ଅପରିସୀମ ଓ ଅଲଂଘ୍ୟ କଥାବସ୍ତୁକୁ। କ୍ୱଚିତ ମହାମନିଷି ଗଣ ହୁଏତ ଆୟତ କରିଥାଇପାରନ୍ତି। ରାମାୟଣ ର ଅନେକ ପ୍ରସଙ୍ଗ ଭିତରୁ ଅନ୍ୟତମ ପ୍ରସଙ୍ଗ ହେଲା ରାମାୟଣରେ ବର୍ଣ୍ଣିତ ରାଜଧର୍ମ। ସାମଃବେଦରେ ଉଚ୍ଚାରିତ ଶ୍ଳୋକ ଯାହାକି ହବିଯଜ୍ଞ ସମୟରେ ବିପ୍ରଗଣ ଆହୁତି ପ୍ରଦାନ କରିଥାନ୍ତି" ସ୍ୱସ୍ତି ପ୍ରଜାଭ୍ୟ ପରିପାଲୟନ୍ତ ନ୍ୟାୟେଣ, ମାର୍ଗେନ ମହି ମହିଷ, ଗୋ ବ୍ରାହ୍ମଣ ଶୁଭମମସ୍ତୁ ନିତ୍ୟମ ଲୋକା ସମସ୍ତା ସୁଖିନଃ ଭବନ୍ତୁ। ନୃପ ଅଭିଷେକ ସମୟରେ ପୁରୋହିତ ଗଣ ରାଜାଙ୍କୁ ସର୍ବଦା ସମଦର୍ଶୀ ଓ ସମଭାବାପନ୍ନ ହୋଇ କାର୍ଯ୍ୟ କରିବାକୁ ଉପଦେଶ ଦେଇ ଥାନ୍ତି। ପରେ ରାଜା ଯଥା ସମ୍ଭବ ଏହାକୁ ନିଜ ରାଜନୀତିରେ ଚରମ ଓ ଶ୍ରେଷ୍ଠ ଆଚାର ସଂହିତା ଭାବି ଅନୁପାଳନ କରନ୍ତି। କଠୋର ରାଜଧର୍ମକୁ ପାଳନ କରିବାକୁ ଯାଇ ନିଷ୍ଠୁର ନିୟତି ଅନେକ ସମୟରେ ରାଜାଙ୍କୁ ପରୀକ୍ଷା କରେ। ମାତ୍ର ସେହି ସମୟରେ ହିଁ ରାଜା ତାଙ୍କର ସେହି ଶ୍ରେଷ୍ଠ ଧର୍ମକୁ ପାଳନ କରନ୍ତି। କଠୋର କର୍ତ୍ତବ୍ୟ ନିକଟରେ ପତ୍ନୀ, ପୁତ୍ର, ମାତା, ପିତା ଆତ୍ମୀୟ ସ୍ୱଜନ ସହୋଦରଙ୍କ ମୋହ ତନ୍ଦ୍ରାଛନ୍ନ ଯେପରି ମୋହବିଷ୍ଟ ନକରେ ରାଜା ସେଥିପ୍ରତି ସଦା ଜାଗ୍ରତ। ତେଣୁ ଜଣେ ରାଜା ହି ମହାନ ଯୋଗୀ ତ୍ୟାଗୀ ପୁରୁଷର ଅନ୍ୟରୂପ। ଯାହାର ସର୍ବୋତ୍କୃଷ୍ଟ ଉଦାହରଣ ହେଉଛନ୍ତି ରାଜଶ୍ରୀ ଜନକ। ଏବଂ ତାଙ୍କର ସେହି ମହନୀୟ ଆଦର୍ଶକୁ ଅନୁକରଣ କରିଛନ୍ତି ଜାମାତା ଭଗବାନ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ। ଅନୁଜ ଭରତକୁ ଚଉଦ ବର୍ଷକାଳ ରାଜ୍ୟ ଭାର ଅର୍ପଣ କରି ବନବାସୀ ହେଲେ। ଅଗ୍ରଜ ପ୍ରଭୁତୁଲ୍ୟ ନିଜ ଭ୍ରାତା ରାମଚନ୍ଦ୍ରଙ୍କୁ ଅତ୍ୟନ୍ତ ଭକ୍ତି କରୁଥିଲେ ବୋଲି ଭରତ କେବେଳ ଜଣେ ରାଜ କର୍ମଚାରୀ ଭାବେ ଅନୁପସ୍ଥିତିରେ ରାଜ୍ୟକାର୍ଯ୍ୟ ବହନ କଲେ। ରାଜକୀୟ ଭୋଗ ବିଳାସ ପ୍ରତି ଅନାସକ୍ତ ରହି ଅଯୋଧ୍ୟା ନିକଟସ୍ତ ନନ୍ଦି ଗ୍ରାମରେ ଏକ ପର୍ଣ୍ଣକୁଟୀରରେ ସନ୍ନ୍ୟାସୀସମ ବସବାସ କରି ରାଜ୍ୟଭାର ତୁଲାଇଲେ। ପ୍ରାତଃ ସମୟରେ ସାନ୍ନ କାର୍ଯ୍ୟ ସମାପନ ପୂର୍ବକ ରାମଚନ୍ଦ୍ରଙ୍କ ପାଦୁକାପୂଜା ସାରି ସେହିଠାରେ ହିଁ ଆରମ୍ଭ ହେଉଥିଲା ପ୍ରାରମ୍ଭିକ ରାଜ କାର୍ଯ୍ୟ। ପ୍ରଜା ମାନଙ୍କ ହାନି ଗୁହାରି ଦୁଃଖ ସୁଖ ସକଳ କଥା ଆଲୋଚନା ହେଉଥିଲା ସେହି ନନ୍ଦି ଆଶ୍ରମରେ। ଦେଖନ୍ତୁ କି ନିର୍ଲିପ୍ତ ପଣ ଜଣେ ରାଜା ହେବାର ସମସ୍ତ ଦକ୍ଷତା ସହ, ରାଜା ହିସାବରେ ଯେଉଁ ଐଶ୍ୱର୍ଯ୍ୟ ଭୋଗ କରିବାର ରାଜନୈତିକ ଅଧିକାର ଥାଇ ସୁଦ୍ଧା ବିଭବ ଠାରୁ ଦୂରେଇ ରହିବା କେବଳ ଜଣେ ଜିତେନ୍ଦ୍ରିୟ ମୁନି ହିଁ କରିପାରିବେ। ଭରତ ଯେ ଜଣେ ଶ୍ରେଷ୍ଠ ପ୍ରଜାପାଳକ ଏକଥାରେ ଦ୍ୱିମତ ନାହିଁ। ଦ୍ୱିତୀୟ ଉଦାହରଣ ଭାବେ ଆମେ ବିଭୀଷଣ ଙ୍କ ଚରିତ୍ର ବର୍ଣ୍ଣନା କରିବା ବିଧେୟ ହେବ। ରାବଣର ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ରାଜସଭାରୁ ନିନ୍ଦା ଭର୍ତ୍ସନା ପଦାଘାତ ପାଇଁ ବିତାଡିତ ହେଲେ। ପ୍ରଭୁ ରାମଚନ୍ଦ୍ରଙ୍କ ସରଣାଗତ ହୋଇ ଅନ୍ତରର ଇଷ୍ଟନିଷ୍ଠ ଭକ୍ତିର ପରିଚୟ ଦେଇଥିଲେ ବିଷ୍ଣୁ ଉପାସକ ବିଭୀଷଣ। ରାବଣରକୁ ବିନାଶ କରି ଲଙ୍କା ରାଜାସନରେ ବିଭୀଷଣଙ୍କୁ ବସାଇବା। ରାମଚନ୍ଦ୍ର ସଂକଳ୍ପ ନେଇସାରିଥିଲେ। ତେବେ ମୂଳ କଥା ବିଭୀଷଣ ମଧରେ ସେ ଏପରି କେଉଁ ମହନୀୟ ଗୁଣାବଳୀକୁ ଉପଲବ୍ଧି କଲେ ଯେ ଭାବଗ୍ରାହୀ ପ୍ରଭୁ ରାମଚନ୍ଦ୍ର ଦଶାନନ ମୃତ୍ୟୁ ପରେ ଅନୁଜ ବିଭୀଷଣକୁ ଲଙ୍କାଧିସ ପଦରେ ଅଭିଷିକ୍ତ କରାଇଲେ। ରାବଣ ବ୍ୟତୀତ ଅନ୍ୟସମସ୍ତ ଲଙ୍କାବାସୀ ଜାଣିଥିଲେ ଯେ ଯୁଦ୍ଧରେ ରାବଣର ପରାଜୟ ଓ ମୃତ୍ୟୁ ସୁନିଶ୍ଚିତ। କାରଣ ରାବଣକୁ ସ୍ୱୟଂ ଭଗବାନ ବିଷ୍ଣୁ ମାନବ ଅବତାରରେ ନିଧନ କରିବା ନିମନ୍ତ ହିଁ ସୂର୍ଯ୍ୟବଂଶରେ ଦଶରଥଙ୍କ ପୁତ୍ର ହିସାବରେ ଜନ୍ମ ନେଇଥିଲେ। ଏକଦା ରାବଣର ଅନ୍ୟତମ ଶକ୍ତିଶାଳୀ ରାକ୍ଷସ ଭ୍ରାତା କୁମ୍ଭକର୍ଣ୍ଣ ଯୁଦ୍ଧ କୁ ଯିବାପୂର୍ବରୁ କହିଥିଲା ଯଦି ସେ ଯୁଦ୍ଧରେ ରାମଚନ୍ଦ୍ରଙ୍କ ଦ୍ୱାରା ଦେହତ୍ୟାଗ କରେ ତାହେଲେ ମାତା ଜାନକୀଙ୍କୁ ଭ୍ରାତା ରାବଣ ମର୍ଯ୍ୟାଦା ପୂର୍ବକ ରାମଚନ୍ଦ୍ରଙ୍କ ନିକଟରେ ସର୍ମପଣ କରି କୃତକର୍ମ ପାଇଁ କ୍ଷମାଭିକ୍ଷା କରିବ ଓ ସରଣପଞ୍ଜର ପ୍ରମୁ ନିଶ୍ଚିତ ଭାବେ ତାଙ୍କୁ କ୍ଷମା କରିଦେବେ। ମାତ୍ର ଅହଙ୍କାରୀ ରାବଣ ଅହଂକାରରେ ମତ୍ତହୋଇ ରାମରୂପରେ ବିରାଜ ମାନ ନାରାୟଣଙ୍କୁ ମଧ ଚିହ୍ନିପାରି ନଥିଲା। ଶେଷରେ ଯୁଦ୍ଧ ହିଁ ଚୂଡାନ୍ତ ବିଜୟ ପରାଜୟର ନିର୍ଣ୍ଣୟ ହେବ ବୋଲି ସ୍ଥିର ହେଲା। ଲଙ୍କାର ସମସ୍ତ ବୁଦ୍ଧିଜୀବୀ ରାଜ ଉପଦେଷ୍ଟା ମାନଙ୍କ ବିରାଟ ଶଙ୍କା ପଶିଲା। ଯୁଦ୍ଧ ହେଲେ ରାବଣ ସମେତ ଲଙ୍କାର ଧନଜୀବନ କ୍ଷୟ ହେବ। ନିରୀହ ପ୍ରଜାକୂଳ ବିନା ଦୋଷରେ ଦଣ୍ଡ ଭୋଗିବେ। ସେଥିପାଇଁ ଭବିଷ୍ୟଦର୍ଶୀ ବିଭୀଷଣ ରାମଚନ୍ଦ୍ରଙ୍କ ଠାରେ ଏକ ବିନୀତ ନିବେଦନ କରିଥିଲେ। ନିରୀହ ନିରପରାଧ ପ୍ରଜା ଯେପରି ଏହି ଯୁଦ୍ଧରେ ଆଘାତ ନପାଆନ୍ତୁ। କୃପାସିନ୍ଧୁ ପ୍ରଭୁ ରଘୁନାଥ ଜଣେ ରାଜାର ପ୍ରକୃତ ରାଜଧର୍ମକୁ ସେହିଦିନ ଉପଲବ୍ଧି କରି ଅଭୟ ଦେଲେ ଯେ କେବଳ ରାବଣ ସହ ଯୁଦ୍ଧ କରୁଥିବା ଦେଇଥିଲେ ଏହି ଯୁଦ୍ଧ ନିୟମକୁ ଅକାଟ୍ୟ ଭାବେ ପାଳନ କରିବା ପାଇଁ। ସୁଗ୍ରୀବ, ହନୁମାନ ସମେତ ସମସ୍ତ ସେନାନୀ ଉଭୟ ରାମଚନ୍ଦ୍ର ଓ ବିଭୀଷଣଙ୍କ ଓ ଉଭୟ ଜୟଗାନ କରିଥିଲେ। ତୃତୀୟ ଉଦାହରଣ ହେଉଛନ୍ତି ସ୍ୱୟଂ ପ୍ରଭୁ ରାମଚନ୍ଦ୍ର। ଯେତେବେଳେ ଅଯୋଧ୍ୟାରେ ଶୂଦ୍ର ଶୂଦ୍ରାଣୀଙ୍କ ଦାମ୍ପତ୍ୟ କଳହ ରାଜ ଦରବାରରେ ବିଚାର ହେଲା। ସେତେବେଳେ ଜନରବ ସୃଷ୍ଟି ହେଲା ଶୂଦ୍ରାଣୀର ଯେଉଁ କାର୍ଯ୍ୟ ପାଇଁ ତାକୁ ବ୍ୟଭିଚାରିଣୀର ଆଖ୍ୟା ଦିଆଗଲା ସେହି କାର୍ଯ୍ୟ ବହୁପୂର୍ବରୁ ରାଜରାଣୀ ସୀତାଙ୍କ କ୍ଷେତ୍ରରେ ମଧ ପରିଲକ୍ଷିତ ହୋଇଛି। ମାତ୍ର ଅଯୋଧ୍ୟାର ରାଣୀ ହିସାବରେ ତାହାକୁ ରଖା ଯାଇଛି। ଏକଥା ରାଜା ରାମଚନ୍ଦ୍ର ଶୁଣିବାକୁ ପାଇଲେ। ସୀତା ଯେ ସତୀ ଶିରୋମଣି ସ୍ୱୟଂ ରାମଚନ୍ଦ୍ରଙ୍କ ଛଡା ଆଉ କିଏ ଭଲଭାବରେ ଜାଣିଥିଲେ। ମାତ୍ର କଠୋର ରାଜଧର୍ମ ପାଳନ କରିବାକୁ ନିକଟରେ ପ୍ରିୟତମାର ପ୍ରେମ ମଧ କିଛିନୁହେଁ। ତପସ୍ୱିନୀ କାବ୍ୟରେ ଗଙ୍ଗାଧର ମେହେର ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି, ପ୍ରଜାନୁରଂଜନେ ଯେବେ ହେବ ପ୍ରୟୋଜନ, କରିପାରେ ପ୍ରାଣସମା ସୀତା ବିସର୍ଜନ "ତାହାହିଁ ହେଲା ଅନୁଜ ଲକ୍ଷ୍ମଣ କୁ ଡାକି ତୁରନ୍ତ ଅନ୍ତଃସତ୍ୱା ସୀତାଙ୍କୁ ନିର୍ବାଚିସିତା ଦଣ୍ଡ ଦେବାର କଠୋର ନିର୍ଦ୍ଦେଶ। ପୁଣି ରାଧାନାଥ "ହୃଦପଛେ ଜଳେ ବିଦ୍ୟୁତ ଅନଳେ ଜଳ ଦାନେ ଘନବାଧ ସୁଖତେଜି ରାଜା ପାଳିବ ପରଜା ତେବେ ସେ ପରମାରାଧ୍ୟ ।। ପ୍ରଜାଙ୍କ ପାଇଁ ନିଜ ଆତ୍ମସୁଖ କାମନାକୁ ବଳିଦାନ ଦେବାକୁ ହେବ, କର୍ତ୍ତବ୍ୟ ଯେତେ ଦୁରସ୍ତ ହେଉନା କାହିଁକି ପାଳନ କରିବାକୁ ହେବ । ଏହାହିଁ ପ୍ରକୃତ ରାଜଧର୍ମ। ହୁଏତ ପ୍ରାଣପ୍ରିୟା ବିଚ୍ଛେଦରେ ସ୍ୱାମୀ ହିସାବରେ ରାମଚନ୍ଦ୍ରଙ୍କ ହୃଦୟ ଦୁଃଖରେ ବିଗଳିତ ହୋଇଯାଉଥିବ ମାତ୍ର ଜଣେ ପ୍ରଜାନୁରଞ୍ଜନ ରାଜା ନିକଟରେ ଆତ୍ମସୁଖ ଅପେକ୍ଷା ପ୍ରଜାର ସୁଖ ଶ୍ରେୟସ୍କର ଏହାହିଁ ଆମକୁ ରାମାୟଣ ର ରାଜଧର୍ମ ଶିକ୍ଷା ପ୍ରଦାନ କରେ। ଜଣେ ହିଁ ଶ୍ରେଷ୍ଠ ଯୋଗୀ। ସେଦିନ ସେହି ରାଜଧର୍ମ ପାଳନ କରିଥିଲେ ବୋଲି ଉଦାହରଣ ଛଳରେ ଆମେ ଆଜି ବି ରାମରାଜ୍ୟ ପ୍ରତିଷ୍ଠା ର କଥାକହୁ। ଏହାହିଁ ରାମାୟଣର ଆଦର୍ଶ ରାଜଧର୍ମ ଯାହା ଯୁଗଯୁଗ ଧରି ଭାରତୀୟ ସଂସ୍କୃତିକୁ ମହିମାମଣ୍ଡିତ କରିଛି। ବିଶ୍ୱ ଦରବାରରେ କେତେ ରାଜନୀତି ବିଜ୍ଞାନର ପାଠକ୍ରମରେ ମଧ ଉତ୍ତମଶାସକର ନିର୍ଯ୍ୟାସ ଦେବାକୁ ଯାଇ ରାମାୟଣ ର କଥାବସ୍ତୁ କୁ ଆଲୋଚନା କରାଯାଏ। ପ୍ରତ୍ୟେକ ଭାରତୀୟ ପାଇଁ ଏହାଠାରୁ ଶ୍ରେଷ୍ଠ ସମ୍ପଦ କଣ ବା ହୋଇଥାଇପାରେ ।

+ ସରକାରୀ ଉଚ୍ଚ ବିଦ୍ୟାଳୟ
ବାଲିଶଙ୍କରା, ସୁନ୍ଦରଗଡ
ମୋବାଇଲ-୯୭୭୬୭୨୬୮୬୭

**ବୈଷ୍ଣବ ଜେନା**

# ପ୍ରଧାନମନ୍ତ୍ରୀ ମନ୍‌କି ବାତ ଓ ଦେଶୀ କୁକୁର୍ ପ୍ରସଙ୍ଗ

ଆକାଶବାଣୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ଅଗଷ୍ଟ ମାସ ଶେଷରେ ପ୍ରସାରିତ 'ମନ୍‌କି ବାତ୍' କାର୍ଯ୍ୟକ୍ରମ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ବିଶେଷକରି ଦେଶବାସୀ ଦେଶୀ କୁକୁର ପାଳନ କରବାକୁ ପ୍ରଧାନମନ୍ତ୍ରୀ ଯେଉଁ ଆହ୍ୱାନ ଦେଇଛନ୍ତି ତାହା ଗୁଞ୍ଜରଣ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ସେହି କାର୍ଯ୍ୟକ୍ରମରେ ସୋଫିଏ ଓ ବିଡ଼ା ନାମକ ଦୁଇଟି କୁକୁରଙ୍କର ଦେଶ ସେବାର ସ୍ମୃତିଚାରଣ କରିଥିଲେ। ପ୍ରଶଂସା ପତ୍ର ସ୍ୱାଧୀନତା ଦିବସ ଅବସରରେ ସେମାନଙ୍କୁ ଦିଆଯାଇଛି ବୋଲି ମଧ କହିଥିଲେ। ପ୍ରକାରାନ୍ତରେ ଦେଶୀ କୁକୁରମାନେ ମଧ ବିଦେଶୀଙ୍କ ତୁଳନାରେ କମ୍ ଦକ୍ଷ ନୁହଁନ୍ତି ବୋଲି କହିଥିଲେ। ଭାରତବାସୀ ବିଦେଶୀ ପ୍ରଜାତିର କୁକୁର ପାଇଁ ଅଜସ୍ର ଅର୍ଥ ବ୍ୟୟ କରି ନିଜକୁ ମର୍ଯ୍ୟାଦାବନ୍ତ ଓ ଧନଶାଳୀ ବୋଲି ମନେକରି ଆସୁଛନ୍ତି, ଯୁବତୀ ଓ ମହିଳାମାନେ ବିଦେଶୀ କୁକୁରଙ୍କୁ ସାଙ୍ଗରେ ଧରି ହାଟ ବଜାରରେ ବୁଲିବା ବେଳେ କିମ୍ବା କାର୍‌ରେ ନେବାବେଳେ ବେଶୀ ଆଖିଦୃଶିଆ ହେଉଛନ୍ତି। ସେହି ବିଦେଶୀ କୁକୁରମାନଙ୍କୁ ଆମ ଦେଶବାସୀ ସୁନ୍ଦର ବୁଦ୍ଧିବାନ ଓ ବେଶୀ ସୁରକ୍ଷାକାରୀ ବୋଲି ବିଚାର କରୁଛନ୍ତି। ସେହି ବିଦେଶୀ କୁକୁରମାନଙ୍କୁ ଆମ ଦେଶବାସୀ ସୁନ୍ଦର ବୁଦ୍ଧିମାନ ଓ ବେଶୀ ସୁରକ୍ଷାକାରୀ ବୋଲି ଧରି ନେଇଛନ୍ତି। ତେବେ ଦେଶୀ କୁକୁରମାନେ ସୌନ୍ଦର୍ଯ୍ୟ, ବୁଦ୍ଧିମତ୍ତା ଓ ଚତୁରତାରେ ନ୍ୟୁନ ବୋଲି ପଇସାବାଲାଙ୍କର ଯେଉଁ ଧାରଣା ରହିଛି ତାହା ଆଦୌ ଠିକ୍ ନୁହେଁ। ଏହି ପ୍ରସଙ୍ଗରେ ଆମେ କିଛି ଦୃଷ୍ଟାନ୍ତ ଦେଉଛୁ।

ରାଜ୍ୟର ଜଣେ ସୁପୁତ୍ରୀ ହେଉଛନ୍ତି ପରଲୋକଗତା ଜ୍ୟୋତ୍ସ୍ନା ରାଉତରାୟ (ମଙ୍ଗରାଜ)। ସେ ଥିଲେ ଜଣେ ସୁଲେଖିକା ଓ ପ୍ରଭାବଶାଳୀ ସାମ୍ବାଦିକ। ସେ ତାଙ୍କ ସ୍ୱାମୀ ସାମ୍ବାଦିକ ଜୀମୂତ ମଙ୍ଗରାଜଙ୍କ ସହିତ ରାଜ୍ୟ ବାହାରକୁ ଯାଇଥିଲେ। ୧୫ ଦିନ ପରେ ଫେରିଲେ। ତାହା ପରଦିନ ସକାଳେ ତାଙ୍କ କ୍ୱାର୍ଟର ପରିସରରେ ଥିବା ଏକ ସିମେଣ୍ଟ ଚେୟାରରେ ବସି ସ୍ୱାମୀଙ୍କ ସହିତ ଚା ପିଇବା ସହିତ ଖବରକାଗଜ ଦେଖୁଥିଲେ। ଏହି ସମୟରେ ଗୋଟିଏ ବୁଲା କୁକୁର ତାଙ୍କୁ ଚାହିଁ କିଛି ସମୟ ଭୁକିଲା। ତାପରେ ଗୋଟିଏ ପରେ ଗୋଟିଏ ତାହାର ୬ଟି ଛୁଆଙ୍କୁ ଆଣି ଜ୍ୟୋତ୍ସ୍ନାଙ୍କ ପାଦତଳେ ରଖିଦେଲା। ସେଗୁଡ଼ିକର ଆଖି ଫିଟିନଥିଲା। ସେମାନଙ୍କୁ ଦେଖି ଜ୍ୟୋତ୍ସ୍ନା ଓ ଜୀମୂତ ବିରକ୍ତ ହେଲେ ମାତ୍ର କିଛି କହିଲେ ନାହିଁ। କିଛି ଘଣ୍ଟାର ବ୍ୟବଧାନ ପରେ ଜ୍ୟୋତ୍ସ୍ନା ଘର ଭିତରୁ ବାହାରକୁ ଆସି ଦେଖିଲେ ସେହି କୁକୁର ମାଟି ଗୋଟ୍ ବାହାରେ ମରି ପଡ଼ିଛି। ଏକଥା ଦେଖି ତାଙ୍କର ହୃଦୟ ତରଳିଗଲା ଏବଂ ସେହି ଛୁଆଗୁଡ଼ାଙ୍କ ପ୍ରତି ମାତୃତ୍ୱ ଜାଗିଲା। ତୁରନ୍ତ ସେମାନଙ୍କ ପାଇଁ ଖାଇବା ଓ ଚିକିତ୍ସାର ବ୍ୟବସ୍ଥା କରିଦେଲେ। ନିଜେ ଯତ୍ନ ନେଲେ। ଏହି ଘଟଣା ଘଟିବାର ୬ ମାସ ପରେ ଜ୍ୟୋତ୍ସ୍ନାଙ୍କର କର୍କଟ ରୋଗ କାରଣରୁ ମୃତ୍ୟୁ ଘଟିଲା। ବଡ଼ ହୋଇଯାଇଥିବା କୁକୁରମାନଙ୍କର ଆଚରଣ ଯିଏ ଦେଖିଛି ସିଏ ଉପଲବ୍ଧ କରିଛି। ସେହିମାନେ ଜ୍ୟୋତ୍ସ୍ନାଙ୍କ ଶବ ଚତୁଃପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ବସି ରହିଥିଲେ। ଶବବାହୀ ଗାଡ଼ି ପଛରେ ଗୋଟିଏ କିଲୋମିଟର ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ଯାଇଥିଲେ। ଏକଥା ଶହ ଶହ ଲୋକ ଦେଖିଥିଲେ ଏବଂ ଉକ୍ତ କୁକୁରମାନଙ୍କୁ ତାରିଫ୍ କରିଥିଲେ।

ଦ୍ୱିତୀୟ ଘଟଣାଟି ଆମ ଗାଁର। ନାଥ ବାବୁଙ୍କ ଘର ଗାଁ ମୁଣ୍ଡରେ। ତାଙ୍କ ପରିବାର କହିଲେ ୫୫ବର୍ଷ ବୟସ୍କ ନାଥବାବୁ, ତାଙ୍କ ପତ୍ନୀ, ପୁତ୍ରବଧୂ, ବର୍ଷକର ନାତି ଓ ଗୋଟିଏ ପୋଷା କୁକୁର। ପୁଅ ଚାକିରୀ କରେ କୋଲକତାରେ। ଝିଅ ବାଣୀ ବିହାରରେ ପଢେ। ଦିନେ ତାଙ୍କର ନାତିର ଦେହ ଖରାପ ହେଲା। ଚିକିତ୍ସା ମଧ ଆରମ୍ଭ ହେଲା। ମାତ୍ର ରାତିର ବିଳମ୍ବିତ ପ୍ରହରରେ ସେହି ଶିଶୁଟି ପ୍ରବଳ କାନ୍ଦିଉଠିଲା ଓ ଶେଷରେ ନିସ୍ତେଜ ହୋଇଗଲା। ଶିଶୁଟି ମରିଗଲା ବୋଲି ସମସ୍ତେ କାନ୍ଦି ଉଠିଲେ। ତାଙ୍କର କାନ୍ଦ ଶୁଣି ପାଖ ପଡ଼ିଶାରୁ କେତେକ ଲୋକ ଆସିଲେ। ରାତି ପାହିଲା ମାତ୍ରେ ନାଥବାବୁ ଆଉ ଜଣେ ଲୋକଙ୍କ ସହିତ ପିଲାଟିକୁ ବ୍ରାହ୍ମଣୀ ନଦୀପଠାକୁ ନେଇଗଲେ। କିନ୍ତୁ ତାଙ୍କ ପୋଷା କୁକୁରଟି ତାଙ୍କୁ ଘୋର ବିରୋଧ କଲା। ଜୋର୍‌ରେ ଆର୍ତ୍ତ ଚିହାର କଲା। ଏପରିକି ନାଥବାବୁଙ୍କ ଲୁଙ୍ଗିକୁ ଟାଣି ନେଇ ବିବସ୍ତ୍ର କରି ପକାଇଲା। ଯାହା ହେଉ ସେହି ପିଲାଟିକୁ କାଶତଣ୍ଡି ବୁଦା ମୂଳେ ସେମାନେ ପକାଇଦେଇ ଆସିଲେ। କିନ୍ତୁ କୁକୁରଟି ମୃତ ଶିଶୁଟିକୁ ଜଗିରହିଲା। ପିଲାଟିର ମୃତ୍ୟୁ ଖବର ଶୁଣି ତାହାର ପିଉସୀ ବାଣୀ ବିହାରରୁ ଘରକୁ ଦୁଇଦିନ ପରେ ଆସିଲା। ଉକ୍ତ ଯୁବତୀଟି ଘରକୁ ଯିବା ପୂର୍ବରୁ ଜାଣିଲା ଯେ ପିଲାଟି ସେମିତି ପଡ଼ିରହିଛି, କିଛି ପରିବର୍ତ୍ତନ ହୋଇନାହିଁ। କୁକୁରଟି ଜଗି ରହିଛି। ଏହା ଶୁଣି ସେହି ଯୁବତୀଟି ନଦୀପଠାକୁ ଦୌଡ଼ିଲା। ମଲା ପିଲା ବୋଲି ତାହାର ବିଶ୍ୱାସ ହେଲାନି। ସେ ପିଲାଟିକୁ ଉଠାଇନେଲା। ହଠାତ୍ ପିଲାଟି ଆଖି ଖୋଲିଲା ଓ ଚିହିଁକି ଉଠିଲା। ସେ ତୁରନ୍ତ ଛୁଆଟିକୁ ଧରି ଦୁଇ କିଲୋମିଟର ଦୂର ଡ଼ାକ୍ତରଖାନାକୁ ଦୌଡ଼ିଲା। ସାଙ୍ଗରେ କୁକୁର ବି ଦୌଡ଼ିଲା। ଡ଼ାକ୍ତରବାବୁ ତୁରନ୍ତ ଚିକିତ୍ସା ଆରମ୍ଭ କଲେ। ମାତ୍ର ଚକିତ୍ସା ଅବସ୍ଥାରେ ଶିଶୁଟିର ମୃତ୍ୟୁ ଘଟିଲା। ଏପରି ଅଘଟଣ ପାଇଁ ସମସ୍ତେ ନାଥ ବାବୁଙ୍କୁ ଦାୟୀ କଲେ। ଏପରିକି କୁକୁରଟି ମଧ ଆଉ ତାଙ୍କ ଘରକୁ ଫେରିଲା ନାହିଁ। ନିକଟସ୍ଥ ହାଟରେ ରହିଗଲା। ଯେତେବେଳେ ନାଥ ବାବୁଙ୍କୁ ଦେଖିଲା-ଭୁକି ଉଠିଲା-କାମୁଡ଼ି-ଗୋଡ଼ାଇଲା। ତିନିବର୍ଷ ପରେ ଦିନେ ନାଥବାବୁ ସେହି କୁକୁରଟି ଆଗରେ ହାତ ଯୋଡ଼ି ବସି ପଡ଼ିଲେ। କହିଲେ, ମୁଁ ତ ଭୁଲ୍ କରିଛି, ସେହି ଦିନଠାରୁ କାନ୍ଦୁଛି, ଏହା ଉପରେ ତୁ କାହିଁକି ମୋତେ ଆହୁରି ଦୁଃଖ ଦେଉଛୁ। ସବୁଦିନେ ଗାଳି, ଗୁଳଜ କରୁଛୁ। ଏହା ମଧରେ ଆଉ ଗୋଟିଏ ନାତି ହେଲାଣି। ଏବେ ଘରକୁ ଆ। କୁକୁରଟି ମୁନିବର ଦୁଃଖ ବୁଝିଲା। ଲାଙ୍ଗୁଡ଼ ହଲାଇ ଚାରିପଟେ ବୁଲି ଆସିଲା ଏବଂ ତାଙ୍କ ସହିତ ଘରକୁ ଫେରିଲା। ବର୍ଷେ ପରେ ବୁଢା ହୋଇ ମରିଗଲା।

ପ୍ରଥମ ଘଟଣାରେ କୁକୁର ମା'ଟି ତାହାର ଆସନ୍ନ ମୃତ୍ୟୁ କଥା ନିଶ୍ଚୟ ଜାଣିଥିଲା। ସେହି କାରଣରୁ ତାହାର ଶାବକମାନଙ୍କର ଦାୟିତ୍ୱ ଜଣେ ମା'କୁ ଦେଇଥିଲା। ପାଖରେ ଜୀମୂତ ବାବୁ ବସିଥିଲେ ବି ସେ ଜ୍ୟୋତ୍ସ୍ନାଙ୍କୁ ବାଛିଥିଲା। ଏହା କିଛି କମ୍ କଥା ନୁହେଁ। ଦ୍ୱିତୀୟ ଘଟଣାରେ ଗୋଟିଏ ଦେଶୀ କୁକୁର ପିଲାଟି ମୃତ ନୁହେଁ, ଜୀବିତ ବୋଲି ଜାଣି ପାରିଲା। ଦୁଇଦିନ ଦୁଇରାତି ଶିଆଳ, ହେଟାଙ୍କ ଠାରୁ ସୁରକ୍ଷା ଦେଲା। କ୍ରୋଧ ପ୍ରକଟ କଲା, ଅଭିମାନ କରି ଘର ଛାଡ଼ିଲା ଓ ଶେଷରେ ମୁନୀବର ଲୁହ ଦେଖି ତରଳିଗଲା। ଏହା ସତ୍ତ୍ୱେ ଯେଉଁ କୁକୁରପ୍ରେମୀମାନେ ଦେଶୀ କୁକୁର ଗୁଡ଼ିକ ବିଦେଶୀଙ୍କ ପରି ଚାଲାଖ ଚତୁର ଓ ସାହାସୀ ନୁହଁନ୍ତି ବୋଲି ଯାହା ଭାବୁଛନ୍ତି ତାହା ଠିକ୍ ନୁହେଁ। ଏମାନେ ବି ମାଲିକଙ୍କୁ ସୁରକ୍ଷା ଦେଇପାରିବେ। ଏମାନଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଯଥେଷ୍ଟ ଅଧିକ। ପାଳନ ଖର୍ଚ୍ଚ ସର୍ବନିମ୍ନ। ଖରା ବର୍ଷା ଶୀତ କାକରକୁ ଏମାନେ ଖାତିର କରନ୍ତି ନାହିଁ। ମାତ୍ର ବିଦେଶୀ କୁକୁରମାନେ ଘନ ଘନ ରୋଗରେ ପଡ଼ନ୍ତି।

ଜଣେ ପଶୁପକ୍ଷୀପ୍ରେମୀଙ୍କ କହିବା ଅନୁସାରେ ଦ୍ୱୈତ ନଗରୀ କଟକ ଓ ଭୁବନେଶ୍ୱରରେ ଏବେ ପ୍ରାୟ ୩୦ ହଜାର ଦେଶୀ କୁକୁର ଅଛନ୍ତି, ସେମାନଙ୍କ ମଧରୁ ଅତି ବେଶୀରେ ୫୦୦ ହେଉଛନ୍ତି ପୋଷା କୁକୁର। କୌଣସି କୋଠାଘରେ ରହିବା ଲୋକ ଏପରି ଦେଶୀ କୁକୁରକୁ ପୋଷା କୁକୁର ଭାବେ ରଖିନାହାଁନ୍ତି। ଚାଳଘର ଓ ଝୁମ୍ପୁଡ଼ି ଘର ବାଲା କେବଳ ରଖିଛନ୍ତି। ଅପର ପକ୍ଷରେ ଏହି ଦ୍ୱୈତ ନଗରୀରେ ପ୍ରାୟ ୪ ହଜାର ବିଭିନ୍ନ ଆକୃତି ଓ ରଙ୍ଗର ବିଦେଶୀ କୁକୁର ଅଛନ୍ତି, ସବୁ ପୋଷା।

+ ସାମ୍ବାଦିକ
ମୋ : ୯୪୩୭୦୦୭୨୦୦

## କବିତା କୋଣାର୍କ

### ଚନ୍ଦ୍ରମା ଗୋ ଲୁଚିଯାଅ ବାରେ..

**ଶରତ ଚନ୍ଦ୍ର ଦାସ**

ରାତି ଗଡ଼ିଗଲେ ଜହ୍ନ ବୁଡ଼ିଗଲେ
ତମେ ମନେପଡ଼ ବେଶୀ,
ରୂପସୀ ଅଳସୀ ଲାଜେଇ ବିଳାସୀ
ମୋ ମନ ସରଗ ଶଶୀ ।

ଦେଇଥିଲ କଥା ବଂଚିବାକୁ ପ୍ରିୟା
ଦୁହେଁ ଦୁହିଁଙ୍କର ପାଇଁ,
ଅଦିନ ଝଡ଼ରେ ହାତ ଛାଡ଼ିଦେଲ
ଝୁରୁଛି ମୁଁ ତୁମ ପାଇଁ ।

ସେଦିନ ବର୍ଷାରେ ଭିଜୁଥିଲ ତୁମେ
ଭିଜୁଥିଲା ଗଛଲତା,
ଭିଜୁଥିଲି ମୁଁ ଯେ ଲୁହ ଓ ଲହୁରେ
ଜଳୁଥିଲା ମୋର ସତ୍ତା ।

ଆଜିବି ଦେଖୁଛି ସପନେ ତୁମକୁ
ଜହ୍ନରେ ଦେଖୁଛି ମୁହଁ,
ସଜଳ ନୟନ ଅଳସ ଚାହାଣି
ହୃଦୟେ ଭରିଛି କୋହ ।

ବରଷା ବିନ୍ଦୁରେ ଭିଜୁଥାଅ ତମେ
କାକର ବିନ୍ଦୁରେ କେବେ,
ଲୋତକ ବିନ୍ଦୁରେ ଭିଜୁଥାଏ ମୁଁ ଯେ
ତମ କଥା ଯେବେ ଭାବେ ।

ପ୍ରିୟା ତମେ କେବେ ଆସିବକି ଫେରି
ବରଷାର ସାଥେ ସାଥେ,
ଗୋଲାପ ଫୁଟିବ ମଧୁ ବରଷିବ
ମୋ କଣ୍ଟକିତ ଚଲା ପଥେ ।

ତୁମକୁ ଦେଖିଲେ ସ୍ୱପ୍ନ ନଇଁ ଆସେ
ତାରାଫୁଲ ହସୁଥାଏ,
ମୋ ଚଲା ବାଟରେ ତମ ପାଦଚିହ୍ନ
ମହମହ ବାସୁଥାଏ ।

ଚନ୍ଦ୍ରମା ଗୋ ତୁମେ ଲୁଚିଯାଅ ବାରେ
ପ୍ରିୟା ମୋ ଆସୁଛି ଧୀରେ,
ତା' ନୂପୁର ଶବ୍ଦ ସ୍ୱପ୍ନସିକ୍ତ କରେ
ଭିଜୁଛି ମୁଁ ଆଖି ନୀରେ ।

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା- କେନ୍ଦୁଝର
ମୋ: ୮୨୪୯୧୩୭୦୯୧

### ପ୍ରୀତିବାରି..

**ଶରତ ଚନ୍ଦ୍ର ଜାଲି**

ହେମ ସମ ପ୍ରେମ ତମ
ପରିଶିଦିଅ ଅଙ୍ଗେ
ତୁମପରି ସ୍ୱର୍ଗପରୀ
ନାହାନ୍ତି କଳିଙ୍ଗେ ।
ଲାବଣ୍ୟ ଯଉବନ
ଉଛୁଳେ ତରଙ୍ଗେ
ବସନ୍ତର ଅଭିସାର
ସଜେଇଛ ରଙ୍ଗେ ।।
ହୃଦୟକମଳ ଫୁଟି ଢଳଢଳ ଆଜି
ପୀରତି ସମୀର ବହେ
ସର୍ବାଙ୍ଗକୁ ବାଜି ।
ମୋହିନେଲ ବାନ୍ଧବୀ ଗୋ
ବନ୍ଧୁଟିଏ ସାଜି
ଭାବାନାରେ ଭାବୁଭାବୁ
ହେଲ ଯେବେ ରାଜି ।
ସ୍ୱର୍ଗୀୟ ଆନନ୍ଦ ପ୍ରିୟେ
ମିଳନ ଗୋ ତବ
ମଂଜୁଳ ସ୍ୱରଶେ ଲାଗେ
ତୁଚ୍ଛ ଏଇ ଭାବ
ତୁମରି ବିହୁନେ ମମ ସ୍ନେହ,
ପ୍ରେମ ଶବ
ହିଆ ହୁଏ ଆନ୍ଦୋଳିତ
ଶୁଭେ କଟୁ ରବ ।।
ଲକ୍ଷଲକ୍ଷ ବାଞ୍ଛି ମୋ ହୋଇବ ପୂରଣ
ସଖି, ସୁଖେ କଥାପଦେ
କଲେ ଉଚ୍ଚାରଣ ।
ସପନେ ଅବା ଗୋପନେ
କର ବିଚରଣ
ପ୍ରତୀକ୍ଷାରେ ପ୍ରତୀକ୍ଷିତ
ଆଜି ମୋ ମରଣ ।।
କହୁ କହୁ କହିଦେଲି ସବୁ ଚିତ୍ତଭାଷା
ମରୁ ସମ ହୃଦୟ ମୋ
ଶୁଷ୍କଶୁଷ୍କ ଆଶା ।
ଆସ ନେଇ ପ୍ରୀତିବାରି
ପ୍ରେୟସୀ ସହସା
ପିପାସା ମୋ ପୂର୍ଣ୍ଣ ହେଉ
ତୁଟୁ ମନତୃଷା ।।

+ ପଥରା, ଖଲ୍ଲିକୋଟ, ଗଂଜାମ
ମୋ: ୭୮୭୩୯୧୭୬୫୧





# ଅଜନ୍ତା ଗୁମ୍ଫା





ଅଜନ୍ତା ଗୁମ୍ଫା ମହାରାଷ୍ଟ୍ର ରାଜ୍ୟର ଔରଙ୍ଗାବାଦ ସହରଠାରୁ ପାଖାପାଖି ୧୦୫ କିଲୋମିଟର ଦୂରତା ଅବସ୍ଥିତ । ଅଜନ୍ତାର ପ୍ରାଚୀନ ଗୁମ୍ଫାକୁ ଭାରତ ଓ ବିଦେଶରୁ ଅଧିକ ପର୍ଯ୍ୟଟକ ଭ୍ରମଣ କରିବାକୁ ଯାଇଥାନ୍ତି । ଏହା ଭାରତୀୟ ଗୁମ୍ଫା କଳାର ଜୀବିତ ଉଦାହରଣ । ଅଜନ୍ତା ଗୁମ୍ଫା ଏଲୋରା ଗୁମ୍ଫାଠାରୁ ମଧ୍ୟ ପୁରାତନ ଓ ଏହା ଗୋଟିଏ ବା ଦୁଇଟି ନୁହେଁ ପୂରା ୩୦ଟି ଗୁମ୍ଫାର ସମୂହ ଯେଉଁଗୁଡ଼ିକୁ ହର୍ସ ସୁ ଆକାରର ପାହାଡ଼କୁ କଟାଯାଇ ନିର୍ମାଣ କରାଯାଇଛି । ଗୁମ୍ଫାଗୁଡ଼ିକ ବାଧୁର ନଦୀ କୂଳରେ ଏକ ପାହାଡ଼ ଉପରେ ଅବସ୍ଥିତ । ନିକଟରେ ଅବସ୍ଥିତ ଅଜନ୍ତା ଗ୍ରାମ ଅନୁସାରେ ଏହି ଗୁମ୍ଫାକୁ ନାମିତ କରାଯାଇଛି । ଇତିହାସ ବିଷୟରେ ଜାଣିବା ପାଇଁ ଇଚ୍ଛୁକ ଥିବା ପର୍ଯ୍ୟଟକମାନଙ୍କ ପାଇଁ ଅଜନ୍ତାର ଯାତ୍ରା ଆନନ୍ଦମୟ ପ୍ରମାଣିତ ହୋଇପାରେ । ଏହି ଗୁମ୍ଫାଗୁଡ଼ିକର କାରିଗରୀ ଓ ସୌନ୍ଦର୍ଯ୍ୟ ପର୍ଯ୍ୟଟକମାନଙ୍କୁ ଶାନ୍ତିର ଅନୁଭବ ଦେଇଥାଏ । ଏହା ଏକ ବୌଦ୍ଧ ଗୁମ୍ଫା ସ୍ମାରକ ଯେଉଁଠାରେ ବୌଦ୍ଧ ଧର୍ମର କଳାକୃତି ଦେଖିବାକୁ ମିଳିଥାଏ । ସେଠାରେ ଭଗବାନ ବୁଦ୍ଧଙ୍କର ଅନେକ ପ୍ରତିମା ଓ ବୌଦ୍ଧ ଧର୍ମ ସହିତ ଜଡ଼ିତ ଅନେକ ପେଣ୍ଟିଙ୍ଗ୍ସ ତିଆରି ହୋଇଛି । ଏହା ବ୍ୟତୀତ ଭଗବାନ ବୁଦ୍ଧଙ୍କର ପୂର୍ବଜନ୍ମ ସମ୍ବନ୍ଧରେ ମଧ୍ୟ କୁହାଯାଇଛି । ସେଠାରେ ଦୁଇ ପ୍ରକାରର ଗୁମ୍ଫା ରହିଛି- ବିହାର ଓ ଚୈତ୍ୟ ଗୃହ । ବିହାର ବୌଦ୍ଧ ମଠକୁ ରହିବା ଓ ପ୍ରାର୍ଥନା ପାଇଁ ବ୍ୟବହାର କରାଯାଏ । ସେଠାରେ ସ୍କୋୟାର ଶେପ୍‌ର ଛୋଟ ଛୋଟ ହଲ୍ ଓ ସେଲ୍ ରହିଛି । ସେଲ୍‌ରେ ବୌଦ୍ଧ ଭିକ୍ଷୁମାନଙ୍କ ଆରାମ ଓ ଅନ୍ୟ ଗତିବିଧି ପାଇଁ ବ୍ୟବହାର କରାଯାଏ । ମଧ୍ୟରେ ଥିବା ସ୍କୋୟାର ଶେପ୍‌ର ସ୍ଥାନଟିକୁ ପ୍ରାର୍ଥନା ପାଇଁ ବ୍ୟବହାର କରାଯାଉଥିଲା । ଚୈତ୍ୟ ଗୃହ ପ୍ରାର୍ଥନା ପାଇଁ ବ୍ୟବହାର ହେଉଥିଲା । ଏହି ଗୁମ୍ଫାର ଶେଷରେ ସ୍ତୁପର ନିର୍ମାଣ ହୋଇଛି ଯାହା ଭଗବାନ ବୁଦ୍ଧଙ୍କର ପ୍ରତୀକ ଥିଲା । ଯେପରି ଅଜନ୍ତା ଗୁମ୍ଫା ୩୦ଟି ଗୁମ୍ଫାର ସମୂହ ସହିପରି ଏଲୋରା ଗୁମ୍ଫାରେ ୩୪ଟି ମଠ ଓ ମନ୍ଦିର ରହିଛି ଯାହା ପାହାଡ଼ ପାର୍ଶ୍ୱରେ ଥିବା ୨ କି.ମି. ପରିମିତ ଜମିରେ ନିର୍ମିତ ହୋଇଛି । ଏହି ଗୁମ୍ଫାଗୁଡ଼ିକର ନିର୍ମାଣ ପଞ୍ଚମ ଓ ଦଶମ ଶତାବ୍ଦୀ ମଧ୍ୟରେ ହୋଇଥିବାର ଜଣାପଡ଼େ । ଅଜନ୍ତା ଗୁମ୍ଫାଗୁଡ଼ିକର ନିର୍ମାଣ ଦୁଇଟି ଶ୍ରେଣୀରେ ନିର୍ମିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସାତବାହନ ଓ ପରେ ବାକାଟକ ଶାସକ ବଂଶର ରାଜାମାନେ ଏହାର ନିର୍ମାଣ କରିଥିଲେ । ଏହି ପର୍ଯ୍ୟାୟର ଗୁମ୍ଫାର ନିର୍ମାଣ ଦ୍ୱିତୀୟ ଶତାବ୍ଦୀରେ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଗୁମ୍ଫାଗୁଡ଼ିକର ସମ୍ବନ୍ଧ ବୌଦ୍ଧ ଧର୍ମ ସହିତ ରହିଛି । ଦ୍ୱିତୀୟ ପର୍ଯ୍ୟାୟର ଗୁମ୍ଫାଗୁଡ଼ିକର ନିର୍ମାଣ ପାଖାପାଖି ତିନି ଶତାବ୍ଦୀ ପରେ ହୋଇଛି । ଏହି ଗୁମ୍ଫାଗୁଡ଼ିକରେ ପ୍ରାଚୀନ ଭାରତର ଚିତ୍ରକଳା ଓ ମୂର୍ତ୍ତିକଳାର ନମୁନା ଦେଖିବାକୁ ମିଳିଥାଏ । ଅଜନ୍ତା ଗୁମ୍ଫାକୁ ବୌଦ୍ଧ ଯୁଗର ମଠ ବା ସ୍ତୁପ ବୋଲି କୁହାଯାଇପାରେ । ସେଠାରେ ବୌଦ୍ଧ ଭିକ୍ଷୁମାନେ ଅବସ୍ଥାନ କରିବା ସହିତ ଅଧ୍ୟୟନ ଓ ପ୍ରାର୍ଥନା କରୁଥିଲେ । ୧୮୧୯ରେ ଜଣେ ବ୍ରିଟିଶ ଅଫିସର ଶିକାର କରିବାକୁ ଯାଇଥିବା ସମୟରେ ଗଛପତ୍ର, ପଥର ଦ୍ୱାରା ଢାଙ୍କି ହୋଇଥିବା ଏକ ଗୁମ୍ଫା ଦେଖିଥିଲେ । ତା' ପରେ ତାଙ୍କ ସୈନ୍ୟମାନେ ଗୁମ୍ଫା ଭିତରକୁ ଯିବା ପାଇଁ ରାସ୍ତା ବାହାର କରିଥିଲେ । ସେଠାରେ ପୁରାତନ ସମୟର ଅନେକ ଗୁମ୍ଫାସବୁ ଦେଖିବାକୁ ମିଳିଥିଲା । ଏହାପରେ ସେ ଏ ସମ୍ବନ୍ଧରେ ସରକାରଙ୍କୁ ତଥ୍ୟ ଦେଇଥିଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ଅଜନ୍ତା ଗୁମ୍ଫାର ଖନନ ଓ ଅଧ୍ୟୟନ ଜାରି ରହିଛି । ୧୯୮୩ରେ ଏହି ଗୁମ୍ଫାକୁ ବିଶ୍ୱ ଐତିହ୍ୟର ମାନ୍ୟତା ମିଳିଥିଲା । ଭାରତର ପୁରାତତ୍ତ୍ୱ ସର୍ବେକ୍ଷଣ ବର୍ତ୍ତମାନ ଏହି ଗୁମ୍ଫାଗୁଡ଼ିକର ଯତ୍ନ ନେଉଛି । ବର୍ଷସାରା ବୌଦ୍ଧ ଅନୁଗାମୀମାନେ ସେହି ପର୍ଯ୍ୟଟନ ସ୍ଥଳକୁ ଯାଇଥାନ୍ତି ।



ଅଜନ୍ତା ଗୁମ୍ଫାର କାନ୍ଥ ଓ ଛାତର ଭଗବାନ ବୁଦ୍ଧଙ୍କ ଜୀବନୀ ଓ ଶିକ୍ଷାଗୁଡ଼ିକୁ ଖୋଦନ କରାଯାଇ ଚିତ୍ର ଦ୍ୱାରା ଦର୍ଶାଯାଇଛି । ସେଠାରେ ୨୪ଟି ବୌଦ୍ଧ ବିହାର ଓ ୫ଟି ହିନ୍ଦୁ ମନ୍ଦିର ରହିଛି । ଏହି ସମସ୍ତ ଗୁମ୍ଫା ମଧ୍ୟରେ ୧,୨,୪,୧୬,୧୭ ନମ୍ବର ଗୁମ୍ଫା ସବୁଠାରୁ ସୁନ୍ଦର ଓ ୨୬ ନମ୍ବର ଗୁମ୍ଫାରେ ବୁଧଙ୍କର ପୁନଃନିର୍ମିତ ପ୍ରତିମା ଦେଖିବାକୁ ମିଳେ । ଏହି ସ୍ଥାନ ପ୍ରକୃତିର ଖୁବ୍ ନିକଟରେ ଓ ଭୌତିକବାଦୀ ଦୁନିଆଠାରୁ ବହୁତ ଦୂରରେ । ଅଜନ୍ତା ଗୁମ୍ଫାର ଚୈତ ଗୃହରେ ସୁନ୍ଦର ଚିତ୍ର, ଛାତ ଓ ବଡ଼ ବଡ଼ ଝରକା ରହିଛି । ଖନନ ସମୟରେ ମିଳିଥିବା କେତେକ ଗୁମ୍ଫା ଦେଖିବାକୁ କାଣ୍ଡୋନ, ପିଟାଲଖୋରା, ନାସିକରେ ଥିବା ଗୁମ୍ଫା ପରି । ଚତୁର୍ଥ ଶତାବ୍ଦୀର ଦ୍ୱିତୀୟ ପର୍ଯ୍ୟାୟରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା । ଚୀନୀ ବୌଦ୍ଧ ଯାତ୍ରୀ ଫାହିୟାନ (ଚନ୍ଦ୍ରଗୁପ୍ତ ଦ୍ୱିତୀୟଙ୍କ ଶାସକନକାଳ ସମୟ) ଓ ହୁଏନ୍‌ସାଂ (ସମ୍ରାଟ ହର୍ଷବର୍ଦ୍ଧନଙ୍କ ସମୟରେ)ଙ୍କ ଯାତ୍ରା ବୃତ୍ତାନ୍ତରେ ଅଜନ୍ତା ଗୁମ୍ଫାର ତଥ୍ୟ ଦେଖିବାକୁ ମିଳିଥାଏ । ଗୁମ୍ଫାଗୁଡ଼ିକରେ। ଫ୍ରେସ୍‌କୋ ପେଣ୍ଟିଂର ଉପଯୋଗ କରାଯାଇଛି ।

## କେବେ ଯିବେ:

ଅଜନ୍ତା ଗୁମ୍ଫା ବର୍ଷର ସବୁ ସମୟରେ ଖୋଲା ରହେ । କିନ୍ତୁ ପ୍ରତ୍ୟେକ ସୋମବାର ଏହା ବନ୍ଦ ରହେ । ବର୍ଷର ଯେ କୌଣସି ସମୟରେ ଏହି ଗୁମ୍ଫାଗୁଡ଼ିକୁ ଦେଖିବାକୁ ଯାଇପାରିବେ । କିନ୍ତୁ ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ସେଠାରେ ଜଳବାୟୁ ଓ ଥଣ୍ଡା ପାଗ ଥିବାରୁ ପୂରା ବର୍ଷ ଅପେକ୍ଷା ଅଧିକ ମାତ୍ରାରେ ପର୍ଯ୍ୟଟକ ସେଠାକୁ ଯାଇଥାନ୍ତି । ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେଠାରେ ବୁଲି ପାରିବେ ।

## କିପରି ଯିବେ:

ଔରଙ୍ଗାବାଦରୁ ୧୨୦ କି.ମି ଓ ଜଳଗାଓଁଠାରୁ ୬୦ କି.ମି. ଦୂରରେ ଅଜନ୍ତା ଗୁମ୍ଫା ଅବସ୍ଥିତ । ଏହି ଦୁଇଟି ସହରର ପର୍ଯ୍ୟଟନ ସହିତ ସଂଯୋଗ ରହିଛି । ତେଣୁ ଆକାଶମାର୍ଗରେ ଯିବାକୁ ହେଲେ ଔରଙ୍ଗାବାଦ ବିମାନ ବନ୍ଦର ପର୍ଯ୍ୟନ୍ତ ଯାଇପାରିବେ । ସେଠାରୁ ବସ୍ ବା ଟ୍ୟାକ୍ସି ଯୋଗେ ଅଜନ୍ତା ଗୁମ୍ଫା ପର୍ଯ୍ୟନ୍ତ ଯାଇପାରିବେ । ଟ୍ରେନରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ଜଳଗାଓଁ ପର୍ଯ୍ୟନ୍ତ ଯାଇପାରିବେ । ଏହା ଭାରତର ସମସ୍ତ ସହର ସହିତ ଯୋଡ଼ି ହୋଇ ରହିଛି । ସଡ଼କ ମାର୍ଗରେ ଯିବାକୁ ଚାହୁଁଥିଲେ ମୁମ୍ବାଇ, ମାଣ୍ଡୁ, ବୁରହାନପୁର, ମହେଶ୍ୱର ଓ ନାଗପୁରଠାରୁ ସେଠାକୁ ଯାଇହେବ ।

# ଚମତ୍କାରୀ ଚଷମା



ଦୃଷ୍ଟିଦୋଷ ଦେଖାଗଲେ ଚଷମା ଲଗାଇବାକୁ ହୁଏ । ତେବେ ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶ ସହିତ ଏପରି ଚଷମାସବୁ ପ୍ରସ୍ତୁତ ହୋଇଛି ଯାହା ମୁଣ୍ଡବ୍ୟଥା, କ୍ଲାନ୍ତି ଆଦି ସମସ୍ୟାରୁ ଆରାମ ଦେଇପାରିବ । ତେବେ ଏହି ଚଷମାଗୁଡ଼ିକ ବଜାରକୁ ଆସିସାରିଥିଲେ ବି ଏଗୁଡ଼ିକୁ ନେଇ ଆହୁରି ପରୀକ୍ଷାନିରୀକ୍ଷା ଜାରି ରହିଛି । ଏପରି କେତେକ ହାଇଟେକ୍ ଚଷମା ହେଲା-

**ଏୟୋ ଲାଇଟ୍ ଥେରାପି ଗ୍ଲାସେସ୍:** ଏଲ୍‌ଇଡି ଲାଇଟ୍ ଥିବା ଏହି ଚଷମା ହାଲ୍‌କା ନୀଳ ରଙ୍ଗର ଅଲୋକ ଦେଇଥାଏ ଯାହା ଆଖିକୁ କ୍ଲାନ୍ତିମୁକ୍ତ କରି ଶରୀର ଏବଂ ମନକୁ ସତେଜ କରିଥାଏ । ଏହା ଶରୀରର ଘଣ୍ଟାକୁ ନିୟନ୍ତ୍ରିତ କରି ନିଦ୍ରାହୀନତାରୁ ମୁକ୍ତି ଦେଇପାରେ ।

**ଆମ୍ବ୍ଲିଓପିକ୍ସ ଇଲେକ୍ଟ୍ରୋନିକ ସଟର ଗ୍ଲାସେସ୍:**
ଏହି ଚଷମାରେ ଲାଗିଥିବା ଇଲେକ୍ଟ୍ରୋନିକ ସଟର ପ୍ରତି ପାଞ୍ଚ ସେକେଣ୍ଡରେ ଉଚ୍ଚ କ୍ଷମତାସମ୍ପନ୍ନ ଆଖି ସାମ୍ନାରେ ଥିବା ଦୃଶ୍ୟକୁ ଢାଙ୍କି ଦେଇଥାଏ । ତେଣୁ ମସ୍ତିଷ୍କ ଅପେକ୍ଷାକୃତ ଦୁର୍ବଳ ଆଖି ସହାୟତାରେ ଦୃଶ୍ୟ ଦେଖିବାକୁ ଚେଷ୍ଟା କରେ । ଏହାଦ୍ୱାରା ଦୁଇଟି ଆଖି ମଧ୍ୟରୁ ଦୁର୍ବଳ ଥିବା ଆଖିର ଦୃଷ୍ଟିଶକ୍ତିରେ ସୁଧାର ଆସିପାରେ । ଆମ୍ବ୍ଲୋପିୟା ବା 'ଲେଜି ଆଇ' ସମସ୍ୟା ଥିବ । ଲୋକଙ୍କ ପାଇଁ ଏହି ଚଷମା ଖୁବ୍ ଉପଯୋଗୀ ବୋଲି ବିଶେଷଜ୍ଞ କହନ୍ତି ।

**ଭିଷ୍ଟାମେସ୍ କ୍ଲିପ୍-ଅନ୍ ଗ୍ଲାସେସ୍:** ଏଥିରେ ଦୁଇ ଲେନ୍ସ ମଧ୍ୟରେ ମେଶ୍ ଫିଲ୍‌ଟର ଲଗାଯାଇଛି । ଫଳରେ ଆଖି ଉପରେ ଅଧିକ ଚାପ ପଡ଼ିପାରେ ନାହିଁ । ଉଜ୍ଜ୍ୱଳ ଆଲୋକ ଯୋଗୁ ହେଉଥିବା ସମସ୍ୟା ବି ରହିନଥାଏ । ତେଣୁ ଅଧିକ ପାଳି ଭଳି ଯନ୍ତ୍ରଣାରୁ ମୁକ୍ତ ରହିହୁଏ ।

**ବ୍ଲେଫାଷ୍ଟିମ ଗଗ୍‌ଲସ:** ଏହି ଚଷମାରେ ଛିଦ୍ରସବୁ ରହିଛି ଯେଉଁଥିରେର ମିନେରାଲ ୱାଟର କିମ୍ବା ସାଲାଇନ୍ ଭରାଯାଇଛି । ଅନ୍ କରିବା ଦ୍ୱାରା ଏହି ଛିଦ୍ରଗୁଡ଼ିକରେ ଥିବା ପାଣି କିମ୍ବା ସାଲାଇନ୍ ପଦାର୍ଥ ବାଷ୍ପ ହୋଇ ଆଖିର କୋଷଗୁଡ଼ିକୁ ଆର୍ଦ୍ର କରିଥାଏ । ଫଳରେ ଆଖିର କୋଷ ନଷ୍ଟ ହେବା ତଥା ଦୃଷ୍ଟିଶକ୍ତି ଦୁର୍ବଳ ହେବାର ଆଶଙ୍କା କମିଯାଏ । ଦିନକୁ ଦୁଇଥର ୧୦ ମିନିଟ୍ ଯାଏ ଏହାକୁ ଲଗାଇବା ଲାଭଦାୟକ । ଶୁଖିଲା ଆଖି ଏବଂ ଆଖି ଲାଲ୍ ପଡୁଥିବା ପରି ସମସ୍ୟାରେ ଏହା ଉପଯୋଗୀ ହୋଇପାରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

**ହୋଲୋରାସ୍ ପିନ୍‌ହୋଲ୍ ଗ୍ଲାସେସ୍:**
ଏହି ଚଷମାର ଦୁଇଟିଯାକ ଲେନ୍ସରେ ଛିଦ୍ରଯୁକ୍ତ ପରସ୍ତ ରହିଛି ଯାହା ପରୋକ୍ଷ ଆଲୋକକୁ ବାଧା ଦେଇଥାଏ । ଫଳରେ ବ୍ୟକ୍ତିଙ୍କୁ ସମ୍ମୁଖ ଦୃଶ୍ୟ ଅଧିକ ସ୍ୱଷ୍ଟ ଦେଖାଯାଏ । ଏହି ଚଷମା ଦୃଷ୍ଟିଶକ୍ତି ବଢ଼ିବାରେ ସହାୟକ ବୋଲି ନିର୍ମାତା ଜଣାଇଛନ୍ତି । ତେବେ ଏହାକୁ ପିନ୍ଧି ଗାଡ଼ି ଚଳାଇବାକୁ ବାରଣ କରାଯାଇଛି ।

# ସ୍ୱାସ୍ଥ୍ୟ ଟିପ୍‌ସ




ସକାଳର ସୂର୍ଯ୍ୟ କିରଣରୁ ମିଳେ ଭିଟାମିନ୍-ଡି; ଏହା ଶରୀର ପାଇଁ ଉପକାରୀ । ବ୍ରିଟେନ୍‌ର ସାଉଥ୍‌ଆମ୍ପ୍‌ଟନ୍ ଓ ଏଡିନ୍‌ବରା ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସୂତ୍ରରୁ ପ୍ରକାଶ ଯେ, ଏହା ମଧ୍ୟ ଉଚ୍ଚ ରକ୍ତ ଚାପ ହ୍ରାସକାରୀ । ମଣିଷର ତ୍ୱଚା ନାଇଟ୍ରିକ୍ ଅକ୍‌ସାଇଡ୍ କଣିକାରେ ଭରପୂର । ଏଗୁଡ଼ିକ ରକ୍ତ ଚାପ ନିୟନ୍ତ୍ରଣକାରୀ । ସୂର୍ଯ୍ୟ କିରଣ ଦେହରେ ପଡ଼ିଲେ, ସ୍ୱଳ୍ପ ସଂଖ୍ୟକ ନାଇଟ୍ରିକ୍ ଅକ୍‌ସାଇଡ୍ କଣିକା ରକ୍ତରେ ମିଶି ରକ୍ତ ଚାପ ହ୍ରାସ କରାଉଥିବା ଗବେଷଣା ଫଳାଫଳରୁ ଜଣାପଡ଼ିଛି । ରକ୍ତ ଚାପ ହ୍ରାସ ପାଇଲେ ହୃତ୍‌ଘାତର ଆଶଙ୍କା ମଧ୍ୟ କମେ । ଭାରତର ସହରାଞ୍ଚଳରେ ବାସ କରୁଥିବା ସତୁରି ପ୍ରତିଶତ ଲୋକ ରକ୍ତ ଚାପ ଜନିତ ସମସ୍ୟା ଭୋଗୁଛନ୍ତି । ତେଣୁ, ସକାଳର ସୂର୍ଯ୍ୟାଲୋକରେ ସେମାନେ ଭ୍ରମଣର କରିବା ଉଚିତ ।

# କୁର୍ତ୍ତି ୱିଥ ଜିନ୍ସ

କୁର୍ତ୍ତି ଟ୍ରେଣ୍ଡ ସବୁବେଳେ ହିଟ୍ । ଝିଅମାନଙ୍କ ୱାର୍ଡରୋବରେ କୁର୍ତ୍ତି ଥିବା ସ୍ୱାଭାବିକ । ଆଉଟିଙ୍ଗ ହେଉ ବା ଅଫିସ୍, ଯେକୌଣସି ଅବସରରେ ପିନ୍ଧା ଯାଇପାରିବ । କିନ୍ତୁ ପିନ୍ଧିବାର ଉପାୟ ଜଣାଥିବା ଦରକାର । ସାଧାରଣ କୁର୍ତ୍ତିରେ ବି ଆପଣ କିପରି ଷ୍ଟାଇଲିଶ୍ ଦେଖାଯିବେ ଜାଣନ୍ତୁ କିଛି ଟିପ୍ସ ।



**କେଡିୟା କୁର୍ତ୍ତି:**
ଯଦି ଆପଣ ଭାବୁଛନ୍ତି କୁର୍ତ୍ତିରେ ଷ୍ଟାଇଲ୍‌ର କୌଣସି ଅପସନ୍ ନାହିଁ ତା ହେଲେ ଭୁଲ । ହୁଏତ ଆପଣ କେବେ କେଡିୟା କୁର୍ତ୍ତି ଟ୍ରାଏ କରିନଥିବେ । ଉଭୟ ଆଧୁନିକ ଏବଂ ଏଥନିକ ଲୁକ୍ ମିଳିଥାଏ । ଡେନିମ ଆଙ୍କେଲ ଲେନ୍‌ଥ ଜିନ୍ସ ସହିତ କ୍ୟାରି କରନ୍ତୁ । କ୍ଲାସି ଲୁକ୍ ପାଇପାରିବେ ।

**ଆସିମେଟ୍ରିକାଲ୍ କୁର୍ତ୍ତି:**
ଯଦି ଆପଣଙ୍କୁ ଲଙ୍ଗ୍ ଏବଂ ସର୍ଟ କୁର୍ତ୍ତି ପସନ୍ଦ ତା' ହେଲେ ଆସିମେଟ୍ରିକାଲ୍ କୁର୍ତ୍ତି ପରଫେକ୍ଟ । ଏହାର ଲଙ୍ଗ୍ ଏବଂ ସର୍ଟ ଷ୍ଟାଇଲ ଜିନ୍ସ ସହିତ ଭଲ ମାନିଥାଏ । କିନ୍ତୁ ଜିନ୍ସର ଲେନ୍‌ଥ ଆଙ୍କେଲ୍‌ରୁ ଅଧିକ ହୋଇନଥିବ । କ୍ୟାରି କରିବା ସହଜ ହୋଇଥାଏ ।



**ଡେନିମ୍ କୁର୍ତ୍ତି:**
ଡେନିମ୍ ଫ୍ୟାଶନ ସମସ୍ତଙ୍କୁ ପସନ୍ଦ । ଡେନିମ୍ କୁର୍ତ୍ତି ମଧ୍ୟ ଖୁବ୍ ଷ୍ଟାଇଲିଶ୍ ହୋଇଥାଏ । ଜିନ୍ସ ସହିତ ଷ୍ଟାଇଲ୍ କରିପାରିବେ । ଏହି ଷ୍ଟାଇଲ୍‌କୁ ସବୁଦିନ ଅଫିସ୍ କ୍ୟାରି କରି ଯାଇପାରିବେ । ଏହା ଏଲିଗାଣ୍ଟ ଲୁକ୍ ଦେଇଥାଏ ।



**ସ୍ଲିଟ୍ କୁର୍ତ୍ତି:**
ସ୍ଲିଟ୍ କୁର୍ତ୍ତି ଦେଖିବାକୁ ଷ୍ଟାଇଲିଶ୍ ଏବଂ ପିନ୍ଧିବାକୁ ଆରାମଦାୟକ । ବଲିଉଡ୍ ଡିଭାମାନେ ମଧ୍ୟ ଜିନ୍ସ ସହିତ ସ୍ଲିଟ୍ କୁର୍ତ୍ତି କ୍ୟାରି କରୁଥିବାର ଦେଖିବାକୁ ମିଳନ୍ତି । ତେବେ ଆପଣ ନିଜ ପସନ୍ଦ ଅନୁସାରେ ସାଇଡ୍ ସ୍ଲିଟ୍, ମିଡିଲ୍ ସ୍ଲିଟ୍ କିମ୍ବା ମଲ୍ଟିପଲ୍ ସ୍ଲିଟ୍ କୁର୍ତ୍ତିକୁ ଷ୍ଟାଇଲ କରିପାରିବେ । ପାର୍ଟି ୱିୟର ପାଇଁ ପରଫେକ୍ଟ ଲୁକ୍ ହୋଇଥାଏ । ପାର୍ଟିରେ ଅନ୍ୟମାନଙ୍କ ଠାରୁ ଅଲଗା ଦେଖାଯିବେ ।

**ଆକ୍ସେସରିଜ୍:**
କୁର୍ତ୍ତି ଜିନ୍ସ ସହିତ ମୋଜରି, ଜୁତି କିମ୍ବା ହାଇ ହିଲ୍ ଭଲ ମାନିଥାଏ । କାନରେ ଟ୍ରାଡିସନାଲ୍ ଝୁମ୍‌କା ଗଳାଇ ଦିଅନ୍ତୁ । ଷ୍ଟୋଲ୍ ବ୍ୟବହାର କଲେ ଆହୁରି ଭଲ । ହେୟାର ଷ୍ଟାଇଲ୍‌ରେ ସାଇଡ୍ ବ୍ରେଡ୍ ଏବଂ ବନ୍ ବନେଇ ପାରିବେ । ହଁ, କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ ।

# ଫଉଜି କଳା ହ୍ୱାଟ୍ସଆପ ଗ୍ରୁପ ପକ୍ଷରୁ ଶହୀଦଙ୍କ ପରିବାରକୁ ଆର୍ଥିକ ସହାୟତା



ତକତପୁର,୧୫।୯ (ନି.ପ୍ର): ପୋଲିସ ଓ ଆର୍ମି ରେ କାର୍ଯ୍ୟରତ କିଛି ମୟୂରଭଞ୍ଜ ଜିଲ୍ଲାର ଯୁବକ ରୁଷିକା ଫୌଜି କଳା ହ୍ୱଟ୍ସଆପ ଗ୍ରୁପ ଗଠନ କରି ଅଦ୍ୟାବଧି ଏହି ଗୃପରେ ପୋଲିସ ଓ ଆର୍ମିରେ କାର୍ଯ୍ୟରତ ୧୫୯ ଜଣ ଯୁବକଙ୍କୁ ଯୋଡି ଆର୍ମି ବା ପୋଲିସ ବିଭାଗର କେହି କର୍ମଚାରୀ ଶହୀଦ ହେଲେ ସେମାନଙ୍କ ପରିବାର ବର୍ଗଙ୍କୁ କିଭଳି ସାହାର୍ଯ୍ୟ କରିହେବ, ସେଦିଗରେ କିଛିଦିନ ତଳୁ କାର୍ଯ୍ୟ କରି ଆସୁଛନ୍ତି । ନିକଟ ଅତୀତରେ ମାଓବାଦୀ ଗୁଳିରେ ଶହୀଦ ହୋଇଥିବା ଶୁଳିଆପଦା ବ୍ଲକର ଶହୀଦ ସୁଧିର ଟୁଡୁଙ୍କ ପରିବାର ବର୍ଗଙ୍କୁ ଗ୍ରୁପ ତରଫରୁ ଏଡମିନ ଓଡିଶା ପୋଲିସରେ କାର୍ଯ୍ୟରତ ଲକ୍ଷ୍ମଣ ମାରାଣ୍ଡି, ଇଣ୍ଡିଆନ ଆର୍ମିରେ କାର୍ଯ୍ୟରତ ଯିଶୁ ହାଁସଦା ଓ ଦିବାକର ମୁର୍ମୁ, ସି.ଆର.ପି.ଏଫ.ରେ କାର୍ଯ୍ୟରତ ସୁନାରାମ ମୁର୍ମୁ, ୫ମ ବାଟାଲିୟନରେ କାର୍ଯ୍ୟରତ ଜଗଲ ମୁର୍ମୁ ପ୍ରମୁଖ ଶହୀଦଙ୍କ ଘରକୁ ଯାଇ ତାଙ୍କ ପରିବାର ବର୍ଗଙ୍କୁ ୫୫ହଜାର ୫ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବାର ଜଣାଯାଇଛି । ଆଗକୁ ଏହି ଗ୍ରୁପକୁ ଆହୁରି ବ୍ୟାପକ କରାଯାଇ ମୟୂରଭ ଜିଲ୍ଲାର ସମସ୍ତ ଶହୀଦ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ଗ୍ରୁପ ଏଡମିନ ଲକ୍ଷ୍ମଣ ମାରାଣ୍ଡି କହିଛନ୍ତି ।

# କରୋନା ଆକ୍ରାନ୍ତଙ୍କ ଶବ ଦାହକୁ ନେଇ ଉତେଜନା, ଦୁଇଘଂଟା ରାଜପଥ ଅବରୋଧ

ଭଦ୍ରକ, ୧୫/୯ (ହି.ସ.) - ଭଦ୍ରକରେ ପ୍ରାଣ ହରାଇଥିବା କେନ୍ଦୁଆପଦା ଅଂଚଳର ଜଣେ କରୋନା ଆକ୍ରାନ୍ତଙ୍କ ଶବ ଦାହ କରିବାକୁ ଯାଇ ଭଦ୍ରକ ପ୍ରଶାସନକୁ ନାକେଦମ ହେବାକୁ ପଡିଛି । ଶବ ଦାହକୁ ବିରୋଧ କରି ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଂଚାୟତବାସୀଙ୍କ ଆନ୍ଦୋଳନ ଯୋଗୁଁ ୧୬ ନଂ ଜାତୀୟ ରାଜପଥରେ ପ୍ରାୟ ଦୁଇଘଂଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଆଜି ଅପରାହ୍ନ ପ୍ରାୟ ତିନିଟା ବେଳେ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା କେନ୍ଦୁଆପଦା ଅଂଚଳର ଜନୈକ ବ୍ୟକ୍ତିଙ୍କ ଶବକୁ ଏହି ବ୍ଲକର ବିଷ୍ଣୁପୁର ପଂଚାୟତ ଅନ୍ତର୍ଗତ ଆଦମପୁର ଗ୍ରାମରେ ନୂତନ ଭାବେ କରାଯାଇଥିବା ଶବଦାହ କେନ୍ଦ୍ରରେ ସତ୍କାର କରିବାକୁ ଭଦ୍ରକ ପୌରକର୍ମଚାରୀଙ୍କ ସହାୟତାରେ ଭଦ୍ରକ ତହସିଲଦାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଣାଯାଇଥିଲା । ଏହି ଖବରପାଇ ସ୍ଥାନୀୟ ଗ୍ରାମବାସୀ ଓ ପଂଚାୟତର ଅନ୍ୟ ଅଂଚଳର ଲୋକେ ବିରୋଦ କରିଥିଲେ । ଏପରିକି ଲୋକମାନେ ଉତେଜିତ ହୋଇ ରାଜପଥରେ ହାଲ୍ଲାଗୁଲ୍ଲା କରିବା ସହ ଯାନବାହନ ଚଳାଚଳ ବନ୍ଦ କରିଦେଇଥିଲେ । ଫଳରେ ଅପରାହ୍ନ ଚାରିଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ଯାବାହନ ଚଳାଚଳ ବନ୍ଦ ହୋଇଯାଇଥିଲା । ପରେ ପ୍ରଶାସନିକ ଅଧିକାରୀ ଓ ପୁଲିସ ପହଂଚି ଲୋକଙ୍କୁ ବୁଝାସୁଝା କରିବା ସହ ଶବ ସ୍ଥାନାନ୍ତର କରିବା ପରେ ଅବସ୍ଥା ଶାନ୍ତ ପଡିବା ସହ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ବିଶିଷ୍ଟ ଶିଶୁ ସାହିତ୍ୟିକ ନଦିଆ ବିହାରୀ ମହାନ୍ତିଙ୍କ ବିୟୋଗରେ ବିଜେପିର ଶୋକ

ଭୁବନେଶ୍ୱର,୧୫।୯ (ନି.ପ୍ର): କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ବିଶିଷ୍ଟ ଶିଶୁ ସାହିତ୍ୟିକ ଶ୍ରୀ ନଦିଆ ବିହାରି ମହାନ୍ତିଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ଆକାଶବାଣୀରେ ପ୍ରଚାରିତ ଶିଶୁ ସଂସାର କାର୍ଯ୍ୟକ୍ରମରେ ବଡ ଭାଇ ଚରିତ୍ରକୁ ସ୍ୱର ପ୍ରଦାନ କରି ସ୍ୱର୍ଗତଃ ନଦିଆ ବିହାରୀ ମହାନ୍ତି କ୍ରମଶଃ ଓଡିଶାର ଘରେ ଘରେ ବଡଭାଇ ଭାବେ ପରିଚିତ ଥିଲେ । ତାଙ୍କର ମୃତ୍ୟୁ ଶିଶୁ ସାହିତ୍ୟ ଜଗତରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଶୋକବାର୍ତାରେ ଉଭୟ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଦୁଃଖପ୍ରକାଶ କରି କହିଛନ୍ତି । ଏଭଳି ଦୁଃଖଦ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥ ସ୍ୱର୍ଗତଃ ଦାସଙ୍କ ପରିବାରବର୍ଗଙ୍କୁ ଅସୀମ ଧର୍ଯ୍ୟ ଓ ସାହାସ ପ୍ରଦାନ କରିବାକୁ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ପ୍ରାର୍ଥନା କରିଛନ୍ତି ।

# ନାବାଳିକାକୁ ବଳିଦେବା ଉଦ୍ୟମ ଘଟଣା : ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

ଗଞ୍ଜାମ,୧୫।୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରେଗଡ଼ ବ୍ଲକର ଚଷାପିତଳ ଗ୍ରାମର ଜଣେ ନାବାଳିକାକୁ ବଳିଦେବା ଉଦ୍ୟମ ଘଟଣାରେ ଆସିକା ପୋଲିସ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ କୀର୍ତିପୁର ଗ୍ରାମର ସୁଦର୍ଶନ ସ୍ୱାଇଁ (୨୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏହା ପୂର୍ବରୁ ଆସିକା ପୋଲିସ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି । ପୋଲିସ ପକ୍ଷରୁ ତାନ୍ତ୍ରିକ ସମେତ ଘଟଣାରେ ସମ୍ପୃକ୍ତ ଆହୁରି ୪ ଜଣଙ୍କୁ ଗିରଫ ପାଇଁ ଉଦ୍ୟମ ଜାରୀ ରହିଥିବା ନେଇ ସୂଚନା ମିଳିଛି । ଖୁବ୍ ଶୀଘ୍ର ଅନ୍ୟ ସମସ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ନଦିୟା ବିହାରୀ ମହାନ୍ତିଙ୍କ ପରଲୋକରେ ରାଜ୍ୟପାଳଙ୍କ ଶୋକ

ଭୁବନେଶ୍ୱର,୧୫।୯ (ନି.ପ୍ର): ପ୍ରଥିତଯଶା ଶିଶୁ ସାହିତ୍ୟିକ ନଦିୟା ବିହାରୀ ମହାନ୍ତିଙ୍କ ପରଲୋକରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି କହିଛନ୍ତି । ତାଙ୍କ କୃତି ପର ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ରାଜ୍ୟପାଳ ଆଶା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ବାଲେଶ୍ୱର୍ ସିଓର୍ ସକ୍ସେସ୍ କୋଚିଂ ସେଂଟର୍‌ରେ ଅନ୍‌ଲାଇନ୍ କ୍ଲାସ୍




ବାଲେଶ୍ୱର,୧୫।୯ (ନି.ପ୍ର): ବାଲେଶ୍ୱର ଆଜିମାବାଦ ସ୍ଥିତ ସିଓର୍ ସକ୍ସେସ୍ କୋଚିଂ ସେଂଟରରେ ଆଜି ଅନ୍‌ଲାଇନ୍ କ୍ଲାସ୍ ଶୁଭାରମ୍ଭ ହୋଇଛି । କୋଭିଡ୍-୧୯ ମହାମାରୀ ଭାଇରସ୍ ଯୋଗୁ ଶିକ୍ଷା ବ୍ୟବସ୍ଥାର ଅବନ୍ନୋତି ଘଟିଥିବା ବେଳେ ପିଲାମାନଙ୍କୁ ଅନ୍‌ଲାଇନ୍ ଯୋଗେ ପାଠ ପଢ଼ାଇବାକୁ ଉଦ୍ୟମ କରାଯାଉଛି । ବାଲେଶ୍ୱର ସହରକୁ ଭଦ୍ରକ, ସୋର, ମୟୂରଭଞ୍ଜ, ଜଳେଶ୍ୱର, ଚନ୍ଦନେଶ୍ୱର ଏମିତି ଅନେକ ଜିଲ୍ଲାର ଅଧିକାଂଶ ଅଂଚଳର ପିଲାମାନେ କୋଚିଂ ନେବାକୁ ଆସିଥାନ୍ତି । ବାଲେଶ୍ୱର ସହରର ସବୁଠାରୁ ଜଣାଶୁଣା, ଭଲ ଶିକ୍ଷାପ୍ରଦାନ କରିଆସୁଥିବା ଶିକ୍ଷାନୁଷ୍ଠାନ ହେଉଛି ସିଓର୍ ସକ୍ସେସ୍ କୋଚିଂ ସେଂଟର । ରେଲୱେ, ବ୍ୟାଙ୍କିଂ, ବି.ଇ.ଡି, ସି.ଟି ଏମିତି ସମସ୍ତ କୋର୍ସ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଇଥାଏ । ପିଲାମାନଙ୍କ ପାଇଁ ଲାଇବ୍ରେରୀ ମଧ୍ୟ ସବୁ ସମୟରେ ଖୋଲା ରହିଥାଏ । କୋର୍ସ ସରିଲା ପରେ ମଧ୍ୟ ସେମାନେ ଆସି ଏଠାରେ ପଢ଼ି ପାରନ୍ତି । କୋଭିଡ୍-୧୯ ମହାମାରୀ ଭାଇରସ୍ ପାଇଁ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ଲକ୍‌ଡାଉନ୍, ସଟ୍‌ଡାଉନ୍ ଆରମ୍ଭ ହେବାରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଗଲା । ଯାହା ଫଳରେ ପିଲାମାନଙ୍କର କୋର୍ସ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ତେଣୁ ଏହି ସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଏହି କୋଚିଂ ସେଂଟର ଅଧକ୍ଷ ଓ ସବୁ ସାର୍‌ମାନଙ୍କ ସହଯୋଗରେ ଆଜି ଅନ୍‌ଲାଇନ୍ କ୍ଲାସ୍ ଆରମ୍ଭ ହୋଇଛି । ଏଥିରେ ଶତାଧିକ ପିଲା ଭିଡିଓ କନ୍‌ଫ୍ରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ । ପିଲାମାନଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ ଯେହେତୁ ପିଲାମାନଙ୍କର ଶିକ୍ଷା ସମ୍ପୂର୍ଣ୍ଣ କରିବାକୁ ଦାୟିତ୍ୱ ନେଇଛନ୍ତି ତାକୁ ପୂରଣ କରିବାକୁ ନିଷ୍ପତି ନେଇଛନ୍ତି ବୋଲି କୋଚିଂ ସେଂଟର ଓନର କହିଛନ୍ତି ।

# ସବୁଜ ରସାୟନ ବିଜ୍ଞାନ ଉପରେ ୱେବିନାର

ନୂଆପଡ଼ା,୧୫।୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ତରଫରୁ ସବୁଜ ରସାୟନ ବିଜ୍ଞାନ ଉପରେ ୨ ଦିନିଆ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ୱେବିନାର କଲେଜ ଅଧକ୍ଷା ଅନୁପମା ପାଢ଼ୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ବିଭାଗୀୟ ମୁଖ୍ୟ ଡଃ ତରୁଣ କୁମାର ପ୍ରଧାନ ପ୍ରଥମେ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ କରାଇଥିଲେ । ପରେ ଅଧକ୍ଷା ସବୁଜ ରସାୟନ ବିଜ୍ଞାନ ଉପରେ ଧାରଣା ଦେଇଥିଲେ । ଅଧାପିକା ରାଜଲକ୍ଷ୍ମୀ ରଥ ସବୁଜ ରସାୟନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବରେ ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡଃ ଗୀତାରାଣୀ ଦୀକ୍ଷିତ ପରିବେଶ ସୁରକ୍ଷା ପାଇଁ ସବୁଜ ରସାୟନ ବିଜ୍ଞାନର ଉପଯୋଗୀତା ଉପରେ ବକ୍ତବ୍ୟ ରଖିଥିଲେ । ଏଥିରେ ସମ୍ମାନିତ ବକ୍ତା ଭାବରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ଜାଗୃତୀ ପଣ୍ଡା ଯୋଗଦାନ କରିଥିଲେ । ସ୍ନାତକ ସମ୍ମାନର ଜାଲିକମ ରଣା, ଆରତି ସାହୁ, ଆଶିଷ ବକ୍ସି, ସଂସ୍କୃତି ବାବୁ, ପ୍ରୀତିରାଣି ବଡତ୍ୟା ପ୍ରମୁଖ ପାୱାର ପଏଂଟ ମାଧମରେ ପେପର ଉପସ୍ଥାପନ କରିଥିଲେ । ପ୍ରଶ୍ନୋତର ପରେ ଛାତ୍ର ରୋହିତ କୁମାର ଭିତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନ ସିଏଚସି ରେ ଆଜି ୬୫ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ,୧୫।୯ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୫ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୦୪୪ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ(ପଜିଟିଭ)ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଂଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି । ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଲ୍ୟାବ ଟେକ୍ନିସିଆନ(କୋଭିଡ-୧୯) ସୁଶାନ୍ତ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ ।

# ଫୁଜନ ମାଇକ୍ରୋ ଫାଇନାନ୍ସ କମ୍ପାନୀ ବିରୁଦ୍ଧରେ ଅଭିଯୋଗ ଆଣିଲେ ମହିଳା

ମାଲକାନଗିରି,୧୫।୯ (ନି.ପ୍ର): ସାରା ଦେଶରେ କରୋନା ମହାମାରୀ ତାର କାୟା ବିସ୍ତାର କରି ଚାଲିଥିବା ବେଳେ ଏହି ସମୟରେ କାମ ଧନ୍ଦା ଠପ ହୋଇଯାଇଥିବା ଯୋଗୁଁ ବର୍ତମାନ ଚିନ୍ତା ରେ ଶ୍ରମିକ । ତେବେ ଏହି ଶ୍ରମିକ ଦିନ ସାରା ଝାଳ ବୁହାଇ ପରିଶ୍ରମ କଲେ ସେ ତା ପରିବାର ପ୍ରତିପୋଷଣ କରେ । ତେବେ କୋଭିଡ ପରିସ୍ଥିତି କୁ ଆଖି ଆଗରେ ରଖି ସରକାର ସମସ୍ତ ଋଣ ପରିଶୋଧ ନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସରକାର ଙ୍କ ନିୟମ କୁ ନ ମାନି ଋଣ ପରିଶୋଧ କରିବାକୁ ବାଧ କରିବା ସହ ଲୋକଙ୍କୁ ଧମକ ଦେଉ ଛି ଫ୍ୟୁଜନ ମାଇକ୍ରୋ ଫାଇନାନ୍ସ ନାମକ ଘରୋଇ ବ୍ୟାଙ୍କ । ଏଭଳି ଦୃଶ୍ୟ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାରଲାକୋଟା ପଂଚାୟତ ର କିଛି ଗ୍ରାମରେ ଦେଖିବାକୁ ମିଳିଛି । ତେବେ ଏହି ପଂଚାୟତ ର ଆଦିଗୁଡା , କାଳି ଆମୁଣ୍ଡା, ପାଟଣାଗୁଡା, ସେମିଳିଗୁଡା, ସାହେବଗୁଡା, ପୁଷ୍ପାଲି, ବନୁର ଆଦି ଗ୍ରାମ ଗୁଡିକର ମହିଳା ମାନେ ଫ୍ୟୁଜନ ନାମକ ଘରୋଇ କମ୍ପାନୀ ରୁ ଋଣ ନେଇଥିଲେ । ତେବେ ଲକଡାଉନ ଯୋଗୁଁ କାମ ଧନ୍ଦା ନାହିଁ ତେଣୁ ସେମାନେ କିଛି ମାସ ନିଜ ଋଣ ପରିଶୋଧ କରିପାରିବେ ନାହିଁ ବୋଲି କହିଥିଲେ । ଏହାସହ କମ୍ପାନୀ କୁ କିଛି ସମୟ ମଧ୍ୟ ମାଗିଥିଲେ । କିନ୍ତୁ କମ୍ପାନୀ ସେମାନଙ୍କ ପରିସ୍ଥିତି କୁ ନ ବୁଝି ଟଙ୍କା ଫେରସ୍ତ କରିବା ନିମନ୍ତେ ବାଧ କରିଥିଲେ । ତେଣୁ ଲକଡାଉନ ର କିଛି ମାସ ନିଜ ଘର ର କିଛି ସମ୍ବଳ କୁ ବନ୍ଧା ପକାଇ ଋଣ ଟଙ୍କା ପରିଶୋଧ କରିଥିଲେ । କିନ୍ତୁ ବର୍ତମାନ ଚାଷ କାର୍ଯ୍ୟ ଚାଲୁଥିବା ଯୋଗୁଁ ଅତି କଷ୍ଟରେ ନିଜ ପରିବାର ପ୍ରତିପୋଷଣ କରୁଥିବା କହିଥିଲେ । ଏହାସହ ଏହି ଗ୍ରାମ ଗୁଡିକର ମହିଳା ମାନେ ଚାଷ କାର୍ଯ୍ୟ ଶେଷ ହେବା ପରେ ନିଜର ସବୁ ଟଙ୍କା ପରିଶୋଧ କରିବେ ବୋଲି ମଧ୍ୟ କହିଥିଲେ । କିନ୍ତୁ ସେସବୁ କଥା ନ ଶୁଣି ଏହି ଫାଇନାନ୍ସ କମ୍ପାନୀ ର କିଛି କର୍ମଚାରୀ ଟଙ୍କା ଆଦାୟ କରିବାକୁ ଯାଇ ଗ୍ରାମର ମହିଳା ମାନଙ୍କ ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତିଗ୍ରାମବାସୀ । ଏହାସହ ନିଜର ଘର, ଜମିବାଡ଼ି, ଛେଳି, ଗାଈ ବିକ୍ରି କରି କିମ୍ବା ସୁନା ବନ୍ଧା ପକାଇ ଟଙ୍କା ଦିଅ ବୋଲି ଧମକ ଦେଇଥିଲେ । ତେଣୁ ଶେଷରେ ଗ୍ରାମର ମହିଳା ମଙ୍ଗୁଳି ଗୋଲରୀ, ରୀନା ମାଡକାମୀ, ଶଶୀ ପାତ୍ର, ବାସନ୍ତୀ ପାତ୍ର, ମନିକା ମାଝୀ, ଦେବୀ ମାଡକାମୀ ଆଦି ଗ୍ରୁପ ର ସଦସ୍ୟ ମାନେ ଏହାକୁ ବିରୋଧ କରି ଫାଇନାନ୍ସ କମ୍ପାନୀ ବିରୁଦ୍ଧରେ କୋରୁକୋଣ୍ଡା ବିଡ଼ିଓ ଏବଂ ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟ ରେ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିବା ସୂଚନା ଦେଇଛନ୍ତି । ଏହାସହ ସେମାନେ ଜାନୁଆରୀ ମାସ ପର୍ଯ୍ୟନ୍ତ ସମୟ ଦେଲେ ନିଜର ସବୁ ଋଣ ପରିଶୋଧ କରିବେ ବୋଲି ଦାବି କରିଛନ୍ତି ।

# ଭୁବନ ବିଜେପି ତରଫରୁ ବୃକ୍ଷରୋପଣ

ଭୁବନ,୧୫।୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହ ଅବସରରେ ଭୁବନ ନଗରମଣ୍ଡଳ ତରଫରୁ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଚିନରା ପୋଖରୀ ହୁଡାରେ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ, ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳଙ୍କ ସମେତ ମାତୃମଣ୍ଡଳୀର କାର୍ଯ୍ୟକର୍ତାମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏବିଭିପିର ପୂର୍ବତନ ରାଜ୍ୟ ସଭାପତି ଅଧ୍ୟାପକ ଦିଲ୍ଲୀପ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେପି କାର୍ଯ୍ୟକର୍ତାମାନଙ୍କୁ ଉତ୍ସାହିତ କରିଥିଲେ । ସପ୍ତାହେ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ମଣ୍ଡଳ ସଭାପତି ଶ୍ରୀଯୁକ୍ତ ବେହେରା ସୂଚନା ଦେଇଛନ୍ତି ।

# ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ମାଇକ୍ରୋ ଇ-ଲୋକ ଅଦାଲତ ଅନୁଷ୍ଠିତ

ମାଲକାନଗିରି,୧୫।୯ (ନି.ପ୍ର): ଗତ ୧୨ ତାରିଖ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଜିଲ୍ଲାସ୍ତରୀୟ ମାଇକ୍ରୋ ଇ-ଲୋକ ଅଦାଲତ ମାଲକାନଗିରି ବିଚାରାଳୟମାନଙ୍କରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ରୋହିତ ଲାଲ ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ମୋହଲତ ସା, ମୁଖ୍ୟ ବିଚାର ବିଭାଗ ବିଚାରପତି ଶ୍ରୀ ବିଶ୍ୱରଞ୍ଜନ ବେହେରା, ବରିଷ୍ଠ ଦେବାନି ବିଚାରପତି ଶ୍ରୀମତୀ ସୁଚେତା କୃପାଳିନୀ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀ ଅମରେଶ ନାୟକ, ଏସଡିଜେଏମ ମାଲକାନଗିରି ଶ୍ରୀ କୃଷ୍ଣଚନ୍ଦ୍ର ନାୟକ, ଜେଏମଏଫସି ମୋଟୁ ଶ୍ରୀ ଗୌରୀଶଙ୍କର ପଣ୍ଡା, ଜେଏମଏଫସି ମାଲକାନଗିରି ଶ୍ରୀ ଶ୍ରୀକାନ୍ତ ପାଢ଼ୀ, ଶ୍ରୀ ପଦ୍ମଲାଭ ମାଝି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମୋକଦ୍ଦମାର ଫୈସଲା କରିଥିଲେ । ଏହି ଜିଲ୍ଲାସ୍ତରୀୟ ମାଇକ୍ରୋ ଲୋକ ଅଦାଲତରେ ମୋଟ ୪ଗୋଟି ବୈବାହିକ ମାମଲାର ଫଇସଲା କରାଯାଇ ୧,୬୪,୦୦୦/-ଟଙ୍କା କ୍ଷତିପୂରଣ ଧାର୍ଯ୍ୟ କରାଯାଇଥିଲା । ସେହିପରି ଗୋଟିଏ ବୈବାହିକ ମାମଲା ପ୍ରାକ୍ ମୋକଦ୍ଦମା ସ୍ତରରେ ବୁଝାମଣା ଜରିଆରେ ଫଇସଲା କରାଯାଇଥିଲା । କୋଭିଡ-୧୯ କଟକଣା ଯୋଗୁଁ ସରକାରଙ୍କ ଦ୍ୱାରା ପ୍ରଦତ ସାମାଜିକ ଦୂରତା ରକ୍ଷାକରି ଏହି ଇ-ଲୋକ ଅଦାଲତର କାର୍ଯ୍ୟ ସମ୍ପାଦନ କରାଯାଇଥିଲା ।

# ପନିପରିବାରେ ଚିତ୍ରକଳା : ବ୍ୟାଘ୍ର ସଂରକ୍ଷଣକୁ ଗୁରୁତ୍ୱ

ନୂଆପଡ଼ା,୧୫।୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ମିଶନ ନିବାସୀ ଜୋଡାନ କୁଲିଆସ ଜଣେ ଭିନ୍ନ ରକମର ଶିଳ୍ପୀ ଅଟନ୍ତି । ସେ ପନିପରିବାରେ ବିଭିନ୍ନ କାରୁକାର୍ଯ୍ୟ କୌଶଳ ଲଗାଇ ବିଭିନ୍ନ ଚିତ୍ରକଳା ତିଆରି କରି ଆସୁଛନ୍ତି । ଫଳରେ ସମଗ୍ର ନୂଆପଡା ଜିଲ୍ଲା ସହ ଓଡିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ସେ ଆଜି ବ୍ୟାଘ୍ର ସଂରକ୍ଷଣ ସକାଶେ ଏକ ବାଘର ଚିତ୍ର ପନିପରିବା ସହାୟତାରେ ତିଆରି କରି ଦେଖାଇଛନ୍ତି । ଏହି ବାଘ ପ୍ରସ୍ତୁତ କରିବା ପାଇଁ ଅଦା, ଅଟା, ଗାଜର, ବାଇଗଣ ଆଦି ସହ ଅନ୍ୟାନ୍ୟ ପନିପରିବା ବ୍ୟବହାର କରିଛନ୍ତି । ପେଶାରେ ସେ ଜଣେ ଫିଜିଓ ଥେରାପିଷ୍ଟ । ତାଙ୍କର ଅଜବ ନିଶା ଆଜି ତାଙ୍କର ସୌକରେ ପରିଣତ ହୋଇଅଛି । ଏହାପୂର୍ବରୁ ମଧ୍ୟ ଅନେକ କଳାକୃତୀ ତିଆରି କରି ସାରିଛନ୍ତି ।

# ବନ୍ୟା କ୍ଷତିଗ୍ରସ୍ତ ଜମିରେ ହେବ ଶସ୍ୟ ଜାତୀୟ ଚାଷ

ଭଦ୍ରକ, ୧୫/୯ (ହି.ସ.) - ଅଗଷ୍ଟ ମାସର ଲଗାତର ବର୍ଷା ଓ ବନ୍ୟା ଜିଲାର ଚାଷୀଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି । ବର୍ଷାକୁ ଅପେକ୍ଷା କରି ବହୁ ବିଳମ୍ବରେ ରୁଆ ବେଉଷଣ କରିସାରି ସାର ପକାଇ ଅମଳ ଆଶାରେ ଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି । ଏହି ପ୍ରାକୃତିକ ବିପତି ଚାଷୀଙ୍କୁ ଦୁର୍ଦ୍ଦଶା ମୁହଁକୁ ଠେଲି ଦେଇଛି । ଖରିଫ ଚାଷର ଅମଳ ଆଶା ଚାଷୀ ମହଲରେ ନୈରାଶ୍ୟ ଆଣି ଦେଇଛି । ବିଶେଷକରି ଜିଲାର ଧାମନଗର, ଭଣ୍ଡାରିପୋଖରୀ, ତିହିଡି, ଚାନ୍ଦବାଲି ୪ଟି ବ୍ଲକ୍‌ରେ ବର୍ଷା ଓ ବନ୍ୟା ଚାଷ ଉଜାଡି ଦେଇଛି । ଚାଷୀ ଚଳିତବର୍ଷ କେମିତି ପରିବାର ଚଳାଇବ ଏ ନେଇ ଚିନ୍ତା ଘାରିଛି । ଏହି ୪ଟି ବ୍ଲକ୍‌ର ଜଳମଗ୍ନ ଚାଷ ଜମିର ଫସଲ ହାନିର ସ୍ଥିତି ଜିଲାପାଳ ନିଜେ କ୍ଷେତ୍ର ପରିଦର୍ଶନ କରି ଅନୁଧାନ କରିଛନ୍ତି । କ୍ଷତିଗ୍ରସ୍ତ ୪ଟି ବ୍ଲକ୍‌ର କ୍ଷତିଗ୍ରସ୍ତ ଚାଷୀଙ୍କ ଆର୍ଥିକ ସ୍ଥିତି ସୁଧାର ଆଣିବା ପାଇଁ ଜିଲାପାଳ ଜ୍ଞାନ ଦାସ କୃଷିବିଭାଗ ସହ ଆଲୋଚନା କରି ବିକଳ୍ପ ଭାବେ ଖରିଫ ରବି ଚାଷ ଉପରେ ଗୁରୁତ୍ୱ ଦିଆଯାଇଛି । ପ୍ରକାଶଯୋଗ୍ୟ ଗତ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଜିଲାରେ ୭ ଟି ବ୍ଲକ୍‌ର ୮୩ ପଂଚାୟତର ୩୭୭ ଗାଁ ସମେତ ୨ଟି ପୌରା ଳର ୧୧ଟି ୱାର୍ଡରେ ୪୨ ହଜାର ୭୫୫ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇପଡିଥିଲା । ଏହି ଜଳମଗ୍ନ ଚାଷ ଜମି ମଧ୍ୟରେ ୩୨ ହଜାର ୬୬୯ ହେକ୍ଟର ଜମିର ଫସଲ ହାନି ଘଟିଥିବା ଜିଲା କୃଷି ବିଭାଗ ଆଖିଦୃଶିଆ ଭାବେ ପ୍ରାଥମିକ ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ୪ଟି ବ୍ଲକ୍‌ରେ ରବି ଚାଷ ପାଇଁ କଂଟିଜେଂଟ ପ୍ଲାନ୍ ପ୍ରସ୍ତୁତି କରାଯାଇ କୃଷି ବିଭାଗ ତରଫରୁ ଆବଶ୍ୟକତା ଅନୁଯାୟୀ ବିରି, ମୁଗ, ସୋରିଷ, ବିହନ ମଗାଯାଇଛି । ତିହିଡି ବ୍ଲକ୍‌ରେ ଶସ୍ୟାହାନି ଘଟିଥିବା ୬୦୦ ହେକ୍ଟର ଜମିରେ ବିରି ଚାଷ ଓ ୧୦୦ ହେକ୍ଟର ଜମିରେ ସୋରିଷ ଚାଷ ପାଇଁ ୧୨୦ କ୍ୱିଂଟାଲ ବିରି ଓ ୧୦ କ୍ୱିଂଟାଲ ସୋରିଷ ବିହନର ଆବଶ୍ୟକତା ରହିଛି । ସେହିପରି ଚାନ୍ଦବାଲି ବ୍ଲକ୍‌ରେ ଶସ୍ୟାହାନି ଘଟିଥିବା ୨୦୦ ହେକ୍ଟର ଜମିରେ ବିରି ଚାଷ ପାଇଁ ୪୦ କ୍ୱିଂଟାଲ ବିହନ ଆବଶ୍ୟକତା ରହିଛି । ଧାମନଗର ବ୍ଲକ୍‌ରେ ୧୩୦୦ ହେକ୍ଟର ଜମିରେ ବିରି ଚାଷ ପାଇଁ ୨୬୦ କ୍ୱିଂଟାଲ ବିହନ, ୨୦୦୦ ହେକ୍ଟର ଜମିରେ ମୁଗ ଚାଷ ପାଇଁ ୪୦୦ କ୍ୱିଂଟାଲ ବିହନ ଓ ୨୦୦ ହେକ୍ଟର ଜମିରେ ସୋରିଷ ଚାଷ ପାଇଁ ହେବ । ଭଣ୍ଡାରିପୋଖରୀ ବ୍ଲକ୍‌ରେ ଶସ୍ୟହାନି ଘଟିଥିବା ୪୦୦ ହେକ୍ଟର ଜମିରେ ବିରି ଚାଷ ପାଇଁ ୮୦ କ୍ୱି।ଲ ବିହନର ଆବଶ୍ୟକତା ରହିଛି । କୃଷି ବିଭାଗର ଏହି ଆକଳନ ଅନୁଯାୟୀ ୪ଟି ବ୍ଲକ୍‌ର କ୍ଷତିଗ୍ରସ୍ତ ୨୫୦୦ ହେକ୍ଟର ଜମିରେ ବିରି ଚାଷ ପାଇଁ ୫୦୦ କ୍ୱିଂଟାଲ ବିହନ, ୨୦୦୦ ହେକ୍ଟର ଜମିରେ ମୁଗ ଚାଷ ପାଇଁ ୪୦୦ କ୍ୱିଂଟାଲ ବିହନ ଓ ୩୦୦ ହେକ୍ଟର ଜମିରେ ସୋରିଷ ଚାଷ ପାଇଁ ୩୦ କ୍ୱିଂଟାଲ ବିହନର ଆବଶ୍ୟକତା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ପ୍ରଧାନମନ୍ତ୍ରୀ ହିନ୍ଦୀ ଦିବସ ଅବସରରେ ଜଣାଇଲେ ଶୁଭେଚ୍ଛା

ନୂଆଦିଲ୍ଲୀ ,୧୫।୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିନ୍ଦୀ ଦିବସ ଅବସରରେ ଶୁଭକାମନା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ହିନ୍ଦୀ ଦିବସ ଅବସରରେ ବହୁତ ବହୁତ ଶୁଭକାମନା । ଏହି ଅବସରରେ ହିନ୍ଦୀର ବିକାଶ ପାଇଁ ଯୋଗଦାନ ଦେଉଥିବା ସମସ୍ତ ଭାଷାବିତ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

# ଭୁବନର ସମସ୍ତ ଏଟିଏମ ଅଚଳ, କେତେବେଳେ ଲିଙ୍କ ଫେଲ ତ ଆଉ କେତେବେଳେ ପଇସା ରହୁନି

ଭୁବନ,୧୫।୯ (ନି.ପ୍ର): ଭୁବନ ଏନଏସିରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ, ପଂଜାବ ନ୍ୟାଶନାଲ ବ୍ୟାଙ୍କ, କାନାରା ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଆଇସିଆଇସିଆଇ ପ୍ରଭୃତି ବ୍ୟାଙ୍କର ଏଟିଏମ ମାସର ଅଧିକାଂଶ ସମୟ ଅଚଳ ରହୁଥିବାରୁ ଗ୍ରାହକମାନେ ହଇରାଣ ହରକତ ହେଉଛନ୍ତି । ଅଧିକାଂଶ ସମୟ ନେଟ୍ ସ୍ଲୋ, ଲିଙ୍କ୍ ଫେଲ୍ ରହୁଥିବାରୁ ଗ୍ରାହକମାନେ ପଇସା ଉଠାଇବାକୁ ଦୀର୍ଘ ସମୟ ଲମ୍ବା ଲାଇନରେ ଅପେକ୍ଷା କରୁଥିବା ବେଳେ ଆଉ କେତେବେଳେ ଏଟିଏମରେ ପଇସା ରହୁନି । ଏଟିଏମ ସ୍କ୍ରିନରେ ଆଉଟ ଅଫ ଅର୍ଡର/ଇନ ସଫିସେଂଟ ବାଲାନ୍ସ ପ୍ଲିଜ ଚେକ ଅଦର ଏଟିଏମ ଲେଖାଆସୁଛି । ଏ ସଂପର୍କରେ ଶାଖା ପରିଚାଳକମାନଙ୍କୁ ପଚାରିଲେ ସେମାନେ ସନ୍ତୋଷ ଜନକ ଉତର ଦେଇପାରୁନାହାନ୍ତି । ଫଳରେ ଗ୍ରାହକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ବିଭିନ୍ନ ଗାଁ ଗହଳିରୁ ଭୁବନକୁ ମାର୍କେଟିଙ୍ଗ ପାଇଁ ଆସୁଥିବା ବ୍ୟକ୍ତିମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବିହୋଇଛି ।

# ସରକାରୀ ଅର୍ଥ ବେପରୁଆ ଖର୍ଚ୍ଚ ଓ ଜନ ସାଧାରଣଙ୍କ ବିଶ୍ୱାସ ଭଙ୍ଗ ଅଭିଯୋଗ

## ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଏତଲା

କେନ୍ଦ୍ରାପଡା,୧୫।୯ (ନି.ପ୍ର): କେନ୍ଦ୍ରାପଡା ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ ଓ ଛତା ସବଡିଭିଜନର ସହକାରୀ ଯନ୍ତ୍ରୀ ସମୀର ପରିଡାଙ୍କ ନାମରେ ନିକିରାଇ ଥାନାରେ ଅଭିଯୋଗ କରାଯାଇଛି । ସରକାରୀ ଅର୍ଥ ପ୍ରାୟ ୬ କୋଟି ଟଙ୍କା ତୋଷରପାତ କରିବା, ଜନ ସାଧାରଣଙ୍କ ବିଶ୍ୱାସ ଭଙ୍ଗ ପ୍ରଭୃତି ଅପରାଧିକ ମାମଲା ଘଟାଇ ଥିବା ଅଭିଯୋଗରେ କେନ୍ଦ୍ରାପଡା ଜିଲ୍ଲା ସଚେତନ ନାଗରିକ ପକ୍ଷରୁ ଏହି ଏତଲା ଦାଖଲ କରାଯାଇଛି । ସଂଘ ତରଫରୁ ଜିଲ୍ଲା ସଭାପତି ବିଜୟ କୃଷ୍ଣ ସାହୁ ଏହି ଏତଲା ଦେବା ସହ ଏହାର ନକଲ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଏସପିଙ୍କ ନିକଟକୁ ପଠାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅଭିଯୋଗ ମୁତାବକ, ଅଗଷ୍ଟ ମାସ ୨୮ ତାରିଖରେ କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅଧିନ ବେଣୀପୁର ଗ୍ରାମପଂଚାୟତର ବିରୂପା ନଦୀ ଘେରି ବନ୍ଧ ବନ୍ୟାଜଳ ଦ୍ୱାରା ଭାଙ୍ଗିଯାଇ ପଂଚାୟତ ଓ ଏହାର ଆଖପାଖ ଅଂଚଳର ଜନ ସାଧାରଣଙ୍କର କୋଟି କୋଟି ଟଙ୍କାର ସମ୍ପତି ନଷ୍ଟ କରିଦେଲା । ଜଳ ସମ୍ପଦ ବିଭାଗ ଅଧିନରେ ଥିବା ଏହି ନଦୀ ବନ୍ଧ ତିଆରି ପାଇଁ କିଛିଦିନ ପୂର୍ବରୁ ରାଜକୋଷରୁ ପ୍ରାୟ ୬ କୋଟି ଟଙ୍କା ବ୍ୟୟ କରାଯାଇଥିଲା । ଏହାକୁ ଉଭୟ ବିବାଗୀୟ ଯନ୍ତ୍ରୀ ମାନଙ୍କ ମାରଫତ୍ ରେ ଜନ ସାଧାରଣଙ୍କ ଅର୍ଥ ବ୍ୟୟ କରାଯାଇଛି । ନିମ୍ନ ମାନର କାର୍ଯ୍ୟ ଓ ଖାମ ଖିଆଲି ଢଙ୍ଗରେ ନିର୍ମାଣ କରି ବ୍ୟାପକ ପ୍ରିୟାପ୍ରିତୀ ତୋଷଣ ଓ ଅର୍ଥ ତୋଷରପାତ ଲକ୍ଷରେ ଏହାକୁ ମନମୁଖୀ ଭାବେ ତିଆରି କରାଯାଇ ଥିବାରୁ ସରକାରୀ ଅର୍ଥ ପାଣିରେ ପଡିବା ସହ ଜନ ସାଧାରଣଙ୍କର କୋଟି କୋଟି ଟଙ୍କା ଓ ଶହ ଶହ ଏକର ଧାନ ଫସଲ ଓ ଘର ଦ୍ୱାର ବନ୍ୟା ଜଳରେ ଭାଙ୍ଗି ଧୋଇ ଯାଇଛି । ଏହି ଅଧିକାରୀ ମାନେ ଜନ ସାଧାରଣ ଓ ସରକାରଙ୍କ ବିଶ୍ୱାସ ଭଙ୍ଗ କରିଥିବାରୁ ଏମାନଙ୍କ ବିରୋଧରେ ଅପରାଧିକ ମାମଲା ଦାୟର କରିବା ପାଇଁ ଜିଲ୍ଲା ସଚେତନ ନାଗରିକ ସଂଘ ତରଫରୁ ସଭାପତି ବିଜୟ କୃଷ୍ଣ ସାହୁ ଏତଲା ଦେଇଥିବା ଜଣା ପଡିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଆଇନଜୀବି ଗୌର ପ୍ରସାଦ ମହାପାତ୍ର , ନେହେରୁ କୁମାର ସାହୁ, ନୃସିଂଘ ଚରଣ ରାଉତ, ପ୍ରଫୁଲ୍ଲ କୁମାର ସାହୁ, ରମାନାଥ ରାଉତ, ମାନସ ଦାସ, ବିପଦ ଭଞ୍ଜନ ଦାସ, ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ୟା କ୍ଷତିଗ୍ରସ୍ତଙ୍କ ପ୍ରତି ପ୍ରଶାସନିକ ଉପହାସ

## ରିପୋର୍ଟରେ ନାହିଁ କ୍ଷୟକ୍ଷତି ବିବରଣୀ: ଜଳେଶ୍ୱରବାସୀଙ୍କୁ ବନ୍ୟା ସହାୟତା ନେଇ ପ୍ରଶ୍ନବାଚୀ

ଜଳେଶ୍ୱର, ୧୫/୯ (ନି.ପ୍ର) : ସୁବର୍ଣ୍ଣରେଖାର ବନ୍ୟା ଓ ପଶ୍ଚିମବଂଗରୁ ଗଡି ଆସିଥିବା ଉଦ୍‌ବୃତ୍ତ ବର୍ଷାପାଣି ଦ୍ୱାରା ଜଳେଶ୍ୱର ବ୍ଲକ ଅଂଚଳରେ ବ୍ୟାପକ କ୍ଷତି ଘଟିଥିଲେ ମଧ୍ୟ କୃଷିବିଭାଗ ଓ ରାଜସ୍ୱ ବିଭାଗର ମିଳିତ ରିପୋର୍ଟରେ କ୍ଷତି ଘଟିନଥିବା ଦର୍ଶାଯାଇଛି । ତେଣୁ ବନ୍ୟାଲାଗି ରାଜ୍ୟସରକାରଙ୍କ ସହାୟତା ଜଳେଶ୍ୱରବାସୀ ପାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚଳିତ ଖରିଫଋତୁରେ ୧୯୭୮୦ ହେକ୍ଟର ଧାନଚାଷ, ୧୯୮୦ ହେକ୍ଟର ପରିବା ସହିତ ମୋଟ ୨୨୫୬୦ ହେକ୍ଟର ଜମିରେ ଚାଷ ହୋଇଥିବା କୃଷି ବିଭାଗ ସୂତ୍ରରୁ ପ୍ରକାଶ । କିନ୍ତୁ ପ୍ରତିକୂଳ ପାଗ ସତ୍ତ୍ୱେ ଗତ ଅଗଷ୍ଟ ମାସରେ ପ୍ରବଳ ବର୍ଷା ଓ ପରେ ସୁବର୍ଣ୍ଣରେଖାର ବନ୍ୟା ହେବାରୁ ପର୍ଶ୍ଚିମବାର୍ଡ, ବାଇଗଣବାଡିଆ, ଝାଡପିମ୍ପଳ, ଖାଲିନା, ନାମ୍ପୋ, ସମ୍ପତ୍ତିଆ, ନେତୁଆ, ରାୟାଁରାମଚନ୍ଦ୍ରପୁର, ଗଡସାହି ବାଲିଆପାଳ ପଂଚାୟତର କ୍ଷତି ଘଟିଥିଲା । ପ୍ରଥମିକ ଆକଳନରୁ ପ୍ରାୟ ୮ହଜାର ହେକ୍ଟର ଜମି ଜଳବନ୍ଦି ଥିବାର ଦର୍ଶାଯାଇଥିଲା । ବନ୍ୟାବେଳେ ବିଭିନ୍ନ ଗ୍ରାମରେ ସହାୟତା ମଧ୍ୟ ଦିଆଯାଇଥିଲା । ବିଶେଷ କରି ଘଣ୍ଟିଆଡି, ଝାଡପିମ୍ପଳ, ବାଇଗଣବାଡିଆ, ଛୋଟଖାନପୁର, ଆକନା, କାଳିକାପୁର, କଣ୍ଟାପାଳ, ବାଇଗଣବାଡିଆ, ଦେବକୁମାର ଓ ନମକନା ଗାଁର ୩୮୦୫ ପରିବାରକୁ ରିଲିଫ ମଧ୍ୟ ଦିଆଯାଇଥିବା ଜଳେଶ୍ୱର ବ୍ଲକ ସୂତ୍ରରୁ ପ୍ରକାଶ । କିନ୍ତୁ ପରବର୍ତ୍ତୀ ସମୟରେ କୃଷି ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ତଦନ୍ତ ପରେ ଜଳେଶ୍ୱର ବ୍ଲକରେ କୃଷି ଜନୀତ କ୍ଷତି ହୋଇନଥିବା ସରକାରଙ୍କୁ ଦର୍ଶାଯାଇଛି । ଏବେ ରାଜ୍ୟ ସରକାର ବନ୍ୟାଜନୀତ କ୍ଷୟକ୍ଷତି ଲାଗି ୩୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିବା ବେଳେ ଏହି ବ୍ଲକରେ କ୍ଷୟକ୍ଷତି ଘଟିନଥିବା ସରକାରୀ ରିପୋର୍ଟ ଯୋଗୁଁ ଗରିବଚାଷୀମାନେ କିଛି ସହାୟତା ନ ପାଇବା ସମ୍ଭାବନା ଦେଖା ଦେଇଛି । ଫଳରେ ଜନଅସନ୍ତୋଷ ହେବାର ସମ୍ଭବନା ରହିଛି ।ଏ ସଂପର୍କରେ ଜଳେଶ୍ୱର କୃଷିଜିଲା ଅଧିକାରୀ ଅନ୍ତର୍ଯ୍ୟାମୀ ଧିରଙ୍କ ମତାମତ ଲୋଡିବାରୁ ସେ କହିଲେ କୃଷି ବିଭାଗକୁ ରାଜସ୍ୱ ବିଭାଗ ଉପରେ ନିର୍ଭର କରିବାକୁ ପଡୁଥିବାରୁ ମିଳିତ ରିପୋର୍ଟରେ ଏହା ଦର୍ଶାଯାଇଛି । ଅନ୍ୟ ସରକାରୀ ସହାୟତା ନ ମିଳିଲେ ମଧ୍ୟ ସାଧାରଣ ଭାବେ ମିନି କିଟ୍ ଚାଷୀମାନଙ୍କୁ ବଣ୍ଟାହେବା ସଂପର୍କରେ କହିଛନ୍ତି । ଅନ୍ୟପକ୍ଷରେ ଏ ସଂପର୍କରେ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ମତାମତ ଲୋଡିବାରୁ ଏପରି ସରକାରୀ ରିପୋର୍ଟକୁ ନାପସନ୍ଦ କରି ଜିଲାପାଳ ଓ କୃଷି ନିର୍ଦ୍ଦେଶଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ବନ୍ୟା କ୍ଷୟକ୍ଷତି ନେଇ ସରକାରୀ ରିପୋର୍ଟ ଜଣାଯିବାପରେ ବିଭିନ୍ନ କୃଷକ ସଂଗଠନ, ବରିଷ୍ଠ ଚାଷର, ବୟବୃଦ୍ଧ ଚାଷୀଙ୍କ ସହ କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଦେବୀ ପ୍ରଶନ୍ନ ଚନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ ଦାସ, କୃଷକଙ୍କ ଲାଗି ଲଢି ଆସୁଥିବା ଦିଲ୍ଲିପ ଗିରି, ଶିଶିର ହୁଇ, ସୀତାଂଶୁ ନନ୍ଦି, ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ, ସୁବ୍ରତ ଘୋଷ, ସମୀର ପାତ୍ର ପ୍ରମୁଖ କ୍ଷୋଭ ପ୍ରକାଶ କରି ଆଗାମୀ ଦିନରେ ବିକ୍ଷୋଭ କରିବେ ବୋଲି କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

୩ ଦିନ...

ହାଲ୍‌କା ବର୍ଷା ହୋଇପାରେ । ଅନ୍ୟପକ୍ଷରେ ୧୯ ଓ ୨୦ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ମାଲକାନଗିରି, କୋରାପୁଟ, ରାୟଗଡା, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ଢ଼େଙ୍କାନାଳ ଜିଲ୍ଲାରେ ବର୍ଷା ସହ ବଜ୍ରପାତର ସମ୍ଭାବନା ରହିଛି ।

ଗୋଟିଏ ଦିନରେ...

ମାଲକାନଗିରି ଜିଲ୍ଲାରେ ୩୩ , ମୟୂରଭଂଜ ଜିଲ୍ଲାରେ ୧୩୭ ନବରଙ୍ଗପୁରରେ ୯୦, ନୟାଗଡ ଜିଲ୍ଲାରେ ୩୮, ନୂଆପଡା ଜିଲ୍ଲାରେ ୯୦ ପୁରୀ ଜିଲ୍ଲାରେ ୨୪୬, ରାୟଗଡା ଜିଲ୍ଲାରେ ୭୯, ସମ୍ବଲପୁର ଜିଲ୍ଲାରେ ୧୨୭ ,ସୋନପୁର ଜିଲ୍ଲାରେ ୯୯ ତଥା ସୁନ୍ଦରଗଡ ଜିଲ୍ଲାରେ ୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ରାଜ୍ୟରେ ଆଉ...

ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୭୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୫୧୮ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁବର୍ଣପୁର ଜିଲ୍ଲାର ଜଣେ ୭୦ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ ।

ଓଡିଶା ବିଶ୍ୱବିଦ୍ୟାଳୟ ...

ପାଇଁ ରାଜ୍ୟ ସରକାର ତାଙ୍କ ଅଧ୍ୟାଦେଶରେ ବ୍ୟବସ୍ଥା କରିଥିବା କୁଳପତି ସର୍ଚ୍ଚ କମିଟିରେ ସରକାରଙ୍କ ପ୍ରତିନିଧି ରହିବାର ବ୍ୟବସ୍ଥା ଜବରଦସ୍ତି ଲଦିଦିଆଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସରକାରୀ ଅଫିସର ରେଜିଷ୍ଟରଙ୍କୁ ସିଣ୍ଡିକେଟର ସମ୍ପାଦକ କରାଯିବାର ବ୍ୟବସ୍ଥା କରାଯାଇଛି । ପ୍ରଫେସର, ଆସିଷ୍ଟାଂଟ ପ୍ରଫେସର ଓ ଫାକଲଟି ଚୟନ ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟ ଭୂମିକାକୁ ଶେଷ କରି ଓଡିଶା ଲୋକସେବା ଆୟୋଗକୁ ଏହି ଦାୟିତ୍ୱ ଦିଆଯାଇଛି । ଏହା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ନଷ୍ଟ କରିବ । ଏହାସହ ଅଣ ଶିକ୍ଷକ ପଦରେ ଚାକିରି ନେବା ପାଇଁ ଷ୍ଟାଫ୍ ସିଲେକ୍ସନ କମିଶନକୁ ଦାୟିତ୍ୱ ନେଇ କୁଳପତିଙ୍କ ନିୟନ୍ତ୍ରିତ ବ୍ୟବସ୍ଥାକୁ ସମାପ୍ତ କରାଯାଇଛି । ବିଶ୍ୱବିଦ୍ୟାଳୟ ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ କରିବାର ପରମ୍ପରାକୁ ଶେଷ କରାଯାଇଛି । ଓଡିଶାରେ ଅଡିନାନ୍ସ ମାଧ୍ୟମରେ କରାଯାଇଥିବା ଏହି ପରବର୍ତନ ଅନ୍ୟ ରାଜ୍ୟର ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି । ଶିକ୍ଷା ସାମ୍ବିଧାନିକ ବ୍ୟବସ୍ଥାରେ ମିଳିତ ତାଲିକାରେ ଆସୁଥିବାରୁ ରାଜ୍ୟ ସରକାରଙ୍କ ଆଇନ କେନ୍ଦ୍ର ନୀତିର ବିରୁଦ୍ଧାଚରଣ କରିପାରିବ ନାହିଁ ବୋଲି ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଆଇନଗତ ଶିକ୍ଷା ବ୍ୟବସ୍ଥା ଅନୁସାରେ ଆନ୍ଧ୍ର ଉସମାନିଆ ୟୁନିଭରସିଟି ଶିକ୍ଷକ ସଂଘ ବନାମ ଆନ୍ଧ୍ରପ୍ରଦେଶ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ସେ ରାଜ୍ୟର ଏପରି ଆଇନକୁ ଖାରଜ କରିଥିବା ପରିପ୍ରେକ୍ଷୀରେ ଓଡିଶାର ଏହି ଆଇନ କୋର୍ଟରେ ଖାରଜ ହେବାର ସମ୍ଭାବନା ଥିବା ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଓଡିଶା ବିଶ୍ୱବିଦ୍ୟାଳୟ ଅଧ୍ୟାଦେଶ ୨୦୨୦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଜାତୀୟ ଶିକ୍ଷାନୀତି୨୦୨୦ର ଶିକ୍ଷାନୁଷ୍ଠାନ ମାନଙ୍କୁ ସ୍ୱାୟତତା ମାଧ୍ୟମରେ ଶିକ୍ଷା ଅନୁସନ୍ଧାନକୁ ଆଗକୁ ବଢାଇବା ପାଇଁ ନୀତିର ବିରୋଧାଚରଣ କରୁଛି ବୋଲି ଶ୍ରୀ ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରାଇବା ସହ ବିଶ୍ୱବିଦ୍ୟାଳୟ ଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରିଛନ୍ତି ।

ପ୍ରଶ୍ନକାଳ ବନ୍ଦ ହେଲେ...

ଅନ୍ୟପକ୍ଷରେ ଶ୍ରୀ ବାହିନୀପତିଙ୍କ ଏହି ଅଭିଯୋଗର ଉତରରେ ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ କୋଭିଡ୍ ନିୟମ ମାନି ଏବଂ ସଂସଦ ଅଧିବେଶନକୁ ଅନୁସରଣ କରି ଓଡିଶାରେ ବିଧାନସଭା ଅଧିବେଶନ ବସିବ । କଂଗ୍ରେସର ଅଭିଯୋଗ ଠିକ୍ ନୁହେଁ । କଂଗ୍ରେସ ଶାସିତ ରାଜ୍ୟ ମାନଙ୍କର ମଧ୍ୟ ଏହିପରି ବିଧାନସଭା ବସୁଛି ବୋଲି ସେ କହିଛନ୍ତି । ସେହିପରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି ଯେ ସଂସଦ ଭଳି ଓଡିଶାରେ ମୌସୁମୀ ଅଧିବେଶନ ଚାଲିଲେ କୌଣସି ଆପତି ନାହିଁ । ଉଲ୍ଲେଖ୍ୟଯୋଗ୍ୟ ଯେ ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ସେପ୍ଟେମ୍ବର ୨୯ରୁ ଆରମ୍ଭ ହୋଇ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୋଟ ୮ଟି କାର୍ଯ୍ୟଦିବସ ରହିଥିବା ବେଳେ ରବିବାର ଦିନ ମଧ୍ୟ ଗୃହର ବୈଠକ ବସିବ ।

ତେଲେଙ୍ଗାନାରେ...

କରିଥିବା ମୋଟ ସଂଖ୍ୟ ୯୮୪ ହୋଇଛି । ଗତ ୨୪ ଘଂଟାରେ ୨୧୮୦ କରୋନା ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଛନ୍ତି । ରାଜ୍ୟରେ କରୋନା ପିଡ଼ୀତଙ୍କ ସଂଖ୍ୟା ୧,୩୯,୧୮୭ରେ ପହଂଚିଛି । ଚିକିତ୍ସା ସ୍ୱାସ୍ଥ୍ୟ ବିଭାଗ ଅନୁସାରେ ବର୍ତମାନ ରାଜ୍ୟରେ ୩୦,୪୦୦ ସକ୍ରିୟ ମାମଲା ରହିଛି । ଯେଉଁଥିରୁ କି ୨୩,୫୩୪ ଜଣଙ୍କ ପରୀକ୍ଷା ଘରେ କରାଯାଉଛି । ତେଲେଙ୍ଗାନାରେ ଏବେ ସୁଦ୍ଧା କରାଯାଇଥିବା କରୋନା ପରୀକ୍ଷଣ ସଂଖ୍ୟା ୨୨,୨୦,୫୮୬ରେ ପହଂଚିଛି ।

# ବିଜେଡ଼ିରେ ଯୋଗଦେଲେ ବାଲେଶ୍ୱର ମ୍ୟୁନିସପାଲିଟିର ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର



ବାଲେଶ୍ୱର ,୧୫।୯ (ନି.ପ୍ର): ଆଗାମୀ ଉପନିର୍ବାଚନକୁ ଲକ୍ଷ୍ୟ ରଖି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳ ନିଜ ନିଜର ଶକ୍ତି ବୃଦ୍ଧି କରିବାରେ ଲାଗିଛନ୍ତି । ଏହି କ୍ରମରେ ଆଜି ବାଲେଶ୍ୱର ମ୍ୟୁନିସପାଲିଟିର ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର(ଡ଼ିଉ) ନିଜର ବହୁ ସମର୍ଥକ ମାନଙ୍କ ସହ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ବିଜେଡ଼ି ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପିନ୍ଧାଇ ଦଳରେ ସ୍ୱାଗତ କରିଥିଲେ । ଡ଼ିଉଙ୍କ ସହିତ ରବିନାରାୟଣ ଦାସ, ଦିଲ୍ଲିପ ଦାସ ମହାପାତ୍ର, ରାମା ରାଓ, ଅଶୋକ କୁମାର ପରିଡ଼ା, ବିକାଶ ସୋନାର, ସମିତ ଦାସ ପ୍ରମୁଖ ବହୁ ସମର୍ଥକ ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ଯୋଗଦେଇଥିଲେ । ଆଜିର ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ ବିଜେଡ଼ି ସଭାପତି ସନତ ଦାସ ଏବଂ ଓଡ଼ିଶା - ମୋ ପରିବାର ର ବାଲେଶ୍ୱର ଜିଲ୍ଲା ସଂଯୋଜକ ସାହିରୁଲ ହକ୍‌ଙ୍କ ସମେତ ବହୁ ବିଜେଡ଼ି ନେତା ଉପସ୍ଥିତ ଥିଲେ ।

# ନୂଆଗାଁ ପଞ୍ଚାୟତର ପୂର୍ବ ସରପଞ୍ଚଙ୍କ ବିୟୋଗ



ବାଲିଆପାଳ,୧୫।୯ (ନି.ପ୍ର): ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶୀଳ କୁମାର ବେହେରାଙ୍କ ୬୫ ବର୍ଷ ବୟସରେ ସୋମବାର ହୃଦଘାତରେ ନିଜ ବାସଭବନରେ ପ୍ରାଣ ହରାଇଛନ୍ତି । ସ୍ୱର୍ଗତ ବେହେରା ଦୀର୍ଘ ଦିନ ଧରି ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ନୂଆଗାଁ ପଞ୍ଚାୟତର ସରପଞ୍ଚ ଭାବରେ ନିର୍ବାଚିତ ହୋଇ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ କରିବା ଦିଗରେ ଅହରହ ଉଦ୍ୟମ କରିଥିଲେ । ତାଙ୍କ ବିୟୋଗରେ ସରପଞ୍ଚ ପ୍ରୀତିସୁଷମା ଦଳାଇ,ସମିତି ସଦସ୍ୟା ସବିତା ପାତ୍ର,ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ଗଙ୍ଗାଧର ପର୍ଡିଆରୀ, ନାରାୟଣ ବିଶ୍ୱାଳ,ବିମଳ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପୁତ୍ର ଭକ୍ତିପଦ ବେହେରା ମୁଖାଗ୍ନି ଦେଇଥିଲେ ।

# ବିଶ୍ୱ ଗଣତାନ୍ତ୍ରିକ ଦିବସରେ ସି.ପି.ଆଇ. (ଏମ୍)ର ବିକ୍ଷୋଭ

ଭଦ୍ରକ, ୧୫ ସେପ୍ଟେମ୍ବର (ହି.ସ.) - ସିପିଆଇ(ଏମ୍) ର ନେତା ଓ ଶିକ୍ଷାବିତ୍‌ମାନଙ୍କ ନାମରେ ମିଥ୍ୟା କେଶ୍ ରୁଜୁ ହେବା ପ୍ରତିବାଦରେ ଆଜି ଭଦ୍ରକରେ ଦଳ ପକ୍ଷରୁ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଦଳର ନେତା ଦିବ୍ୟସିଂହ ନାୟକ, ପ୍ରହଲ୍ଲାଦ ପତି, ବିନୋଦ ସାହୁ, ନିରଂଜନ ପାଣି, ସେକ୍ କମର, ସେକ୍ ସିକୁ, ମୁ ମୁଣ୍ଡା, ଗିରିଧାରୀ ନାଥ, ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ମୁକ୍ତିକାନ୍ତ ବାରିକ, ରୋଜ୍ ଗୁପ୍ତା, ପୂର୍ଣ୍ଣଚନ୍ଦ୍ର ଦାସ, ଇରଫାନ ଖାଁ, ରାଧା ଦାସ ଓ ରବି ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଭଦ୍ରକ ସହରର ବନ୍ତଛକ ବସ୍‌ଷ୍ଟାଣ୍ଡ ଠାରେ ସିପିଆଇ(ଏମ୍) ର ସାଧାରଣ ସଂପାଦକ ସୀତାରାମ ଇଚୁରୀ ଓ ଶିକ୍ଷାବିତ୍ ଯୋଗେନ୍ଦ୍ର ଯାଦବ, ଜୟନ୍ତୀ ଘୋଷ ଓ ବହୁ ବୁଦ୍ଧିଜୀବୀଙ୍କୁ ଦିଲ୍ଲୀ ପୁଲିସ୍ ମିଥ୍ୟା ମୋକଦ୍ଦମାରେ ଜଡିତ କରିଥିବା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥି ଉପଲକ୍ଷେ ଆୟୋଜିତ ପ୍ରତିବାଦ ସଭାରେ ଦଳୀୟ ନେତାମାନେ ନିଜ ବକ୍ତବ୍ୟରେ ଗତ ଫେବୃୟାରୀ ୨୨ ଓ ୨୩ ତାରିଖରେ ଦିଲ୍ଲୀରେ ଦଙ୍ଗାକାରୀ ବିଜେପି ଓ ଆରଏସ୍‌ଏସ୍ ନେତୃତ୍ୱକୁ ପୁଲିସ୍ ଗିରଫ ନକରି ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ସଂହତି ରକ୍ଷା କରିବା ପାଇଁ ଲଢେଇ କରୁଥିବା ପ୍ରବୀଣ କମ୍ୟୁନିଷ୍ଟ ନେତା ସୀତାରାମ ଇଚୁରୀ, ଯୋଗେନ୍ଦ୍ର ଯାଦବ, ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଅପୂର୍ବାନନ୍ଦ ଓ ସ୍ତମ୍ଭକାର ତଥା ଅର୍ଥନୈତିଜ୍ଞ ଜୟନ୍ତୀ ଘୋଷ ଓ ରାହୁଲ ରାଏଙ୍କ ନାମରେ ମିଥ୍ୟା ମୋକଦ୍ଦମା ଉଠାଇବା ପାଇଁ ଦାବି କରିଥିଲେ ।

# ୬୦ନଂ ଜାତୀୟ ରାଜପଥରେ ବାଇକ୍‌କୁ ପିଟିଲା ପିକ୍‌ଅପ୍ : ୧ ମୃତ ୨ ଗୁରୁତର

ଜଳେଶ୍ୱର, ୧୫/୯ (ନିପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଆରୁହା ଗ୍ରାମର ଗୋଟିଏ ପରିବାରର ତିନି ସଦସ୍ୟ ଏକ ବାଇକ୍‌ଯୋଗେ ଯାଉଥିବା ବେଳେ ୬୦ନଂ ଜାତୀୟ ରାଜପଥର ଟୋଲପ୍ଲାଜା ନିକଟ ନାଙ୍ଗୁଡସାହି ବାଇପାସ୍ ନିକଟରେ ଆଜି ମଙ୍ଗଳବାର ପୂର୍ବାହ୍ନରେ ପଛପଟୁ ଏକ ପିକ୍‌ଆପ ଧକ୍କା ଦେବା ଫଳରେ ଜଣେ ମହିଳା ମୃତ୍ୟୁ ହେବା ସହିତ ୨ଜଣ ଗୁରୁତର ହୋଇ ପ୍ରଥମେ ଜିକେ ଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଘଟଣାରୁ ପ୍ରକାଶ ଆଜି ମଂଗଳବାର ଦିବା ୧୦ ଘଟିକା ସମୟରେ ଅଶ୍ୱିନୀ ସାମଲ ଙ୍କ ସ୍ତ୍ରୀ ମମତା ସାମଲ (୩୦) ରଭଉଣୀର ଶାଶୁଙ୍କ ମୃତ୍ୟୁଖବର ପାଇ ନିଜ ୩ବର୍ଷର ଝିଅକୁ ଓଡି୦୧ଏନ୍୯୨୭୧ ବାଇକ୍‌ରେ ବସାଇ ନାଙ୍ଗୁଡସାହି ଅଭିମୁଖେ ବାହାରିଥିଲେ । ମାତ୍ର ନାଙ୍ଗୁଡସାହି ବାଇପାସ୍ ନିକଟରେ ଓଡି୦୫ଏବି୯୫୫୫ ପିକ୍‌ଆପ୍ ଭେନ୍ ପଛପଟୁ ଜୋର୍‌ରେ ଧକ୍କା ଦେବା ଫଳରେ ମମତା ପିକ୍‌ଅପ୍ ଭ୍ୟାନ୍ ତଳେ ଚାପି ଯିବା ସହିତ ଝିଅ ଓ ତାର ସ୍ୱାମୀ ରାସ୍ତାକଡକୁ ଛିଟିକିପଡିଥିଲେ । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ କରିବାପରେ ଜିକେ ଭଟ୍ଟର ଡାକ୍ତରଖାନାକୁ ଅଣାଯାଇଥିଲା । ସେଠାରେ ମମତା ସାମଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ୩୬୮ ଛୁଇଁଲା କରୋନା ପଜେଟିଭ୍ : ମୋଟ ମୃତ୍ୟୁ ସଂଖ୍ୟା ୭

ଜଳେଶ୍ୱର, ୧୫/୯ (ନି.ପ୍ର) : ଜଳେଶ୍ୱର ବ୍ଲକରେ ଅଧିକରୁ ଅଧିକ କରୋନା ଟେଷ୍ଟ ହୋଇନଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ହୋଇଥିବା ଟେଷ୍ଟରେ ଅଦ୍ୟାବଧି ମୋଟ ୩୬୮ ଜଣ ସଂକ୍ରମିତ ହୋଇଥିବାର ଜଣାଯାଇଛି । ଏଥିମଧ୍ୟରୁ ପେଟ୍ରୋଲ ପମ୍ପରେ ୨୧, ରାଇବଣିଆ ଥାନାର ୭ଜଣ ପୋଲିସ୍ ସଂକ୍ରମିତ ଥିବାର ଜଣାଯାଇଛି । ଅଦ୍ୟାବଧି କେବଳ ମ୍ୟୁନିସିପାଲଇଟିରେ ୧୧୨ଜଣ ସଂକ୍ରମିତ ହୋଇଥିଲେ । ଗତ ୩ ଦିନ ମଧ୍ୟରେ ମ୍ୟୁନିସିପାଲଟିରେ ୨୪ଜଣ ବ୍ୟତିତ ଷ୍ଟେସନ ବଜାର, ୫ । ଦେଶ୍ୱରପୁର, ମହମ୍ମଦନଗରପାଟଣା, ଓଲମରା, ଚାଲନ୍ତି, ନହଞ୍ଜରା, ଚାଫଲା, ଖଇର୍ଦ୍ଦା, ନାମ୍ପୋ, ଜଳେଶ୍ୱର ମିଳକଲୋନୀ, ନନ୍ଦିକା, ଆଡିନଗା, ଚଉଘନୀ, ନୂଆବଜାର ପ୍ରମୁଖ ସ୍ଥାନରେ କରୋନା ପଜେଟିଭ୍ ଦେଖା ଦେଇଛି । କିନ୍ତୁ ଅଦ୍ୟାବଧି ଜଳେଶ୍ୱର ବ୍ଲକର ୭ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ । ଏମାନଙ୍କ ମଧ୍ୟରେ ମାନସ ପାଠୀ, ଉଦୟ ପଣ୍ଡା, ହରିହର ଦାସ, ବାସନ୍ତୀ ଭୂୟାଁ, ସୁକୁମାର ଦାସ, ରଘୁନାଥ ରାଉତ ଓ ଅନ୍ୟଜଣେ ବ୍ୟକ୍ତିଙ୍କର ନାମ କୁହାଯାଇଛି । ଏବେ ଅମାନୀୟାମାନେ ଯେପରି ପର୍ଶ୍ଚିମବଂଗର ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଲକ୍ଷଣ ଦେଖାଦେଉଥିବା ବ୍ୟକ୍ତିମାନେ କୋଭିଡ୍ କେୟାର ସେଣ୍ଟର ଓ ଅନ୍ୟତ୍ର ଯାଇ ଚିକିତ୍ସିତ ହେଉନାହାନ୍ତି । ଫଳରେ ପରିସ୍ଥିତି ଗୁରୁତର ହେବାର ସମ୍ଭାବନା ରହିଥିବା ଜଣେ ଡାକ୍ତର ନାମ ପ୍ରକାଶ ନ କରି କହିଛନ୍ତି ।

## ବହୁ ଚର୍ଚ୍ଚିତ ବାରିପଦା ଅର୍ବାନ ବ୍ୟାଙ୍କ ଘଟଣା

# ୮ ସପ୍ତାହ ମଧ୍ୟରେ ଜମାକାରୀଙ୍କ ସମସ୍ତ ଅର୍ଥ ଫେରସ୍ତ ପାଇଁ ମାନ୍ୟବର ହାଇକୋର୍ଟଙ୍କ ଐତିହାସିକ ରାୟ




ବାରିପଦା ,୧୫।୯ (ନି.ପ୍ର): ବାରିପଦା ଅର୍ବାନ ସମବାୟ ବ୍ୟାଙ୍କର ୭୬୯୮୪ ଗୋଟି ଜମା ଖାତାରେ ଜମାକାରୀ ମାନେ ଗଛିତ ରଖିଥିବା ତାଙ୍କର କଷ୍ଟଲବ୍ଧ ଟଙ୍କା ୨୦୧୨ ମସିହା ଠାରୁ ଆବଶ୍ୟକ ବେଳେ ଫେରସ୍ତ ନପାଇ ବହୁ ଦୁଃଖ ଦୁର୍ଦ୍ଦଶା ଭୋଗୁଥିବା ବେଳେ ଆଜି ମାନ୍ୟବର ହାଇକୋର୍ଟ ଙ୍କ ଐତିହାସିକ ରାୟ ଶୁଣି ଜମାକାରୀ ଙ୍କ ମନରେ ଆନନ୍ଦ ଉଲ୍ଲାସ ଖେଳିଯିବା ସଙ୍ଗେ ସଙ୍ଗେ ନୂତନ ଅଶାର ସଂଚାର ହୋଇଛି । ପ୍ରକାଶ ଥାଉକି ଖିଲାପୀ ଋଣୀ ମାନଙ୍କ ଯୋଗୁ ବ୍ୟାଙ୍କକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କିଂ କାରବାର ପାଇଁ ୨୦୧୨ ମସିହା ଠାରୁ ଅଙ୍କୁଶ ଲଗାଇବା ଦ୍ୱାରା ଜମାକାରୀ ମାନେ ଆବଶ୍ୟକ ବେଳେ ଟଙ୍କା ଉଠାଣ କରିପାରୁ ନଥିଲେ । ୨୦୧୪ ମସିହା ରେ ରିଜର୍ଭ ବ୍ୟାଙ୍କ ଲାଇସେନ୍ସ କେନସେଲ କରି ୨୦୧୫ ମସିହାରେ ବ୍ୟାଙ୍କକୁ ବିଲୟ କରିବାକୁ ଆଦେଶ ଦେଇଥିଲେ । କିନ୍ତୁ ଯଦିଓ ଏକା ସମୟରେ ବାରିପଦା, ଭୁବନେଶ୍ୱର ଓ ଛତ୍ରପୁର ଅର୍ବନ ବ୍ୟାଙ୍କର ବିଲୟ ଆଦେଶ ହୋଇଥିଲା, ସେତେବେଳର ପରିଚାଳନା ପରିଷଦ ଆଇନଗତ ଆଶ୍ରୟ ନେଇ ବାରିପଦା ଆର୍ବାନ କୋପରେଟିଭ ବ୍ୟାଙ୍କକୁ ବିଲୟରୁ ରକ୍ଷାକରି ଚାଲୁ ରଖିଲେ । ପରିଚାଳନା ପରିଷଦର କାର୍ଯ୍ୟକାଳ ଫେବୃଆରୀ ୧୩ ତାରିଖରେ ଶେଷ ହେଉ ଥିବାରୁ ଜମାକାରୀଙ୍କ ସମସ୍ତ ଜମାଟଙ୍କା ବ୍ୟାଙ୍କରେ ଗଛିତ ଥିବା ଟଙ୍କାରୁ ଫେରସ୍ତ ପାଇଁ ମାନ୍ୟବର ହାଇକୋର୍ଟରେ ଏକ ମିଶକେଶ ୨୦୨୦ ମସିହା ଜାନୁଆରୀ ୧୬ ତାରିଖରେ ଦରଜ କରିଥିଲେ । ଏଥିପାଇଁ ମୁଖ୍ୟ ଭୂମିକା ମୋରଡା ବିଧାୟକ ଶ୍ରୀଯୁକ୍ତ ରାଜକିଶୋର ଦାସ ଓ ବ୍ୟାଙ୍କର ପୂର୍ବତନ ସଭାପତି ଶ୍ରୀଯୁକ୍ତ ଗିରିଧାରୀ ପୃଷ୍ଟି ନେଇ ଥିଲେ ଓ ପୂର୍ବତନ ପରିଚାଳନା ପରିଷଦର ଅଳ୍ପ କେତେ ଜଣଙ୍କୁ ବାଦ ଦେଲେ ସମସ୍ତ ସଭ୍ୟ ସଭ୍ୟା ଆନ୍ତରିକ ସହଯୋଗ କରିଥିଲେ । ଉକ୍ତ ମିଶକେଶ ନମ୍ବର ଓ.ଇ. ୬୯୫/ ୨୦୨୦ ର ଶୁଣାଣି କରି ମାନ୍ୟବର ହାଇକୋର୍ଟ ଗତ ତା୨୫.୦୬.୨୦୨୦ ରେ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଦେଶ କ୍ରମେ ମୟୁରଭ ଉପଜିଲ୍ଲାପାଳ ଶ୍ରୀମତୀ ସୁଧା ଦେବ ସିଂ ଜମାକାରୀଙ୍କୁ ୩ କୋଟି ୪୬ ଲକ୍ଷ ଟଙ୍କା ଫେରସ୍ତ କରିଥିଲେ । ଟଙ୍କା ଫେରସ୍ତ ଚାଲିଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅପିଲ ନମ୍ବର ୪୧୩/୨୦୨୦ ସପକ୍ଷରେ ଉଚ୍ଚନ୍ୟାୟାଳୟ ରାୟ ଦେଇ ଟଙ୍କା ଫେରସ୍ତକୁ ସ୍ଥଗିତ ରଖିଥିଲେ । ଉକ୍ତ ଅପିଲର ଆନ୍ତରିଣ ଆଦେଶକୁ ଉଠାଇବା ପାଇଁ ବିଧାୟକ ଶ୍ରୀଯୁକ୍ତ ଦାସ ଓ ବ୍ୟାଙ୍କ ସଭାପତି ଶ୍ରୀ ପୃଷ୍ଟି ଆଇନଗତ ପରାମର୍ଶ କରି ଆପ୍ରାଣ ଚେଷ୍ଟା କରିଥିଲେ । ଶେଷରେ ମାନ୍ୟବର ହାଇକୋର୍ଟଙ୍କ ମାନ୍ୟବର ଜଷ୍ଟିସ କୁମାରୀ ସଂଜୁ ପଣ୍ଡା ଓ ଶ୍ରୀଯୁକ୍ତ ସଂଜୀବ ପାଣିଗ୍ରାହୀଙ୍କ ଦ୍ୱାରା ଗଠିତ ଡିଭିଜନ ବେଂଚରେ ଆଜି ଶୁଣାଣି କରି ସମସ୍ତ ଜମାକାରୀଙ୍କୁ ତାଙ୍କର ସମସ୍ତ ଟଙ୍କା ୮ ସପ୍ତାହ ମଧରେ ଫେରସ୍ତ କରିବାକୁ ଡି. ଆର. ସି. ଏସ. ତଥା ଲିକୁଡ଼େଟରଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ବ୍ୟାଙ୍କ ବିଲୟ ବିରୁଦ୍ଧରେ ପୂର୍ବରୁ ହୋଇଥିବା ଷ୍ଟେ ଅର୍ଡର କାଏମ ରହିଅଛି । ଏଣୁ ବ୍ୟାଙ୍କ ଯେପରି କାର୍ଯ୍ୟ କରୁଥିଲା ସେପରି କରିବ । ଦୀର୍ଘ ଦିନର ଚେଷ୍ଟା ଓ ସଂଘର୍ଷ ପରେ ଜମାକାରଙ୍କୁ ଟଙ୍କା ଫେରସ୍ତ ପାଇଁ ବିଜୁ ଜନତା ଦଳର ବରିଷ୍ଠ ବିଧାୟକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସ ଓ ଶ୍ରୀଯୁକ୍ତ ରାଜକିଶୋର ଦାସଙ୍କ ଦୃଢ଼ ଇଛା ଶକ୍ତି ଓ ପ୍ରଚେଷ୍ଟା କୁ ଜମାକାରୀ ମହଲରେ ପ୍ରଶଂସା କରାଯାଉଥିବାର ଦେଖାଯାଇଛି ।

## ଜାମ୍ମୁ କାଶ୍ମୀରରେ ଗତ ୨୪ ଘଂଟାରେ ୧୩୨୯ କରୋନାର ନୂଆ ମାମଲା

ଶ୍ରୀନଗର, ୧୫ ସେପ୍ଟେମ୍ବର (ହି.ସ.) । ଜାମ୍ମୁ କାଶ୍ମୀରରେ ଗତ ୨୪ ଘଂଟାରେ ୧୩୨୯ ନୂଆ କରୋନା ସଂକ୍ରମଣର ମାମଲା ସାମନାକୁ ଆସିଛି । ଜାମ୍ମୁ କାଶ୍ମୀର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୫୬,୬୫୪ ହୋଇ ଯାଇଛି । ବର୍ତମାନ ସୁଦ୍ଧା ୯୧୪ ଜଣଙ୍କର ମୃତ୍ୟୁ ଘଟିଛି ।

# ଆଦାନୀ ଫାଉଣ୍ଡେସନ ସହାୟତାରେ ପ୍ରାଣୀ ସମ୍ପଦ ବିକାଶ କେନ୍ଦ୍ର ଉଦ୍‌ଘାଟିତ

ଭଦ୍ରକ,୧୫।୯ (ନି.ପ୍ର): ଭଦ୍ରକ ଏକ ଉପକୂଳବର୍ତୀ ଜିଲ୍ଲା, ଯେଉଁଠାରେ କୃଷି ସହିତ ପଶୁପାଳନ ଓ ମତ୍ସ୍ୟଚାଷ ହେଉଛି ଜୀବିକା ନିର୍ବାହର ମୁଖ୍ୟ ବିକଳ୍ପ । ଆଦାନୀ ଧାମରା ପୋର୍ଟ ନିକଟବର୍ତୀ ଗ୍ରାମପଂଚାୟତଗୁଡିକରେ ମଧ ସମାନ ଢଙ୍ଗରେ ଜୀବିକା ନିର୍ବାହ କରାଯାଉଛି । ଯଦିଓ ଏଠାରେ ବହୁ ସଂଖ୍ୟାରେ ପଶୁପାଳନ କରାଯାଉଛି, କିନ୍ତୁ ଉପଯୁକ୍ତ ପଶୁପାଳନରୁ ବଂଚିତ । ଏହି ପରିପ୍ରେକ୍ଷୀରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ବିଏଆଇଏଫ୍ ସହଯୋଗରେ ଏକ ସମନ୍ୱିତ ପଶୁପାଳନ ଯତ୍ନ ଏବଂ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏଥିସହ ପ୍ରଜାତିର ବିକାଶ, ଗୋଖାଦ୍ୟ ନିମନ୍ତେ ସବୁଜ ଚାରା ରୋପଣ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୦୧୯ ଏପ୍ରିଲ ମାସରେ ଦୋସିଙ୍ଗା, କଇଥଖୋଲା ଓ କରଞ୍ଜମାଳ ଗ୍ରାମପଂଚାୟତରେ ସେବା ଯୋଗାଇଦେବା ପାଇଁ ଦୋସିଙ୍ଗା ଓ କରଞ୍ଜମାଳଠାରେ ୨ଟି ସମନ୍ୱିତ ପ୍ରାଣୀସମ୍ପଦ ବିକାଶ (ଆଇଏଲଡି) କେନ୍ଦ୍ର ଖୋଲାଯାଇଥିଲା । ଏଠାରେ ଗାଈ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ୨୧୮ ହାଇବ୍ରିଡ୍ ବାଛୁରୀ ଜନ୍ମ ହୋଇଛି । ଏହି ପ୍ରକଳ୍ପର ସାମଗ୍ରିକ ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ଜୀବିକା ସୁଯୋଗ ଯୋଗାଇ ଗ୍ରାମୀଣ ପରିବାରର ଆର୍ଥିକ ସ୍ଥିତିକୁ ବୃଦ୍ଧି କରିବା । ସ୍ଥାନୀୟ ପଶୁମାନଙ୍କର ଉନ୍ନତି କରି ଉତ୍ପାଦନ ବୃଦ୍ଧି କରିବା ସହ ସାମାଜିକ-ଅର୍ଥନୈତିକ ଲାଭ ବିଷୟରେ କୃଷକମାନଙ୍କୁ ସଚେତନ କରାଯାଉଛି । ଦ୍ୱିତୀୟ ପର୍ଯ୍ୟାୟରେ ସେପ୍ଟେମ୍ବର ୧୪ରେ କରଣପଲ୍ଲୀ ଗ୍ରାମପଂଚାୟତର ବିଜୟ ପାଟଣା ଗ୍ରାମରେ ଆଉ ଏକ ସମନ୍ୱିତ ପ୍ରାଣୀସମ୍ପଦ ବିକାଶ (ଆଇଏଲଡି) କେନ୍ଦ୍ର ଉଦ୍‌ଘାଟନ କରାଯାଇଛି, ଯାହା କରଣପଲ୍ଲୀ, ପଟିକ୍ରି ଏବଂ ବାଲିମୁଣ୍ଡା ଗ୍ରାମପଂଚାୟତକୁ ସେବା ଯୋଗାଇବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କରଣପଲ୍ଲୀ ସରପଂଚ ବାବୁଲି ସେଠୀ, ବାଂଶଡା ଭିଏସ୍ ଡକ୍ଟର ରଶ୍ମିରେଖା ସେଠୀ, ବିଏଆଇଏଫ୍ ଡକ୍ଟର ସନ୍ତୋଷ କୁମାର ଓ ପଙ୍କଜ ସିଂ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଜାଗୁଳାଠାରେ ଆଉ ଏକ କେନ୍ଦ୍ର ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ଜାଗୁଳା, ଧାମରା ଏବଂ ବାଂଶଡା ଗ୍ରାମପଂଚାୟତରେ କାର୍ଯ୍ୟ କରିବ ।

# ସେବା ସପ୍ତାହର ଦ୍ୱିତୀୟ ଦିବସରେ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ଓ ଚଷମା ବଂଟନ କଲେ ବିଜେପି କାର୍ଯ୍ୟକର୍ତ୍ତା

ଭୁବନେଶ୍ୱର,୧୫।୯ (ନି.ପ୍ର): ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ନିରାମୟ ଓ ଦୀର୍ଘଜୀବନ କାମନା କରି ବିଜେପି କାର୍ଯ୍ୟକର୍ତ୍ତାମାନେ ଗତ କାଲିଠୁ ସମଗ୍ର ଦେଶରେ ସେବା ସପ୍ତାହ ପାଳନ କରୁଛନ୍ତି । ଆସନ୍ତା ୧୭ ତାରିଖ ହେଉଛି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ। ସେବା ସପ୍ତାହର ଦ୍ୱିତୀୟ ଦିବସରେ ବିଜେପି କାର୍ଯ୍ୟକର୍ତ୍ତାମାନେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କୁ ଆବଶ୍ୟକୀୟ କୃତ୍ରିମ ଅଙ୍ଗ, ଉପକରଣ ଏବଂ ଚଷମା ବଂଟନ କରିଛନ୍ତି । ଏହି ଅବସରରେ କୋଭିଡ୍-୧୯ ନୀତି ନିୟମକୁ ପାଳନ କରି ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ସ୍ଥାନୀୟ ଦଳୀୟ ବିଧାୟକ, ବିଧାନସଭା ପ୍ରାର୍ଥୀ, ଦଳୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତିରେ ବଂଟନ କାର୍ଯ୍ୟ କରାଯାଇଥିଲା । ବାଲେଶ୍ୱର, ମୟୁରଭଂଜ, କେନ୍ଦୁଝର, ଭଦ୍ରକ, ଯାଜପୁର, ଜଗତସିଂହପୁର, କଟକ, ପୁରୀ, ନୟାଗଡ, ଖୋର୍ଦ୍ଧା, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଂଜାମ, କନ୍ଧମାଳ, ନୂଆପଡା, ଅନୁଗୁଳ, ଢେଙ୍କାନାଳ ଜିଲ୍ଲାର ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କୁ କୃତ୍ରିମ ଅଙ୍ଗ, ଉପକରଣ ଓ ଚଷମା ବଂଟନ କରାଯାଇଛି । ଏହି ସେବା ସପ୍ତାହରେ ବିଜେପି କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ପ୍ରକାରର ସେବାକାର୍ଯ୍ୟମାନ କରି ମାନନୀୟ ପ୍ରଧାନମନ୍ତ୍ରୀଙ୍କର ନିରାମୟ ଓ ଦୀର୍ଘଜୀବନ କାମନା କରିଥାନ୍ତି । ଚଳିତ ବର୍ଷ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ୭୦ତମ ଜନ୍ମ ଦିବସ ହୋଇଥିବା କାରଣରୁ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି.ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ସମଗ୍ର ଦେଶରେ ନିର୍ଦ୍ଧାରିତ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟମାନ ଅନୁଷ୍ଠିତ ଆରମ୍ଭ ହୋଇଛି ।

# ଡିଜେଲ ଟ୍ୟାଙ୍କ ଗାଡ଼ିରେ ଗଞ୍ଜେଇ ଚାଲାଣ



ରାୟଗଡ଼ା,୧୫।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମା ଦେଇ ବିହାର ରାଜ୍ୟର ପାଟଣା ସହରକୁ ଗଞ୍ଜେ ଚୋରା ଚାଲାଣ ବେଳେ ଧରାପଡିଲା ଡିଜେଲ ଟ୍ୟାଙ୍କର। ରାୟଗଡା ସହରଠାରୁ ୭ କିଲୋମିଟର ଦୂର ପିତାମହଲ ଗାଁ ନିକଟରେ ଆଞ୍ଚଳିକ ପରିବହନ ଅଧିକାରୀ ଚେକିଂ କରିବା ସମୟରେ ଏନ ଏଲ ୦୩ଏ ୫୬୯୫ ନମ୍ବର ଥିବା ଟ୍ୟାଙ୍କର ଧରାପଡିଥିବା ସୂଚନା ମିଳିଛି। ଏହି ଛକଠାରେ ଆର୍‌ଟିଓଙ୍କ ଦ୍ୱାରା ଗାଡ଼ିର କାଗଜ ପତ୍ର ଯାଞ୍ଚ କରାଯାଉଥିବା ସମୟରେ ଟ୍ୟାଙ୍କରଟି କାଗଜପତ୍ର ନଥିବା କହିଥିଲା । ପରେ ଯାଞ୍ଚ ପାଇଁ ପରିବହନ କାର୍ଯ୍ୟାଳୟକୁ ଗାଡିଟି ଅଣାଯାଇଥିଲା। ସେଠାରେ ଅନୁସନ୍ଧାନ ବେଳେ ଗଞ୍ଜେ ରହିଥିବା ଜଣାପଡିଛି। ଏହାପରେ ପରିବହନ ଅଧିକାରୀ ଦୀଲିପ କୁମାର ଦଳେଇ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୁଲିସ ପହଞ୍ଚି ତଦନ୍ତ କରିବା ବେଳେ ଗଞ୍ଜେ ଟ୍ୟାଙ୍କର ଭିତରେ ରହିଥିବା ନଜରକୁ ଆସିଥିଲା। ଏହାପରେ ଉକ୍ତ ଟ୍ୟାଙ୍କର ଜବତ କରିବା ସହ ଡ୍ରାଇଭର ରାଜକୁମାର ଯାଦବଙ୍କୁ ରାୟଗଡ଼ା ଥାନାରେ ପୁଲିସ ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ଚାଲିଥିବା ଯୋଗୁଁ ପୁଲିସ କୌଣସି ପ୍ରେସ ମିଟ୍ ବା ମତାମତ ଦେଇନାହିଁ। ତେବେ ଡ୍ରାଇଭର ଏହା ଜାଣିନଥିଲେ ବୋଲି କହିଛନ୍ତି।

# ପୂର୍ବତଟ ରେଳପଥ ଦ୍ୱାରା ପ୍ରଥମ ଥର ପାଇଁ ଫ୍ଲାଏ ଆସ୍ ପରିବହନ

ଭୁବନେଶ୍ୱର,୧୫।୯ (ନି.ପ୍ର): କୋଭିଡ -୧୯ ସମୟରେ ମିଶନ ମୋଡରେ, ପୂର୍ବ ତଟ ରେଳ ଉଭୟ ଶୁଳ୍କ ଏବଂ ଅଣ ଶୁଳ୍କ କ୍ଷେତ୍ରରେ ସାମଗ୍ରୀ ପରିବହନ ଆରମ୍ଭ କରିଛି ।ଭାରତୀୟ ପରିବହନ କ୍ଷେତ୍ରରେ ରେଳବାଇର ଅଂଶ ବୃଦ୍ଧି କରିବା ପାଇଁ ପୂର୍ବ ତଟ ରେଳପଥ ବର୍ତ୍ତମାନ ଆରମ୍ଭ ହୋଇଥିବା ବ୍ୟବସାୟ ବିକାଶ ୟୁନିଟ୍ (ବିଡିୟୁ) ମାଧ୍ୟମରେ ବାଣିଜ୍ୟ ଏବଂ ଶିଳ୍ପ ସହ ନିକଟତର ହୋଇଛି ଯାହା ଦ୍ୱାରା ଅଣ-ବହୁଳ ସାମଗ୍ରୀ ଟ୍ରାଫିକ୍ ସମେତ ବିଭିନ୍ନ ପ୍ରକାର ସାମଗ୍ରୀ କି ବିଭିନ୍ନ କ୍ଷେତ୍ରକୁ ପରିବହନ ହୋଇପାରିବ। ବିଡିୟୁ ଅଧୀନରେ ଦିଆଯାଇଥିବା ବିଭିନ୍ନ ଯୋଜନା ଅନୁଯାୟୀ ମାଲ ପରିବହନରେ ୪୦% ପ୍ରୋତ୍ସାହନ ଦିଆଯାଇଛି। ଏହି ଆଧାରରେ ମଙ୍ଗଳବାର ଦିନ ମେରାମଣ୍ଡଳୀରେ ଥିବା ଟାଟା ଷ୍ଟିଲ୍ ବିଏସ୍ଏଲ୍ ଲିମିଟେଡ୍ ସାଇଡିଂରୁ ପ୍ରଥମ ଥର ପାଇଁ ୫୮ ୱାଗନ୍ ବିଶିଷ୍ଟ ଏକ ପଣ୍ୟବାହୀ ଟ୍ରେନ ଦ୍ୱାରା ପଶ୍ଚିମବଙ୍ଗର ସଂକ୍ରାଏଲ ସ୍ଥିତ ଆମ୍ବୁଜା ସିମେଂଟ ଇଷ୍ଟର୍ନ ଲିମିଟେଡକୁ ଫ୍ଲାଏ ଆସ ପରିବହନ କରାଯାଇଛି । ଫ୍ଲାଏ ଆସ ବା ପାଉଁଶ ହେଉଛି ଏକ ସୂକ୍ଷ୍ମ ପାଉଡର ଏବଂ ବିଦ୍ୟୁତ୍ ଉତ୍ପାଦନରୁ ବିଦ୍ୟୁତ୍ ଉତ୍ପାଦନରେ ପଲଭରାଇଜଡ୍ କୋଇଲା ଜଳାଇବାର ଏକ ଉପ-ଉତ୍ପାଦ ଅଟେ । ଫ୍ଲାଏ ପାଉଁଶ ହେଉଛି ଏକ ପୋଜଜୋଲାନ୍, ଏକ ପଦାର୍ଥ ଯାହା ଆଲୁମିନିୟସ୍ ଏବଂ ସିଲିସିଅସ ପଦାର୍ଥ ଧାରଣ କରିଥାଏ ଯାହା ଜଳର ଉପସ୍ଥିତିରେ ସିମେଂଟ ସୃଷ୍ଟି କରେ । ଚୂନ ଏବଂ ପାଣି ସହିତ ମିଶ୍ରିତ ହେଲେ ଫ୍ଲାଏ ପାଉଁଶ ପୋର୍ଟଲ୍ୟାଣ୍ଡ ସିମେଂଟ ପରି ଏକ ଯୌଗିକ ସୃଷ୍ଟି କରେ । ଫ୍ଲାଏ ପାଉଁଶକୁ ଅନ୍ୟ ପଦାର୍ଥ ଦ୍ୱାରା ମିଶ୍ରଣ ଯୋଗୁଁ ନିର୍ମାଣ ସାମଗ୍ରୀ ଯଥା ମିଶ୍ରିତ ସିମେଂଟ, ମୋଜାଇକ୍ ଟାଇଲ୍ ଏବଂ ହୋଲୋବ୍ଲକ ତିଆରି କରାଯାଇଥାଏ । ଯେତେବେଳେ କଂକ୍ରିଟ ମିଶ୍ରଣରେ ବ୍ୟବହୃତ ହୁଏ, ଫ୍ଲାଏ ପାଉଁଶ କଂକ୍ରିଟ ଶକ୍ତି ଏବଂ ପୃଥକତାକୁ ଉନ୍ନତ କରିଥାଏ ଏବଂ କାର୍ଯ୍ୟ ସାଧନ କରିବା ସହଜ କରିଥାଏ ।

# ଆଜି ଚିହ୍ନଟ ହେଲେ ଆଉ ନୂଆ ୧୪୩ ଆକ୍ରାନ୍ତ

ଭଦ୍ରକ,୧୫।୯ : ଭଦ୍ରକ ଜିଲ୍ଲାରୁ ଆଜି ଆଉ ନୂଆ ୧୪୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ଅତିକ୍ରମ କରିଛି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଏବେ୪୦୮୪ ହୋଇଛି। ଅନ୍ୟପକ୍ଷରେ ଆଉ ୧୬୭ ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩୨୭୮ ହୋଇଛି। ଏବେ ଆଉ ୭୯୬ ଜଣ ଆକ୍ରାନ୍ତ ଆକ୍ଟିଭ ଅଛନ୍ତି। ସୂଚନା ଅନୁଯାୟୀ ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ବାସୁଦେବପୁର ବ୍ଲକରୁ ୪୭ଜଣ, ବାସୁଦେବପୁର ପୌରପାଳିକାରୁ ୧୩ଜଣ, ଭଦ୍ରକ ବ୍ଲକରୁ ୧୦, ଭଦ୍ରକ ପୌରପାଳିକାରୁ ୧୬, ବନ୍ତ ବ୍ଲକରୁ ୯, ଭଣ୍ଡାରିପୋଖରୀ ବ୍ଲକରୁ ୨ଜଣ, ଚାନ୍ଦବାଲି ବ୍ଲକରୁ ୫ଜଣ, ଚାନ୍ଦବାଲି ଏନ୍ଏସିରୁ ଜଣେ, ଧାମନଗର ବ୍ଲକରୁ ୩ଜଣ, ଧାମନଗର ଏନ୍ଏସିରୁ ଜଣେ, ତିହିଡି ବ୍ଲକରୁ ୩୫ଜଣ ଏବଂ ଅନ୍ୟ ଜିଲ୍ଲାର ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଜି ସୁଦ୍ଧା ଜିଲ୍ଲାରୁ ମୋଟ ୬୪ ହଜାର ୨୮୩ ନମୁନା ପରୀକ୍ଷା ହୋଇଛି।

# ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ : ବାଲେଶ୍ୱର ସ୍ଥାନାନ୍ତର

ଜଳେଶ୍ୱର, ୧୫/୯ (ନି.ପ୍ର) : ରାଇବଣିଆ ଥାନା ଅନ୍ତର୍ଗତ ଖୁଦିଆମାଝିସାହି ପଂଚାୟତର ପଦ୍ମିନୀ ଘୋଷ ଅରଜି ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱର ଜିକେଭଟର ହସ୍ପିଟାଲକୁ ଆଣଇଥିଲେ । ପଦ୍ମିନୀଙ୍କ ଅବସ୍ଥା ଗୁରୁତର ଥିବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ ପଦ୍ମିନୀ ଜଣେ ସ୍ୱାମୀ ପରିତ୍ୟକ୍ତ ମାନସୀକ ବିକାରଗ୍ରସ୍ତ ମହିଳା । ତାଙ୍କ ଘରେ କେହି ନଥିବା ବେଳେ ଏପରି କାଣ୍ଡ ଭିଆଇଥିବା ଗ୍ରାମବାସୀଙ୍କ ପକ୍ଷରୁ ସୂଚନା।

# ଭୁବନେଶ୍ୱରରୁ ଆଉ ୩୪୨ କରୋନା ପଜିଟିଭ

ଭୁବନେଶ୍ୱର,୧୫।୯ (ନି.ପ୍ର): ଭୁବନେଶ୍ୱର ସହରରୁ ମଙ୍ଗଳବାର ଆଉ ୩୪୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ସଂଗରୋଧରୁ ୯୮ ଜଣ ଠାବ ହୋଇଥିବା ବେଳେ ଅନ୍ୟ ୨୪୪ ଜଣ ସ୍ଥାନୀୟ ସଂକ୍ରମିତ। ୩୮୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏପର୍ଯ୍ୟନ୍ତ ୧୬,୯୩୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରୁ ୧୨,୨୮୮ ଜଣ ସୁସ୍ଥ ହୋଇଥିବା ବେଳେ ୪,୫୬୮ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ୬୪ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି ବୋଲି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ୍ ଜରିଆରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଆଜି ଭୁବନେଶ୍ୱରର ସଂଗରୋଧରୁ ଚିହ୍ନଟ ସମସ୍ତ ୯୮ ଜଣ ଆକ୍ରାନ୍ତ ପୂର୍ବରୁ ଚିହ୍ନଟ ହୋଇଥିବା ପଜିଟିଭ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛନ୍ତି । ଏଥିରେ କଳିଙ୍ଗ ନଗରରୁ ୪ ଜଣ, ୟୁନିଟ-୩ରୁ ୩ ଜଣ, ବେହେରା ବସ୍ତିରୁ ୩ ଜଣ କରୋନା ଆକ୍ରାନ୍ତ ଅଛନ୍ତି। ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ଆଇଆରସି ଭିଲେଜରୁ ସର୍ବାଧିକ ୯ ଜଣ, ଡୁମଡୁମାରୁ ୭ ଜଣ, ରସୁଲଗଡ଼, ଶୈଳଶ୍ରୀ ବିହାର, ବରମୁଣ୍ଡା, ୟୁନିଟ-୬ରୁ ୬ ଜଣ ଲେଖାଏଁ, ବମିଖାଲରୁ ୫ ଜଣ, ମଂଚେଶ୍ୱର, ପଳାଶୁଣୀ, ପଟିଆ, ବିଜେବି ନଗର, ନୟାପଲ୍ଲୀରୁ ୪ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆଜି ଭୁବନେଶ୍ୱରରୁ ସୁସ୍ଥ ହୋଇଥିବା ୩୮୭ ଆକ୍ରାନ୍ତଙ୍କ ତାଲିକାରେ ସହିଦ ନଗରରୁ ୨୦ ଜଣ ନୟାପଲ୍ଲୀରୁ ୧୮ ଜଣ, ପଟିଆ ବିଗବଜାର ଅଂଚଳରୁ ୧୩ ଜଣ, ୟୁନିଟ-୯ରୁ ୧୦ ଜଣ, ବିଡିଏ କଲୋନି, ୟୁନିଟ-୪ରୁ ୯-୯ ଜଣ ଅଛନ୍ତି।ସେହିପରି ୟୁନିଟ-୨ ଓ ୟୁନିଟ-୩ ସରକାରୀ କ୍ୱାର୍ଟସରୁ ୭ ଜଣ, ସତ୍ୟ ବିହାରରୁ ୭ ଜଣ, ବରମୁଣ୍ଡା ଗାଁରୁ ୬ ଜଣ, ସେନିକ ସ୍କୁଲରୁ ୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ସମାଜସେବୀ ସୁବଳ ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲିଆପାଳ,୧୫।୯ (ନି.ପ୍ର): ବାଲିଆପାଳ ଅଞ୍ଚଳର ସମାଜସେବୀ ତଥା ବିଦ୍ୟାର୍ଥୀ ପରିସରର ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ସୁବଳ ଦାସଙ୍କ ବିୟୋଗରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପୁରାତନ ଛାତ୍ର ପରିଷଦ ପକ୍ଷରୁ ବାଲିଆପାଳଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱାସ ଟ୍ରେନିଂ ସେଣ୍ଟର ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ର ସଂସଦର ପୂର୍ବତନ ସଭାପତି ତଥା ସାମ୍ବାଦିକ ଅଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ସମାଜସେବୀ ତଥା ବିଜୁ ଜନତା ଦଳର ସାଧାରଣ ସଂପାଦକ ଶ୍ୟାମାପ୍ରସାଦ ବେହେରା,ଅଧ୍ୟାପକ ସୁକାନ୍ତ କୁମାର ଗିରି,ଛାତ୍ର ସଂସଦର ପୂର୍ବତନ ସଭାପତି ତଥା ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ,ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ଶିକ୍ଷକନେତା ଭଗିରଥ ପ୍ରଧାନ,ସମାଜସେବୀ ତଥା ରାଜନେତା ବାସୁଦେବ ପଣ୍ଡା,ସମାଜସେବୀ ଯାଦବେଶ ମିଶ୍ର,ଆଇନଜିବୀ ସତ୍ୟପ୍ରକାଶ ବେହେରା,ସାମ୍ବାଦିକ ଦିଲିପ କୁମାର ଦାସ,କବି ସନ୍ୟାସୀ ବେହେରା,ଛାତ୍ର ସଂସଦର ପୂର୍ବତନ ସାଧାରଣ ସଂପାଦକ ନିଶାକର ସେଠୀ, ରାଧାକୃଷ୍ଣ ବେହେରା, ନୀଳକଣ୍ଠ ଜେନା, ଅଜୟ ପଟ୍ଟନାୟକ,ରବୀନ୍ଦ୍ର ଦତ୍ତ,ବିଜୟ ସାହୁ,ଶିବପ୍ରସାଦ ପାଳ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସୁବଳ କୁମାର ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରି କହିଥିଲେ ଯେ ସ୍ୱର୍ଗତ ଦାସ ଛାତ୍ର ଜୀବନରୁ ବିଦ୍ୟାର୍ଥୀ ପରିଷଦ ଓ ବିଜେପି ସହିତ ଜଡିତ ରହି କାର୍ଯ୍ୟକରିବା ସହିତ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ ସେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । କଲେଜ ଶିକ୍ଷା ପରେ ସମାଜସେବାକୁ ନିଜର ବ୍ରତ ବୋଲି ଭାବି ନେଇଥିଲେ । ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ କାର୍ଯ୍ୟକରିବା ସହିତ ତାଙ୍କର ଧର୍ମପତ୍ନୀ ସନ୍ଧ୍ୟାରାଣୀ ଦାସଙ୍କ ମାଧ୍ୟମରେ କୃପାଜଳ ସ୍ୱୟଂ ସହାୟକ ଗୋଷ୍ଠି ଗଠନ କରି ବିଭିନ୍ନ ସଚେତନତା କାର୍ଯ୍ୟକରିବା ସହିତ ଦୈବଦୁର୍ବିପାକ ସମୟରେ ଲୋକଙ୍କୁ ରିଲିଫ ଯୋଗାଇ ଆସୁଥିଲେ । ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ କରୋନା ଯୋଦ୍ଧା ହିସାବରେ କରୋନା ସଚେତନତା କରି ନିଜେ କରୋନାରେ ଜୀବନ ଦେଇ ଦେଲେ ବୋଲି ବକ୍ତାମାନେ କହିଥିଲେ । ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ସ୍ୱର୍ଗତ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ସହିତ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଦିଲ୍ଲୀରେ ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ପାଠାଗାର ପାଇଁ ଜମି ଯୋଗାଇବାକୁ ଦାବି କଲେ ସାଂସଦ ସସ୍ମିତ ପାତ୍ର



ନୂଆଦିଲ୍ଲୀ/ ଭୁବନେଶ୍ୱର,୧୫।୯ (ନି.ପ୍ର): ନୂଆଦିଲ୍ଲୀରେ ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ପାଇଁ ଶୀଘ୍ର ଜମି ଯୋଗାଇ ଦେବା ପାଇଁ ସଂସଦରେ ଦାବି ଉପସ୍ଥାପନା କରିଛନ୍ତି ରାଜ୍ୟସଭା ସଦସ୍ୟ ଡ. ସସ୍ମିତ ପାତ୍ର। ମଙ୍ଗଳବାର ଦିନ ଡ. ପାତ୍ର ଏହି ପ୍ରସଙ୍ଗକୁ ରାଜ୍ୟସଭାରେ ସ୍ପେଶାଲ ମେନସନ୍ ଜରିଆରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଂସଦ ଶ୍ରୀ ପାତ୍ର କହିଥିଲେ ଯେ ଓଡ଼ିଶା ସଂସ୍କୃତି ଓ ପରମ୍ପରାର ରାଜ୍ୟ, ଓଡ଼ିଶୀ ନୃତ୍ୟକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ମିଳିଥିବା ବେଳେ ଓଡ଼ିଆ ଭାଷା ଦେଶର ଷଷ୍ଠ ଶାସ୍ତ୍ରୀୟ ଭାଷା ରୂପେ ମାର୍ଯ୍ୟାଦା ପାଇଛି। ଏଥିସହିତ ଓଡ଼ିଶାର ପାରମ୍ପରିକ ଖାଦ୍ୟ, ଚାଲିଚଳଣ, ହସ୍ତତନ୍ତ ଓ ହସ୍ତଶିଳ୍ପ, ବୟନକଳା ନିଜର ବୈଶିଷ୍ଟ୍ୟ ପାଇଁ ଦେଶ ଓ ଦେଶ ବାହାରେ ଖୁବ୍ ପ୍ରସିଦ୍ଧ ଅର୍ଜନ କରିଛି। ଓଡ଼ିଶାର ସଂସ୍କୃତିକୁ ଜାତୀୟ ରାଜଧାନୀରେ ଉପସ୍ଥାପନା କରିବା ପାଇଁ ସ୍ଥାୟୀ କୋଠା କିମ୍ବା ସାଂସ୍କୃତିକ କେନ୍ଦ୍ର ନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ଦିଲ୍ଲୀରେ ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ନିଷ୍ପତି ନିଆଯାଇଥିଲା। ଗତବର୍ଷ ଡିସେମ୍ବର ୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସହରାଂଚଳ ବିକାଶ ମନ୍ତ୍ରୀକୁ ପତ୍ର ଲେଖି ଦିଲ୍ଲୀରେ ସାଂସ୍କୃତିକ କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ପାଇଁ ଜମି ଆବଂଟନ ପାଇଁ ଅନୁରୋଧ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖିବାର ୯ମାସ ବିତିଯିବା ସତ୍ୱେ ବର୍ତ୍ତମାନ ସୁଦ୍ଧା ଜମି ଆବଂଟନ କରାଯାଇ ନାହିଁ। କେନ୍ଦ୍ର ସରକାର ଖୁବଶୀଘ୍ର ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ପାଠାଗାର ସ୍ଥାପନା ପାଇଁ ଦିଲ୍ଲୀରେ ଜମି ଯୋଗାଇ ଦେବାକୁ ତତ୍ପରତା ପ୍ରକାଶ କରିବେ ବୋଲି ସାଂସଦ ଆଶା ବ୍ୟକ୍ତ କରିଥିଲେ।

# ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ଏମ୍ଏଲ ପକ୍ଷରୁ ଏକ ଗଣବିକ୍ଷୋଭ




ରାୟଗଡ଼ା ,୧୫।୯ (ନି.ପ୍ର): ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତ୍ରୀପତି ଗମାଙ୍ଗଙ୍କ ନେତୃତ୍ୱରେ ସିପିଆଇ ଏମ୍ଏଲ୍ ପକ୍ଷରୁ ଏକ ବିଶାଳ ଗଣ ବିକ୍ଷୋଭ ପ୍ରଦର୍ଶନ କରି ନିଜର ୧୦ ଦଫା ଦାବିପତ୍ର ଉପସ୍ଥାପନା କରିଥିଲେ । ଅଖିଳ ଭାରତୀୟ ଗ୍ରାମୀଣ କ୍ଷେତ ମଜଦୁର ସଭା (AIARLA)ଓ ଅଖିଳ ଭାରତ ପ୍ରଗତିଶୀଳ ମହିଳା ଆସୋସିଏସନ (IPWA)ମିଳିତ ଭାବେ ବିଭିନ୍ନ ଦାବି ଉପସ୍ଥାପନା କରିଛନ୍ତି । ଶ୍ରୀଯୁକ୍ତ ଗମାଙ୍ଗ ଏହି ଦାବି ଗୁଡିକୁ ଲିଖିତ ମାଧ୍ୟମରେ ଉପସ୍ଥାପନା କରିଛନ୍ତି ଯଥା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡିହୋଇଥିବା ମହିଳା ମାନଙ୍କ ଋଣ ଛାଡ଼ କରିବା, ଗ୍ରାମୀଣ କ୍ଷେତ ମଜଦୁର ଓ ପ୍ରବାସୀ ଶ୍ରମିକମାନଙ୍କୁ ମନରେଗା ତରଫରୁ ୨୦୦ ଦିନ କାମ ଓ ୫୦୦ ଟଙ୍କା ମଜୁରୀ ପ୍ରଦାନ, ସମସ୍ତ ମହିଳାଙ୍କୁ ଏକଲକ୍ଷ ଟଙ୍କା ଶୁଦ୍ଧ ମୁକ୍ତ ଋଣ ପ୍ରଦାନ, ମୁଲିଆ ଓ ଶ୍ରମିକଙ୍କୁ ୧୫ କିଲୋ ଓ ଗହମ ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ ସହ ଲକଡାଉନ ଭତ୍ତା ୧୦ ହଜାର ଟଙ୍କା ପ୍ରଦାନ, ସାମୁହିକ ଋଣ ଲାଗି ରାଜ୍ୟ ସ୍ତରରେ ଏକ ନିୟନ୍ତ୍ରଣ ପ୍ରାଧିକରଣ ଗଠନ ଓ ମହିଳାଙ୍କ କର୍ମ ନିଯୁକ୍ତି ସୁନିର୍ଶ୍ଚିତ କରିବା, ସ୍ୱରୋଜଗାର ପାଇଁ ୧୦ ଲକ୍ଷ ଋଣ ଦେଇ ୪ % ସୁଦ୍ଧ ନେବା, ଲୋକଙ୍କୁ ବିନା ପଟାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଘର ପିଛା ୨ ଲକ୍ଷ ଲେଖାଏଁ ପ୍ରଦାନ କରିବା ଭଳି ବିଭିନ୍ନ ଦାବି ନେଇ ରାୟଗଡା ରେଳଷ୍ଟେସନଠାରୁ ଏକ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ରପ୍ରଦାନ କରିଥିଲେ । ଯଥାଶୀଘ୍ର ଏହିସବୁ ଦାବି ପୂରଣ ନହେଲେ ଆଗାମୀ ଦିନରେ ଏକ ବିଶାଳ ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀଯୁକ୍ତ ତିରୁପତି ଗମାଙ୍ଗ ଚେତାବନୀ ଦେଇଛନ୍ତି ।

# ରେଲୱେ ବସ୍ତିରୁ ଉଚ୍ଛେଦ ଲୋକଙ୍କ ଧାରଣା ଓ ଦାବିପତ୍ର

ବାରିପଦା ,୧୫।୯ (ନି.ପ୍ର): ଭଂଜପୁର ରେଲୱେ ଷ୍ଟେସନ ନିକଟ ଯମୁନାଦେଇପୁର ରେଲୱେ ବସ୍ତିରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ୩୦ ରୁ ଉର୍ଦ୍ଧ ପରିବାର ରେଳ ବିଭାଗ ଦ୍ୱାରା ଉଚ୍ଛେଦ ହେବା ପରେ ସେମାନଙ୍କର ସ୍ଥାୟୀ ଘରଡିହ ନଥିବାରୁ ସମସ୍ତ ଭୂମୀଶୂନ୍ୟ ପରିବାର ସେମାନେ ରହି ଆସୁଥିବା ରେଲୱେ ବସ୍ତିର ସାମ୍ନାରେ ବିଜୟ ରାମଚନ୍ଦ୍ରପୁର ଠାକୁରାଣି ସାହି ମୌଜାରେ ଫାଙ୍କା ପଡିଥିବା ଏକ ସରକାରୀ ଜମୀକୁ ଗତ ୨ ତାରିଖରେ ସଫା ସୁତୁରା କରି ତମ୍ବୁ , ପଲିଥିନ ଟାଣି ଅତି ଦୟନୀୟ ଭାବରେ ଛୁଆ ପିଲା ଧରି ରହି ଆସୁଥିଲେ । ଏହି ବେଆଇନ ବସତି ସ୍ଥାପନକୁ ସ୍ଥାନୀୟ ଲୋକେ ବିରୋଧ କରୁଥିବା ବେଳେ ଭୂମୀଶୂନ୍ୟ ପରିବାର ମାନେ କିନ୍ତୁ ନିରୁପାୟ ହୋଇ ସେହି ସ୍ଥାନରେ ରହି ଆସୁଥିଲେ । ଏବେ ପ୍ରସାଶନ ପକ୍ଷରୁ ଉକ୍ତ ଜମୀ ଉପରେ ୧୪୪ ଧାରା ଜାରୀ କରାଯାଇଥିବାରୁ ଏହି ବେସାହାରା ଲୋକ ମାନେ ଆଜି ଜିଲ୍ଲାପାଳଙ୍କ ନିକଟକୁ ନିଜର ଅଭିଯୋଗ ନେଇ ପଦଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ସେମାନଙ୍କୁ ତୁରନ୍ତ ଥଇଥାନ କରିବାକୁ ଦାବୀପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ପ୍ରକାଶ ଥାଉକି ଉକ୍ତ ସରକାରୀ ଜମୀ ମଧ୍ୟରୁ କିଛି ଜମୀ ସ୍ଥାନୀୟ କିଛି ପ୍ରତିପତିଶାଳି ଲୋକଙ୍କ କବ୍ଜାରେ ମଧ୍ୟ ରହିଛି। ତେବେ ପ୍ରସାଶନ ଏହି ବାସହରା ଲୋକଙ୍କୁ ଥଇଥାନ କରିବାକୁ କୌଣଷି ଯୋଜନା କରିନଥିବା ବେଳେ ଏବେ କରୋନା ମହାମାରୀ ଜନୀତ କଟକନା ସମୟରେ ଲୋକେ ରୋଜଗାର ହରାଇ ବହୁ କଷ୍ଟରେ କାଳାତିପାତ କରୁଥିବା ବେଳେ ପ୍ରସାସନ ପକ୍ଷରୁ ୧୪୪ ଧାରା ଜାରୀ କରାଯାଇଥିବା ଘଟଣାକୁ ସହଜରେ ଗ୍ରହଣ କରିପାରୁନଥିବାର କହିଛନ୍ତି ବିସ୍ଥାପିତ ଭୂମୀଶୂନ୍ୟ ପରିବାର ମାନେ ।

# ସମାଜସେବୀ ସୁଦର୍ଶନ ଦାସଙ୍କ କକାଙ୍କ ମୃତ୍ୟୁ

ଜଳେଶ୍ୱର, ୧୫/୯ (ନି.ପ୍ର) : ଆଜି ଅପରାହ୍ନ ୩ଟାରେ ପୂର୍ବତନ ପ୍ରଧାନ ଶିକ୍ଷକ, ଶିକ୍ଷକ ଆନ୍ଦୋଳନର ଅନ୍ୟତଜଣେ ପୁରଧା, ଦକ୍ଷ ଶିକ୍ଷକ ଓ ବିଭିନ୍ନ ସାମାଜିକ ଆନ୍ଦୋଳନରେ ନିଜକୁ ସାମିଲ ରଖିଥିବା ନିତ୍ୟାନନ୍ଦ ଦାସଙ୍କ ୬୭ବଷୟ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ସେ ମଧୁମେହ ଓ କିଡ୍‌ନୀ ଜନୀତ ରୋଗରେ ପିଡିତ ଥିଲେ । କଂଗ୍ରେସ ରାଜ୍ୟ ମୁଖପାତ୍ର ଓ ରାଜୀବଗାନ୍ଧି ପଂଚାୟତରାଜ ସଂଗଠନର ଅଧ୍ୟକ୍ଷ ତଥା ସ୍ତମ୍ଭକାର ସୁଦର୍ଶନ ଦାସଙ୍କ ସେ ଥିଲେ କକା । ସୁଦର୍ଶନ ଦାସଙ୍କ ୬ବର୍ଷ ବୟରେ ମାତୃବିୟୋଗ ହୋଇଥିବାରୁ ତାଙ୍କର ଏହି କାକାହିଁ ଅଦ୍ୟାବଧି ମାର୍ଗଦର୍ଶକଭାବେ କାର୍ଯ୍ୟ କରି ଆସୁଥିଲେ । ମୃତ୍ୟୁଶର୍ଯ୍ୟା ନିକଟରେ ନିତ୍ୟାନନ୍ଦ ଦାସଙ୍କ ପୁତ୍ର ସବ୍ୟସାଚୀ, ଝିଆ ସଂଯୁକ୍ତା ଓ ସସ୍ମିତା, ସ୍ତ୍ରୀ ବିନତୀ ଓ ସୁଦର୍ଶନ ବାବୁଙ୍କ ପରିବାର ଉପସ୍ଥିତ ଥିଲେ। ତାଙ୍କୁ ତାଙ୍କ ଗ୍ରାମତମ୍ଭାଖୁରୀ ଗାଁର ଶ୍ମାସାନରେ ମୁଖାଗ୍ନି ଦିଆଯିବାର ବ୍ୟବସ୍ଥା ହୋଇଛି ।

# ଦିଲ୍ଲୀ ଦଂଗାରେ ପୁଲିସ୍ ପକ୍ଷରୁ ଷଡଯନ୍ତ୍ର ପ୍ରତ୍ୟାହାର ହେଉ : ସିପିଏମ୍

ଜଳେଶ୍ୱର, ୧୫/୯ (ନି.ପ୍ର) : ସିପିଏମର ଜଳେଶ୍ୱର ଲୋକାଲ କମିଟି ପକ୍ଷରୁ ଦିଲ୍ଲୀ ଦଂଗା ସଂପର୍କରେ ଜାତୀୟ ନେତା ଓ ଶିକ୍ଷାବିତ୍ ମାନଙ୍କ ବିରୋଧରେ ଦିଲ୍ଲୀ ପୁଲିସ୍ ପକ୍ଷରୁ ଷଡଯନ୍ତ୍ର ମାମଲା ଦାଏର ହୋଇଥିବାରୁ ଏହା ବିରୋଧରେ ଏକ ପ୍ରତିବାଦ ବିକ୍ଷୋଭ ଜଳେଶ୍ୱର ଷ୍ଟେସନ ଛକ ନିକଟରେ ଅନୁଷ୍ଠିତ ହୋଇ ଯାଇଛି । ଚାର୍ଜସିଟରେ ସପିଏମ୍‌ର ସର୍ବଭାଗରୀତୟ ସଂପାଦକ ସୀତାରାମ ୟେଚୁରୀ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଜୟନ୍ତୀ ଘୋଷ, ଦିଲ୍ଲି ବିଶ୍ୱବିଦ୍ୟାଳୟର ପ୍ରଫେସର ଅପୂର୍ବା ନନ୍ଦ, ସ୍ୱରାଜ ଇଣ୍ଡିଆର ସଭାପତି ଯୋଗେନ୍ଦ୍ର ଯାଦବ, ଚଳଚିତ୍ର ନିର୍ମାତା ରହୁଲ ରାୟ ପ୍ରମୁଖ ପୁଲିସ୍‌ର ଚାର୍ଜସିଟରେ ଷଡଯନ୍ତ୍ରକାରୀଭାବେ ଦାଖଲ ହୋଇଛି। ବିଜେପି ନେତା ମାନଙ୍କର ଏଥିରେ ଉସ୍କାଣୀ ମୂଳ ବ୍ୟକ୍ତବ୍ୟ ଏକ ଫାସିବାଦୀ ଷଡଯନ୍ତ୍ର ବୋଲି ଆଜି ବିକ୍ଷୋଭରେ କହୁଯାଇଛି । ଏହି ବିକ୍ଷୋଭରେ ଦିଲ୍ଲିପ କୁମାର ଗିରି, ସିତାଂଶୁ ସେନାପତି, ତାପସୀ ପ୍ରହରାଜ, ପଲ୍ଲୁ ଦାସ, ରବିନ୍ଦ୍ର ବାରିକ, ସେକ୍ ଅବଦୁଲ ସାଦିକ, ଗଣେଶ ଭୂୟାଁ, ଜତିନ ଜେନା, ଜୀବନ ପରିଡା, ସେକ୍ ଅବଦୁଲ ଦାଦ୍ଦିକ, ବସନ୍ତ ପ୍ରଧାନ, ସେକ୍ ସିତାରୁଦ୍ଦିନ, ସେକ୍ ହବିବୁଦ୍ଦିନ, ଅବଦୁଲ ରହିମ, ଅରୁଣ ରାୟ, ମଦନ ମହାଳି, ପରେଶ ନନ୍ଦି, ଅକ୍ଷୟ ମହାନ୍ତି, ସେକ୍ ଆୟବୁ, ପ୍ରଶାନ୍ତ ଧଳ, ସେକ୍ ସୁଦିଅେ, ଝଣ୍ଟୁ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo